بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 1

ସଂଖ୍ୟା ୪-୨

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 28 ଅପ୍ରେଲ/ 05 ମଇ 2016- 28 ଶାହାଦତ/, 5 ହିଜରତ 1395 ହି:କ1437 ହି.ଶ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ·ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ·ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ·ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ମୁଁ ଆଶ୍ଚର୍ଯ୍ୟାନ୍ୱିତ ଭାବେ ପ୍ରତ୍ୟେକ ସମୟରେ ଅନୁଧ୍ୟାନ କରି ଆରବର ସେହି ପ୍ରେରିତ ନବି ଯାହାଙ୍କ ନାମ ମହମ୍ମଦ,[ସ:ଆ:ସ] କି ପ୍ରକାର ଉଚ୍ଚ କୋଟିର ବ୍ୟକ୍ତିତ୍ୱ ର ନବି ଅଟନ୍ତି । ଯାହାଙ୍କର ଉଚ୍ଚାସନ ସମ୍ବନ୍ଧେ କଳ୍ପନା କରିବା ଅସମ୍ଭବ । ଏବଂ ତାଙ୍କର କାର୍ଯ୍ୟ କଳାପକୁ ନିରିକ୍ଷଣ କରିବା ସାଧାରଣ ମନୁଷ୍ୟର ଚିନ୍ତାର ବାହାରେ ତାଙ୍କର ଗୁଣାବଳୀର ସତ୍ୟତାକୁ ଯେପରି ଚିହ୍ନିତ କରିବା କଥା ସେ ଭଳି ଚିହ୍ନିତ କରାଯାଇ ପାରି ନାହିଁ, ଯେଉଁ ଏକଶ୍ୱରବାଦ ପୃଥିବୀ ପୃଷ୍ଠରୁ ଲୋପ ପାଇ ଯାଇଥିଲା, ସେ ହିଂ ଏକ ଯୋଦ୍ଧା ତାହାକୁ ପୃଥିବୀ ପୃଷ୍ଠରେ ପୁନଃ ପ୍ରତିଷ୍ଠା କରିପାରି ଥିଲେ ।**

## ହଜରତ ମସିହ ମଉଦ[ଅ.ସ]ଙ୍କ ନୀତି ବାଣୀ

ଅଲ୍ଲାଃତାଲା ନିର୍ଭରଶୀଳ ନୁହନ୍ତି ଯେପରି କି ସେ କହୁଛନ୍ତି 'ଇନ୍ନଲ୍ଲାହା ଗନିୟୁନ୍ ଅନିଲ୍ ଆଲମିନ୍ (ଆଲେ ଇମ୍‌ରାନ : ୯୮) ଏବଂ ଓ୍ୱଲ୍ଲଜିନା ଯାହଦୁ ଫିନା ଲନହ୍ ଦିୟନ୍ନହୁମ୍ ସୁବୁଲନା' (ଅନକବୁତ୍ :୭୦) ଅର୍ଥାତ -: ଅଲ୍ଲାଃ ସମଗ୍ର ଜଗତରେ କାହାରି ଉପରେ ନିର୍ଭରଶୀଳ ନୁହନ୍ତି ଏବଂ ଯେଉଁମାନେ ଆମ ମାର୍ଗରେ ସଂଘର୍ଷରତ ଏବଂ ଆମ ସନ୍ଧାନରେ ଅହରହ ଚେଷ୍ଟା ଚଲାଇଛନ୍ତି ଆମେ ନିଶ୍ଚିତରୁପେ ସେମାନଙ୍କ ପଥପଦର୍ଶକ ହୋଇଥାଉଁ । ତେଣୁ ଅଲ୍‌ଃଙ୍କ ମାର୍ଗରେ ସର୍ବ ପ୍ରଥମେ ନବୀ (ଅବତାର) ବଳିଦାନ କରନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜପାଇଁ ଚେଷ୍ଟା କରୁଥିବା ବେଳେ ନବୀ ଅନ୍ୟର (ମଙ୍ଗଳ ପାଇଁ) ଚେଷ୍ଟା କରିଥାନ୍ତି । (ସାଧାରଣ) ମନୁଷ୍ୟ ଶୋଇଯାଇଥାଏ ମାତ୍ର ନବୀ ସେମାନଙ୍କ ପାଇଁ ଉଜାଗର ରହନ୍ତି । ସେହିପରି ଲୋକେ ହସୁଥିବା ବେଳେ ସେମାନେ ତାଙ୍କ ପାଇଁ କାନ୍ଦନ୍ତି ; ଏବଂ ସଂସାରର ମୁକ୍ତି ପାଇଁ ସବୁ ଦୁଃଖ କଷ୍ଟକୁ ଖୁସିର ସହିତ ଆପଣେଇ ନେଇଥାନ୍ତି । ଏସବୁ ସେ ଏଥିପାଇଁ କରିଥାନ୍ତି ଯେ ଅଲ୍ଲାଃତାଲା ଏହାଦ୍ୱାରା ଏପରି ଚମତ୍କାର ପ୍ରକଟ କରାଇବେ ଯଦ୍ୱାରା ଲୋକମାନଙ୍କ ନିମିତ ପ୍ରମାଣ ହୋଇଯିବ ଯେ ଅଲ୍ଲାଃ ଅଛନ୍ତି ଏବଂ ଚେଷ୍ଟା କରୁଥିବା ଲୋକଙ୍କ ଉପରେ ତାଙ୍କର ସ୍ଥିତି ଓ ଏକେଶ୍ୱର ବାଦ ପ୍ରକଟ ହୋଇଯିବ ଏବଂ ସେମାନେ (ମୋକ୍ଷ) ନଜାତ୍ ପାଇଯିବେ । ତେଣୁ ସେମାନେ ନିଜ ଘାତକ ଶତ୍ରୁ ମାନଙ୍କ ପାଇଁ ମଧ୍ୟ ଦୟାଶୀଳ ମନୋଭାବ ପୋଷଣ କରିଥାନ୍ତି । ଯେତେବେଳେ ଏହି ବ୍ୟଥା ଚରମ ସୀମାରେ ପହଂଚି ଥାଏ ଓ ସେମାନଙ୍କ କରୁଣ ଚିତ୍କାର (ଯାହା ସଂସାର ବାସୀଙ୍କ ମୁକ୍ତି ପାଇଁ ଉଦ୍ଦିଷ୍ଟ) ଆକାଶରେ ଭରିଯାଇଥାଏ ସେତେବେଳେ ଅଲ୍ଲାଃତାଲା ନିଜର ଚମକପ୍ରଦ ଚେହେରା ଓ ମଜ୍‌ବୁତ୍ ନିଦର୍ଶନ ଦ୍ୱାରା ନିଜର ଅସ୍ତିତ୍ୱ ଓ ଏକେଶ୍ୱର ବାଦକୁ ଲୋକଲୋଚନରେ ପ୍ରକାଶ କରିଥାନ୍ତି । ତେଣୁ ନିସନ୍ଦେହ ଏକଶ୍ୱରବାଦ ଓ ଅଲ୍ଲାଃଙ୍କ ଅସ୍ତିତ୍ୱବୋଧ ରସୁଲ (ଅବତାର) ଙ୍କ ଜରିଆରେ ହିଁ ପ୍ରାପ୍ତ ହୋଇଥାଏ । ଏହା ଏମାନଙ୍କ ବିନା କଦାପି ମିଳିପାରିବ ନାହିଁ । ଏହି ସମ୍ବନ୍ଧରେ ସବୁଠାରୁ ଜ୍ୱଳନ୍ତ ଉଦାହରଣ ଆମ ନବୀ କରିମ୍[ସ୍ୱ:ଆ:ସ] ଦେଖାଇଛନ୍ତି । ଗୋଟିଏ ଜାତି ଯିଏ ମଇଳା ଗଦାରେ ବସି କଳୁଷିତ ହୋଇଯାଇଥିଲା ସେମାନଙ୍କୁ ମଇଳାରୁ ବାହାର କରି ଏକ ଚିର ହରିତ ଉଦ୍ୟାନ ରେ ପହଂଚାଇ ଦେଲେ ଏବଂ ଯେଉଁମାନେ ଆଧ୍ୟାତ୍ମିକ ଭୋକ ଶୋଷ ଦ୍ୱାରା ମୃତ ସଦୃଶ ହୋଇଯାଇଥିଲେ ସେମାନଙ୍କ ପାଇଁ ଉଚ୍ଚକୋଟିର ଆଧ୍ୟାତ୍ମିକ ଖାଦ୍ୟ ଓ ମଧୁର ପେୟର ବ୍ୟବସ୍ଥା କଲେ । ସେମାନଙ୍କୁ ପାଶବିକ ସ୍ଥିତିରୁ ଉଦ୍ଧାର କରି ମଣିଷ ଗଢିଲେ ପୁଣି ସାଧାରଣ ମନୁଷ୍ୟରୁ ସୁସଂସ୍କାର ମନୁଷ୍ୟ ପୁଣି ସୁସଂସ୍କାର ମନୁଷ୍ୟରୁ ସମ୍ପୁର୍ଣ୍ଣ ମନୁଷ୍ୟ କଲେ । ପୁଣି ସେମାନଙ୍କ ପାଇଁ ଏପରି ନିଦର୍ଶନ ଦେଖାଇଲେ ଯେ ସେମାନଙ୍କୁ ଅଲ୍ଲାଃଙ୍କ ଦର୍ଶନ କରାଇଦେଲେ ଓ ସେମାନଙ୍କ ମଧ୍ୟରେ ଏପରି ପରିବର୍ତନ ଆଣିଲେ ଯେ ସେମାନେ ଫଂରିସ୍ତା (ଦେବଦୂତ) ଙ୍କ ସହିତ ହାତ ମିଳାଇଲେ । ଏପରି ନିଦର୍ଶନ କୌଣସୀ ନବୀଙ୍କ ଦ୍ୱାରା ତାଙ୍କ ଗୋଷ୍ଠିଙ୍କ ପାଇଁ ପ୍ରକଟିତ ହୋଇନାହିଁ କାରଣ ତାଙ୍କ ଅନୁଗାମୀ ଦୃବଳ ଥିଲେ ।

ତେଣୁ ମୁଁ ସର୍ବଦା ଆଶ୍ଚର୍ଯ୍ୟାନ୍ୱିତ ଦୃଷ୍ଟିରେ ଦେଖୁଛି ଯେ ଏହି ଆରବୀ ନବୀ ଯାହାଙ୍କ ନାମ ହଜ୍‌ରତ୍ ମହମ୍ମଦ୍[ସ୍ୱ:ଆ:ସ] ଅଟେ (ହଜାର ହଜାର ପ୍ରଣାମ ଓ ଶାନ୍ତି ତାଙ୍କ ଉପରେ ହେଉ) ସେ କି ପ୍ରକର ଉଚ୍ଚ କୋଟିର ନବୀ ଅଟନ୍ତି ? ଯାହାଙ୍କ ପଦମର୍ଯ୍ୟାଦାର ସୀମା ଜାଣି ହେଉନାହିଁ ଏବଂ ତାଙ୍କ ଆଧ୍ୟାତ୍ମିକ ପ୍ରଭାବର କଳନା କରିବା ମଣିଷ ପକ୍ଷେ ଅସମ୍ଭବ ଅଟେ । ଦୁଃଖର ବିଷୟ ଆପଣଙ୍କ ଗୁଣାବଳୀକୁ ଯେପରି ଚିହ୍ନିତ କରିବା କଥା ତାହା ସେପରି ଚିହ୍ନିତ କରାଯାଇନାହିଁ । ଯେଉଁ ଏକେଶ୍ୱର ବାଦ ପୃଥିବୀ ପୃଷ୍ଠରୁ ଲୋପ ପାଇଯାଇଥିଲା ଆପଣ ହିଁ ଏପରି ଯୋଦ୍ଧା ତାକୁ ପୃଥିବୀ ପୃଷ୍ଟରେ ପୁନଃ ପ୍ରତିଷ୍ଠା କରିପାରିଥିଲେ । ଆପଣ ଅଲ୍ଲାଃଙ୍କ ସହିତ ପ୍ରଗାଢ ପ୍ରେମ କରିଲେ ଏବଂ ମନୁଷ୍ୟର ଅଶେଷ କଲ୍ୟାଣ ପାଇଁ ଆପଣଙ୍କ ଜୀବନ ଉତ୍ସର୍ଗ ହେଲା । ସେଥିଯୋଗୁଁ ଅଲ୍ଲାଃ, ଯିଏ ଆପଣଙ୍କ ହୃଦୟର ରହସ୍ୟକୁ ଭଲରୁପେ ଜାଣିଥିଲେ ଆପଣଙ୍କୁ ସମସ୍ତ ନବୀ ଓ ପୂର୍ବ ଓ ପର ସମସ୍ତଙ୍କ ଉପରେ ଶ୍ରେଷ୍ଠତ୍ୱ ପ୍ରଦାନ କଲେ ଏବଂ ଆପଣଙ୍କ ଜୀବନରେ ହିଁ ଆପଣଙ୍କ ସବୁ ଇଛା ପୁରଣ କଲେ । ଆପଣ ହିଁ ପ୍ରତ୍ୟେକ ଯଶର ଝରଣା ଅଟନ୍ତି । ଯଦି କେହି ଆପଣଙ୍କ ଏହି ଅନୁଗ୍ରହର ସ୍ୱୀକାର ନକରି ଅନ୍ୟ କୌଣସୀ ଅନୁଗ୍ରହର ଦାବୀ କରେ ସେ ମଣିଷ ନୁହେଁ ସେ ସଇତାନର ବଂଶଧର ଅଟେ । କାରଣ ସବୁ ଯଶର ଚାବି ଆପଣଙ୍କୁ ଦିଆଯାଇଛି ଏବଂ ପ୍ରତ୍ୟେକ ତତ୍ୱଜ୍ଞାନର (ଖଜାନା) କୋଷ ଆପଣଙ୍କୁ ପ୍ରଦାନ କରାଯାଇଛି । ଯିଏ ଆପଣଙ୍କ ମାଧ୍ୟମରେ ପ୍ରାପ୍ତ କରେନାହିଁ ସେ ସର୍ବଦା ଅଭାବଗ୍ରସ୍ତ ହେବ । ଆମେ କି ପଦାର୍ଥ ଏବଂ ଆମର ଅସ୍ତିତ୍ୱ କଣ ? ଆମେ ସେହି ଉପକାରର ଅମାନ୍ୟ କାରି ହେବୁ ଯଦି ଆମେ ଏହା ଅସ୍ୱୀକାର କରୁଁ ଯେ ଆମେ ପ୍ରକୃତ ଏକେଶ୍ୱର ବାଦ ସେହି ନବୀଙ୍କ ଦ୍ୱାରା ପାଇଛୁଁ ଏବଂ ଆମେ ସେହି ସମ୍ପୂର୍ଣ୍ଣ ନବୀ ଓ ତାଙ୍କର ଜ୍ୟୋତି ଦ୍ୱାରା ଜୀବିତ ଅଲ୍ଲାଃଙ୍କୁ ଚିହ୍ନିଲୁଁ ଓ ଅଲ୍ଲାଃଙ୍କ ସହିତ ବାର୍ତାଳାପର ଗୌରବ ମଧ୍ୟ ପ୍ରାପ୍ତ କଲୁଁ । ସେହି ପୂଣ୍ୟଶ୍ଲୋକ ନବୀଙ୍କ ଦ୍ୱାରା ହିଁ ଆମେ ତାର ସ୍ୱରୁପକୁ ଦେଖିବାର ସୌଭାଗ୍ୟ ହେଲା । ସେହି ସୂର୍ଯ୍ୟ ରୁପି ପଥ ପଦର୍ଶକଙ୍କ ରଶ୍ମି ସୂର୍ଯ୍ୟାଲୋକ ପରି ଆମ ଉପରେ ବିଛୁରିତ ହେଉଛି । ଏବଂ ଯେ ପର୍ଯ୍ୟନ୍ତ ଆମେ ତାଙ୍କ ସାମ୍‌ନାରେ ଥିବୁଁ ସେ ପର୍ଯ୍ୟନ୍ତ ଆମେ ପ୍ରଜ୍ଜ୍ୱଳିତ ହେଉଥିବୁ ।

ଆଶ୍ଚର୍ଯ୍ୟର କଥା ଏ ସଂସାର ଶେଷ ହେବାକୁ ହେଲାଣି ମାତ୍ର ଏହି ସ୍ୱୟଂ ସମ୍ପୂର୍ଣ୍ଣ ନବୀଙ୍କ ଯଶ ଶେଷ ହେଉନାହିଁ । ଯଦି ଅଲ୍ଲାଃଙ୍କ ବାର୍ତା ପବିତ୍ର କୋରାନ ଆମକୁ ବାରଣ କରିନଥାନ୍ତା ତେବେ କେବଳ ଏହି ନବୀଙ୍କ ନିମନ୍ତେ ଆମେ ଏହା କହିପାରିଥାନ୍ତୁ ଯେ ଆପଣ ଏ ପର୍ଯ୍ୟନ୍ତ ସଶରୀର ଆକାଶରେ ଜୀବିତ ଅଛନ୍ତି କାରଣ ଆମେ ଆପଣଙ୍କ ଜୀବନର ନିଦର୍ଶନରୁ ଏହା ହାସଲ କରିଛୁଁ ଯେ ଆପଣଙ୍କ ଧର୍ମ ଜୀବିତ ଅଛି । ଆପଣଙ୍କ ଦ୍ୱାରା ଜୀବନ୍ତ ଇଶ୍ୱର ମିଳିଯାଉଛନ୍ତି । ଆମେ ଦେଖିସାରିଛୁଁ ଯେ ଅଲ୍ଲାଃ ଆପଣଙ୍କୁ ଓ ଆପଣଙ୍କ ଧର୍ମକୁ ଏବଂ ଆପଣଙ୍କୁ ଭଲପାଉଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧା କରୁଛନ୍ତି । ଏବଂ ମନେରଖିବା ଉଚିତ ଯେ ବାସ୍ତବରେ ଆପଣ ଜୀବିତ ଅଛନ୍ତି । ଆପଣଙ୍କ ଆସନ ଆକାଶରେ ସମସ୍ତଙ୍କ ଠାରୁ ଉଚ୍ଚରେ ଅଛି । କିନ୍ତୁ ସଶରୀରେ ନୁହେଁ, ଯାହା ନିଶେଷ ହୋଇଯାଏ ଅଧିକନ୍ତୁ ଏକ ଆଧ୍ୟାତ୍ମିକ ଜ୍ୟୋତି ପୂର୍ଣ୍ଣ ଶରୀର ସହିତ ଯାହାର ଅନ୍ତ ନାହିଁ ସେହି ପରାକ୍ରମି ପ୍ରଭୂଙ୍କ ନିକଟରେ ଆପଣ ସ୍ୱର୍ଗରେ ଅଛନ୍ତି ।

(ହକିକତୁଲ୍ ଓ୍ୱହି ରୁହାନି ଖଜାଏନ୍ ଖଣ୍ଡ – ୨୨ ପୃଷ୍ଠା ୧୧୭-୧୧୯) ।

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

## ସମ୍ପାଦକୀୟ.........

# ନାରୀ ସୁରକ୍ଷା କବଚ-ପରଦା

### (ପରଦା ନାରୀ ଜାତିର ପ୍ରକୃତ ସଶକ୍ତିକରଣ)

'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟତେ, ତତ୍ର ରମ୍ୟନ୍ତି ଦେବତାଃ' – କିନ୍ତୁ ଦୁର୍ଭାଗ୍ୟବଶତଃ ଏହାର ବିପରୀତ ଘଟୁଛି । ଆମ ସମାଜରେ ନାରୀମାନଙ୍କ ପ୍ରତି ବିଭିନ୍ନ ପ୍ରକାର ଯୌନ ନିର୍ଯ୍ୟାତନା, ଗଣ ବଳାତ୍କାର, ଧର୍ଷଣ ଓ ହତ୍ୟାର ରାଜତ୍ୱ ଚାଲିଛି । ପିପିଲି ଠାରୁ ଦିଲ୍ଲୀ ଓ ରାୟଗଡରୁ ହରିୟାନା ସବୁ ଯେପରି ଶୈତାନମାନଙ୍କ ପୈଶାଚିକ ପ୍ରବୃତ୍ତି ଦ୍ୱାରା କବଳିତ । ମନେ ହୁଏ, ଯୁବ ସମାଜରେ ଉଗ୍ର ଆଧୁନିକ ଫେସନ୍ ହିଁ ଯୌନ ଉଚ୍ଛୃଙ୍ଖଳତାକୁ ଜନ୍ମ ଦେଇଛି । ଫଳ ସ୍ୱରୂପ ଅଧିକାଂଶ କ୍ଷେତ୍ରରେ ନିଜ ଚେତନାଶୂନ୍ୟ ଭୁଲ ଯୋଗୁଁ ସେମାନେ ଏପରି ବର୍ବରତାର ଶିକାର ହେଉଛନ୍ତି ।

ତେବେ ଏହା ବୁଝିବାକୁ ହେବ ଯେ ପ୍ରକୃତିଗତ ଭାବେ ପୁରୁଷର ଯୌନ ପ୍ରବଣତା ଏକ ଅଦମ୍ୟ ପ୍ରବୃତ୍ତି ଏବଂ ବିପରୀତ ଲିଙ୍ଗୀ ପ୍ରାଣୀ ପ୍ରତି ଆକର୍ଷିତ ହେବା ସ୍ୱାଭାବିକ । ସେଥିପାଇଁ ଯେତେ ସବୁ ନୀତି ନିୟମ ଓ ପବିତ୍ରତାର ମୂଲ୍ୟବୋଧ ଖଞ୍ଜି ଦିଆଯାଇଥିଲେ ସୁଦ୍ଧା ସଂଯମ ହୀନ ବ୍ୟକ୍ତିମାନେ ଏପରି ଲଜ୍ଜ୍ୟାକର କାଣ୍ଡ ଭିଆଇଥାନ୍ତି । ତେଣୁ ପୁରୁଷର ଔଦ୍ଧତ୍ୟ ଓ କାମାନ୍ଧତାରୁ ନିଜକୁ ମୁକ୍ତ ରଖିବାକୁ ହେଲେ ସାମାଜିକ ସ୍ତରରେ ପ୍ରତ୍ୟେକ କ୍ଷେତ୍ରରେ ନାରୀ ଜାଗରଣର ସ୍ୱର ଉଠିବା ଆବଶ୍ୟକ ମନେ ହେଉଛି । ଏହା ସେତେବେଳେ ଯାଇ ସମ୍ଭବ ହେବ, ଯେତେବେଳେ ନାରୀ କୌଣସି ହିଂସାତ୍ମକ ପନ୍ଥା ଗ୍ରହଣ ନକରି ନିଜ ପାଇଁ ବଳିଷ୍ଠ ମାନସିକତାର ଅଭେଦ୍ୟ ଦୁର୍ଗ ଛିଡା କରାଇପାରିବ । କିନ୍ତୁ ବାରମ୍ବାର ଘଟୁଥିବା ଏସବୁ ଜଘନ୍ୟ କାଣ୍ଡର ମୂଳ କାରଣ ଖୋଜି ନାରୀ ସୁରକ୍ଷା ପାଇଁ ସ୍ଥାୟୀ ପ୍ରତିକାର କିପରି ହୋଇପାରିବ, ତାହା ଚିନ୍ତା କରିବାର ବେଳ ଆସିଛି । ନାରୀ ନିଜେ ହିଁ ନିଜର ରକ୍ଷାକାରିଣୀ ଓ ଯେତେ କଠୋର ନିୟମ ଲାଗୁ କରାଗଲେ ମଧ୍ୟ 'ଆଲୋ ସଖୀ ଆପଣା ମହତ ଆପେ ରଖି' ନୀତି ନିଜ ହାତରେ ରହିଛି ବୋଲି ଅନେକେ ମତ ଦେଲେଣି । ତେବେ ବଳାତ୍କାର ପରି ଅପରାଧ ହ୍ରାସ ପାଇଁ ଦଣ୍ଡ ବ୍ୟବସ୍ଥାରେ ପରିବର୍ତ୍ତନ କରାଯିବା ଅପେକ୍ଷା ଦୃଷ୍ଟିକୋଣର ପରିବର୍ତ୍ତନ ଅଧିକ ଆବଶ୍ୟକ ।

ପ୍ରକୃତ କଥା ହେଉଛି ନାରୀର ସୁରକ୍ଷା ପାଇଁ ନିରାକରଣ ସ୍ୱରୂପ ଇସଲାମ ଧର୍ମରେ ଷଷ୍ଠ ଶତାବ୍ଦୀ ବେଳକୁ ଏକ ଧର୍ମୀୟ ବିଧାନ ରୂପେ ସଂପୂର୍ଣ୍ଣ ଆବୃତ ପରଦା ପ୍ରଥା ପ୍ରଚଳିତ ହେଲା । ଏହାର ବହୁ ପୂର୍ବରୁ ମହାଭାରତରେ ନାରୀମାନେ ମୁହଁକୁ ଢାଙ୍କି ରଖୁଥିବାର ସୂଚନା ମିଳେ । ସୁତରାଂ ରାଜକୁମାରୀ ରୁକ୍ମିଣୀ ଶ୍ରୀକୃଷ୍ଣଙ୍କୁ ପ୍ରଥମେ ନିଜ ଅବଗୁଣ୍ଠନ (ଓଢଣା)ଖୋଲି ଦେଖା ଦେଇଥିଲେ **(ଭାଗବତ, ପୃ ୪୭୯)** 'ସୂର୍ଯ୍ୟାପଶ୍ୟା' ବୋଲାଉଥିବା ମହିଳାମାନେ ଦୁର୍ଯ୍ୟୋଧନଙ୍କ ରାଜ ପ୍ରାସାଦରେ ପରଦାରେ ଢାଙ୍କି ହୋଇ ରହୁଥିବା ଯୋଗୁଁ ସୂର୍ଯ୍ୟଙ୍କୁ ଦେଖିପାରୁ ନଥିଲେ । **(ସ୍କନ୍ଧ ୧୦, ଅଧ୍ୟାୟ ୬୦)** । ଏହିପରି ରାମାୟଣରେ ଉଲ୍ଲେଖ ଅଛି ଯେ ସୀତା ନିଜ ସତୀତ୍ୱର ଅଗ୍ନି ପରୀକ୍ଷା ଦେଲାବେଳେ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ତଥା ସ୍ୱୟମ୍ବର ସଭାରେ ଜଣେ ନାରୀ ମୁହଁରୁ ଓଢଣା ଖୋଲି ଲୋକ ସମ୍ମୁଖକୁ ଆସିପାରିବ ବୋଲି ଶ୍ରୀରାମଚନ୍ଦ୍ର ଅନୁଜ ଲକ୍ଷ୍ମଣଙ୍କୁ ଆଦେଶ ଦେଇଥିଲେ ।

ଏହା ସ୍ୱୀକାର୍ଯ୍ୟ ଯେ ଈଶ୍ୱର ନିଜର ଅନବଦ୍ୟ ସୃଷ୍ଟି ପୁରୁଷ ଓ ନାରୀର ସ୍ୱଭାବରେ ଲଜ୍ଜ୍ୟାଶୀଳତାର ଗୁଣ ଭରି ଦେଇଛନ୍ତି । ଏକ ପକ୍ଷେ ପବିତ୍ର କୋରାନ୍ ସତ୍‌ଚରିତ୍ର ଓ ସତୀତ୍ୱ ପ୍ରତି ସମ୍ମାନ ଜଣାଇ ଏହାକୁ ଉଭୟ ପୁରୁଷ ଓ ନାରୀଙ୍କ ଜୀବନରେ ଚାରିତ୍ରିକ ଓ ସାମାଜିକ ମୂଲ୍ୟବୋଧ ରୂପେ ଗ୍ରହଣ କରିଥାଏ ତ ଅପର ପକ୍ଷେ ଆଜିର ବେଶ ପୋଷାକ, ଯାହାକୁ ପିନ୍ଧିବା ଦେହକୁ ଲୁଚାଇବା ପରିବର୍ତ୍ତେ ଦେଖାଇବା ପାଇଁ ଉଦ୍ଦିଷ୍ଟ, ଏହାର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ମାନବ ସମାଜକୁ ସଚେତନ କରାଇ ଅଧ୍ୟାୟ –୨୪ ରେ ଉଭୟ ପୁରୁଷ ଓ ମହିଳାଙ୍କୁ ଚକ୍ଷୁ ଅବନତ କରିବା ଏବଂ ନିଜ ଗୁପ୍ତାଙ୍ଗକୁ ସୁରକ୍ଷିତ କରିବାର ଆଦେଶ ଦିଆଯାଇଛି । ଅଧିକନ୍ତୁ ନାରୀମାନଙ୍କୁ କୁହାଯାଇଛି ଯେ ସେମାନେ ଯାହା ସ୍ୱୟଂ ପ୍ରକାଶିତ ହୁଏ, ତାହା ବ୍ୟତୀତ ନିଜର ଅନ୍ୟ ସୌନ୍ଦର୍ଯ୍ୟକୁ ପ୍ରକାଶ କରନ୍ତୁ ନାହିଁ ଏବଂ ନିଜ ମୁଣ୍ଡ ଉପରୁ ଛାତି ପର୍ଯ୍ୟନ୍ତ ଓଢଣାକୁ ଟାଣି ଆଣି ବକ୍ଷସ୍ଥଳକୁ ଆବୃତ କରି ରଖନ୍ତୁ **(ଅଲ୍-ନୁର ୩୧,୩୨)** । ଅନ୍ୟ ଅର୍ଥରେ କହିଲେ ଏହା ସୁରକ୍ଷିତ ରହିବାର ଏକ ଅନୁଶାସନ ମାତ୍ର, ଯାହା ଜଣେ ନାରୀ ମନର ଅବ୍ୟକ୍ତ ଭାବନାକୁ ପରିପ୍ରକାଶ କରିଥାଏ । ପୁରୁଷ ଅପେକ୍ଷା ଜଣେ ନାରୀ ଏହି ଆଦେଶକୁ ନିଜର ସାଧାରଣ କାର୍ଯ୍ୟ ପରିସର ମଧ୍ୟରେ ପାଳନ କରିବା ସହଜ ହୋଇଥାଏ । କିନ୍ତୁ ଘର ବାହାରେ କାମ କରୁଥିବା କର୍ମଜୀବି ମହିଳା ଅବଶ୍ୟ ନିଜ ମୁଖ ମଣ୍ଡଳକୁ ଆବୃତ କରି ରଖିବାର ଆବଶ୍ୟକତା ନାହିଁ । ଯେହେତୁ ନିଜ ବୃତ୍ତି ଅନୁସାରେ ପରିସ୍ଥିତି ଦୃଷ୍ଟିରୁ ଦେହର କେତେକାଂଶ ଅନାବୃତ ରହିବା ସ୍ୱାଭାବିକ ।

ସୁତରାଂ ମୁସଲିମ ଜଗତରେ ପରଦାର ବହୁଳ ବ୍ୟବହାର ଯୋଗୁଁ ଯୌନ ଅପରାଧ ପାଶ୍ଚାତ୍ୟ ଦେଶ ତୁଳନାରେ ନଗଣ୍ୟ । ଆଜିର ମୁସଲିମ ମହିଳା ବୁର୍ଖା ପିନ୍ଧି କେମ୍ବ୍ରିଜ୍ ଓ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରନ୍ତି । ପୁରୁଷଙ୍କ ପରି ଯେ କୌଣସି କର୍ମ କ୍ଷେତ୍ରରେ ପାରଙ୍ଗମ ହୋଇ ସେମାନଙ୍କ ସ୍ୱାଧୀନ ଅଭିରୁଚି ଅନୁଯାୟୀ ଦେଶ ଓ ଜାତିର ସେବା କରିବାକୁ ସମର୍ଥ । ହଜରତ ମହମ୍ମଦଙ୍କ[ସ୍:ଆ:ସ] ଧର୍ମପତ୍ନୀ ଆଏସା ପର୍ଦ୍ଦାରେ ଆବଦ୍ଧ ରହି ମଧ୍ୟ ଗୋଟିଏ ଯୁଦ୍ଧର କମାଣ ସମ୍ଭାଳିଥିଲେ । ବୁର୍ଖାଧାରୀଣି ଚାନ୍ଦ୍ ବିବି, ରଜିୟା ସୁଲତାନ୍ ଆଦି ନାରୀ ରଣାଙ୍ଗନରେ ବୀରତ୍ୱ ପ୍ରଦର୍ଶନ କରି ଭାରତ ଇତିହାସକୁ ଗୌରବାନ୍ୱିତ କରିଛନ୍ତି । କିନ୍ତୁ ଏହି ବ୍ୟବସ୍ଥାର ଦୁରୂପଯୋଗ କରାଯାଇ ଆଜିକାଲିର ଚିପା ପ୍ୟାଣ୍ଟ ସାର୍ଟ ପିନ୍ଧା ତରୁଣୀମାନେ ଦେହର ରଙ୍ଗ କଳା ପଡିଯିବ ବୋଲି ଆଖି ଦୁଇଟିକୁ ଛାଡି ଦେଇ ଚେହେରାର ସମସ୍ତ ଅଂଶକୁ କଳା ବା ନାଲି କପଡାରେ ଢାଙ୍କି ରଖିବା, ବାହୁ ପର୍ଯ୍ୟନ୍ତ ହାତକୁ ଗ୍ଲୋଭ୍‌ସ ଦ୍ୱାରା ଆବୃତ କରିବା ଇତ୍ୟାଦିକୁ ଏକ ଫେସନ୍‌ରେ ପରିଣତ କରିଦେଲେଣି, ଯାହାର ପ୍ରାଦୁର୍ଭାବ ରକ୍ଷଣଶୀଳ ସମାଜରେ ମଧ୍ୟ ଦେଖା ଦେଇଛି । ତେବେ ପୁରା ବସ୍ତ୍ରରେ ଦେହକୁ ଢାଙ୍କିବା, ରାସ୍ତାରେ ଏକୁଟିଆ ନ ଯିବା ଇତ୍ୟାଦି ନୀତି ଉପଦେଶ ନାରୀ ସୁରକ୍ଷା ପାଇଁ ଏକ ଅସ୍ତ୍ର ହୋଇପାରେ । କିନ୍ତୁ ଯେ ପର୍ଯ୍ୟନ୍ତ ଶିକ୍ଷା, ସଂସ୍କାର, ଶକ୍ତି ଓ କ୍ଷମତା ଆଦି ସମସ୍ତ କ୍ଷେତ୍ରରେ ନାରୀ ନିଜର ଶୃଙ୍ଖଳାଗତ ବୈଧାନିକ ସୀମାରେଖା ମଧ୍ୟରେ ରହି ପୁରୁଷ ପରି ସମାନ ଅଧିକାର ପାଇବାକୁ ସମର୍ଥ ନ ହୋଇଛି, ସେ ପର୍ଯ୍ୟନ୍ତ ପୁରୁଷ ଅହମିକା ଓ ଦର୍ପ ଦ୍ୱାରା ନିଜର ପୌରୁଷତ୍ୱ ଦେଖାଇ ଚାଲିଥିବ । ନାରୀକୁ ଅସମ୍ମାନ ଓ ପଦଦଳିତ କରୁଥିବ ।

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ଆତ୍ମ ସଂଯମର ଅନ୍ୟନାମ ପରଦା । ଏହାର ପ୍ରଚଳନ ମନୁଷ୍ୟର ତାମସିକ ପ୍ରବୃତ୍ତିକୁ ଦମନ କରାଏ ଓ ଆତ୍ମଶୁଦ୍ଧି କରିବାରେ ସହାୟକ ହୋଇଥାଏ । ମନରେ ଈଶ୍ୱର ଭୟ ସୃଷ୍ଟି ହେବା ଫଳରେ ସେହି ନାରୀ 'ଲଜ୍ଜ୍ୟା ଯାହାର ଭୁଷଣ'ନିଜ ଅଙ୍ଗ ପ୍ରଦର୍ଶନ ଆଡକୁ ମନ ବଳାଏ ନାହିଁ । ତେଣୁ ବିଉଟି ପାର୍ଲର୍‌ରେ ପ୍ରସାଧନ କରି ନିଜକୁ ସଜାଇବା କେବଳ ନିଜ ଗୃହ ମଧ୍ୟରେ ସୀମିତ ରହୁ, ବାହାରକୁ ନୁହେଁ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଆଧ୍ୟାତ୍ମିକ ଚେତନାର ବାର୍ତ୍ତାବହ ହଜରତ ମହମ୍ମଦ[ସ୍:ଆ:ସ] ନାରୀମାନଙ୍କ ଅଧିକାରକୁ ସାବ୍ୟସ୍ତ କରି ସମାଜରେ ଏକ ସମ୍ମାନ ଜନକ ପଦମର୍ଯ୍ୟାଦା ଦେବା ପାଇଁ ଆଇନଗତ ଅଧିକାର ଓ ସାମାଜିକ ନ୍ୟାୟ ପ୍ରଦାନ କରିଛନ୍ତି । ତେଣୁ ମହମ୍ମଦଙ୍କ[ସ୍:ଆ:ସ] ପ୍ରଦତ୍ତ ପରଦା ପ୍ରଥାରେ ନାରୀର ଦୁର୍ବଳତା ପ୍ରକାଶ ପାଏ ନାହିଁ କି ସେ କୌଣସି ସଂକୀର୍ଣ୍ଣତା ଅନୁଭବ କରେ ନାହିଁ । ଆବାହମାନ କାଳରୁ ପ୍ରଚଳିତ ହୋଇ ଆସୁଥିବା ଏହି ପବିତ୍ର ରୀତି ରିୱାଜ୍‌ର ପ୍ରୟୋଗ ବ୍ୟାପକ କରାଗଲେ ସମାଜରୁ ବ୍ୟଭିଚାର ଦୂର ହେବା ସହିତ ଶାନ୍ତି ଓ ସହାବସ୍ଥାନର ଅମୀୟ ଧାରା ପ୍ରବାହିତ ହୋଇପାରିବ । କିନ୍ତୁ କୌଣସି ଶାସ୍ତ୍ରୀୟ ନୀତି ନିୟମକୁ କଡାକଡି କାହା ଉପରେ ଲଦି ଦେଲେ ଏହା ହାସଲ ହୁଏ ନାହିଁ, ବରଂ ଆଧୁନିକ ସଭ୍ୟତା ସହିତ ତାଳ ଦେଇ ପରଦା ପ୍ରଚଳନର ଉପକାରୀତା ଓ ଅପକାରୀତା ଉଭୟକୁ ଦୃଷ୍ଟିରେ ରଖି ନାରୀ ସମାଜ ନିଜ ବିବେକ ଅନୁଯାୟୀ ପରିଚାଳିତ ହେବା ସର୍ବାଦୌ ସ୍ପୃହଣୀୟ ।

ପରଦା ନାରୀ ଜାତିର ପ୍ରକୃତ ସଶକ୍ତିକରଣ ଏବଂ ପରଦା ହିଁ ନାରୀର ଏକ ସୁରକ୍ଷା କବଚ ।

**– ଇଂ. ରୌଶନ୍ ଖାନ୍,** ସହକାରୀ ନିର୍ବାହୀ ଯନ୍ତ୍ରୀ

(୧ ଅଗଷ୍ଟ ୨୦୧୬ ଦିନ ''ଧରିତ୍ରୀ'' ସମ୍ପାଦକୀଅ ପୃଷ୍ଠାରେ ପ୍ରକାଶିତ ଉପରୋକ୍ତ ଲେଖାଟି ଲେଖକଙ୍କର ଅନୁମତି କ୍ରମେ ଏଠାରେ ଉଦ୍ଧୃତ କରାଗଲା )

## ଅହେମଦୀ

ବାସ୍ତବରେ ଆପଣ, ସୌନ୍ଦର୍ଯ୍ୟ ମୟ ସମୟର ଅନୁକୂଳେ, ତଥାପି ସଜାଇ ହୁଅନ୍ତ
ଶାନ୍ତି, ପ୍ରୀତି ମାନେ ।
ଘୃଣାରେ ପଥଭ୍ରାନ୍ତ ହୁଅନ୍ତି ନାହିଁ ସେମାନେ, ଯେଉଁମାନେ ଖିଲାଫତର ଫର୍‌ଫରା ରଥରେ
ବାହୁଡା ବିଜେ ହୁଅନ୍ତ
ଧ୍ୱନିର ପରମାଗତ ଗୁଂଜନ ବାଜିଉଠେ ଅଜାନ ହେବା ମାତ୍ରେ, ।
ହେ ସତ୍ୟ ବାଦି, ବିଶ୍ୱସ୍ତ ଅହେମଦୀ ମୋକ୍ଷ ପ୍ରାପ୍ତ କର କାମନାରୁ
ସାର୍ଥକ କର ଖିଲାଫତକୁ

**ଟିକାୟତ୍ ଅଲ୍ଲୀ ମହମ୍ମଦ**

# ଖୁତ୍‌ବା ଜୁମା

- ୨୩ ମାର୍ଚ୍ଚଟି ଜମାତ୍ ଅହମଦୀୟାର ଗୋଟିଏ ଗୁରୁତ୍ୱ ପୁର୍ଣ୍ଣ ଦିବସ ଅଟେ ।ଏହି ଦିନ ଅଲ୍ଲାତାଲା ଉମ୍ମେତ ମହମ୍ମଦିଆ ବା ଆଁ ହଜ୍‌ରତ୍ ସ:ଆ:ସ(ସ୍ୱଲ୍ଲଲ୍ଲାହୋ ଆଲୈହେ ଓ୍ୱ ସଲ୍ଲମ)ଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ ହେଲା ଏବଂ ଆଂହଜରତ୍ ସ୍ୱ ଆ:ସଙ୍କର ଭବିଷ୍ୟ ବାଣୀ ପୂରଣ ହେଲା ଏବଂ ଇସଲାମର ଦ୍ୱିତୀୟ ଯୁଗର ଆରମ୍ଭ ହେଲା ।
- **ସେଥି ପାଇଁ ଏହି ଦିନ ଯମାତ ଅହମଦୀୟାରେ ମସିହ୍ ମଉଦ୍ ଦିବସ ର ଜଲସା ହୋଇଥାଏ । ଯେଉଁ ଥିରେ ହଜରତ ମସିହ୍ ମଉଦ୍ ଆ:ସ ଙ୍କ ଆବିର୍ଭାବର କାରଣ ଏବଂ ଆପଣଙ୍କ କ୍ଷମତାର ପ୍ରତିଷ୍ଠା ଏବଂ ଏହି ଦିବସର ଗୁରୁତ୍ୱ ଉପରେ ଆଲୋକ ପାତ କରାଗଲା ତତ୍‌ସହିତ ଅହେମଦିମାନେ ଅଲ୍ଲାଃଙ୍କ ପାଖେ କୃତଜ୍ଞତା ପ୍ରକାଶ କଲେ, ଯେ କି ଆମକୁ ଆଁ ହଜରତ ସ୍ୱ ଆ:ସ ଙ୍କ ନିର୍ଦ୍ଦେଶ କୁ ମାନି, ଆସିଥିବା ମସିହ୍ ମଉଦ ଓ ମେହେଦି ମଉଦ୍ ଙ୍କ ଉପରେ ବିଶ୍ୱାସ ଆଣି ତାଙ୍କୁ ସଲାମ୍ ପହଂଚାଇବା ପାଇଁ ଶକ୍ତି ପ୍ରଦାନ କଲେ ।**
- **ହଜରତ ମସିହ୍ ମଉଦ୍ ଆ:ସ ଙ୍କ ନିର୍ଦ୍ଦେଶାବଳୀ ଅନୁଯାଇ ଆପଣଙ୍କ ଆବିର୍ଭାବ ହେବାର ବର୍ଣ୍ଣନା ଏବଂ ଏହି ସମ୍ୱନ୍ଧରେ ଜମାତ୍‌କୁ ନିଜର ଦାୟିତ୍ୱ ବୋଧ ପ୍ରତି ୨୩ ମାର୍ଚ୍ଚ ଦିନ ଜଣେ ଅନ୍ୟକୁ ଯଦି ଏହି ଉଦ୍ଧେଶ୍ୟ ରେ ମୋବାରକ୍‌ବାଦ୍ ଦେଇଥାନ୍ତି କି ଆମେ ହଜ୍‌ରତ୍ ମସିହ ମଉଦ ଆ:ସ ଙ୍କୁ ମାନିନେଲୁଁ ଏବଂ ତାଙ୍କୁ ମାନି ଆମେ ତାଲିମ ପ୍ରାପ୍ତ ମୁସଲମାନ ହୋଇଅଛୁଁ ଯେଉଁ ମାନେ ଧର୍ମର ସାହାଯ୍ୟ କରି ଏବଂ ତାର ଉତ୍‌ତମ ଗୁଣକୁ ସଂସାରରେ ପ୍ରସାରିତ କରିବା ବାଲା ଅଟନ୍ତି ପ୍ରକୃତରେ ଏହି ମୋବାରକ୍ ବାଦ୍ ଦେବା ବାଲାଙ୍କର ଉଚିତ୍ ଥିଲା ଏଥିରେ କୌଣସି ଭୁଲ ନାହିଁ ଏବଂ ଏଥିରେ କୌଣସି ବିଦଅତ୍ (ଖରାପ ପ୍ରାଥା ମଧ ନାହିଁ)**
- **ଖିଲାଫତ୍‌ର ପାଦଠାରୁ ଆଗକୁ ବଢିବା ପାଇଁ ଚେଷ୍ଟା କରନ୍ତୁ ନାହିଁ, ଯିଏ କରିବ ସେ ଖସୁଡି ଯିବ ।**
- **ନିଜର ଇଚ୍ଛାକୁ ଜମାତର ଲୋକମାନଙ୍କ ଉପରେ ଥୋପିଦେବା ପାଇଁ ଚେଷ୍ଟା ନ କରନ୍ତୁ ।**
- **ମୋକରମା ମହମୁଦା ସାଦି ସାହେବା ସ୍ତ୍ରୀ-ମୋକରମ୍ ମୁସ୍‌ଲେହଉଦ୍ଧିନ୍ ସାଦି ସାହେବ ମର୍‌ହୁମ ଏବଂ ମୋକରମ୍ ନୁରୁଦ୍ଧିନ୍ ଚିରାଗ୍ ପୁଅ-ମୋକରମ୍ ଚିରାଗଦିନ୍ ସାହେବ ମର୍‌ହୁମ୍‌ଙ୍କର ନମାଜ ଯନାଜାଃ ହାଜିର ଏବଂ ମୋକରମା ସୟଦା ମୋବାରକା ବେଗମ୍ ସାହିବା ସ୍ୱାମୀ-ମୋକରମ୍ ଅବ୍‌ଦୁଲ ବାରି ସାହେବ୍ ତାଲୁକଦାରିଙ୍କ ନମାଜ ଜନାଜାଃ ଗାଏବ୍ ଏବଂ ତାଙ୍କର ଗୁଣ ବର୍ଣ୍ଣନା ।**

## ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ପଚଂମ ଅ.ବ
## (ପ୍ରଦତ୍‌ତ:୨୫ ମାର୍ଚ୍ଚ ୨୦୧୬ ଅନୁଯାୟୀ ୨୫ ଅମାନ ୧୩୯୫ହି.ଶ)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ

اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ـ

اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ତଶହୁଦ,ତଉଜ ଓ ସୁରେ ଫାତିହାର ଆବୃତି ପରେ ହଜୁର ଅନଓର ଅ.ବ କହିଲେ-ଦୁଇ ଦିନ ପୂର୍ବେ ମାର୍ଚ୍ଚ ୨୩ ତାରିଖ ଥିଲା । ଜମାଅତ ଅହମଦିୟା ପାଇଁ ଏକ ଗୁରୁତ୍ୱପୂର୍ଣ ଦିବସ ଅଟେ । କାରଣ ଏହି ଦିନ ଅଲ୍ଲାଃତାଲା ନିଜ ପ୍ରିୟ ନବୀ ହଜରତ ମହମ୍ମଦ ସ.ଆ:ସ ଙ୍କ ସହ କରିଥିବା ପ୍ରତିଶୃତୀ ଓ ଆପଣଙ୍କର ଭବିଷ୍ୟବାଣୀ ପୂରଣ କରି, ଇସଲାମର ପୂନରୁଦ୍ଧାରର ଶୁଭାରମ୍ଭ କଲେ । ଅଲ୍ଲାଃତାଲା ଏହି ଦିନ ହଜରତ ମିର୍ଜା ଗୁଲାମ ଅଦମଦ ଆ.ସ ଙ୍କୁ ମସିହ ମଉଦ ଓ ମହଦି ମଉଦ ଘୋଷଣା କରିବାର ଅନୁମତି ପ୍ରଦାନ କଲେ । ଯେ ଅଲ୍ଲାଃଙ୍କ ଏକେଶ୍ୱରବାଦକୁ ସଂସାରରେ ସ୍ଥାପନ କରିବା ସହ ଇସଲାମକୁ ସର୍ବଶ୍ରେଷ୍ଠ ଧର୍ମ ପ୍ରମାଣିତ କରିବା ଓ ହଜରତ ମହମ୍ମଦ ସ.ଆ:ସ ଙ୍କ ପ୍ରେମ ପ୍ରତ୍ୟେକଙ୍କ ହୃଦୟରେ ଭରିଦେବା ପାଇଁ ଆସିବାରଥିଲା । ଅତଏବ ଆଜି ଅମେ ସେହି ଭାଗ୍ୟବାନ ଗୋଷ୍ଠୀ ଯେ କି ଜହରତ ମସିହ ମଉଦ ସ.ଆ:ସ ଙ୍କ ଜମାଅତରେ ଶାମିଲ ହୋଇଛେ । ଯେପରି ମୁଁ କହିଲି ଯେ ଏହି ଦିନର ଗୁରୁତ୍ୱ ଅଛି ଯମାତ୍‌ରେ, ଏହି ଦିବସର ଗୁରୁତ୍ୱକୁ ଧ୍ୟାନ ଦେଇ 'ଜଲ୍‌ସା' ମସିହ୍ ମଉଦ୍ ଦିବସ ପାଳନ କରାଯାଉଛି । ଦୁଇଦିନ ପୂର୍ବରୁ ବହୁତ ଜଲସା ହୋଇସାରିଛି । ଯେଉଁଥିରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ଙ୍କ ଆବିର୍ଭାବର କାରଣ ଏବଂ ଆପଣଙ୍କ ଜମାତର ପ୍ରତିଷ୍ଠା ଏବଂ ଏହି ଦିବସର ଗୁରୁତ୍ୱ ଉପରେ ଆଲୋକ ପାତ କରାଗଲା ତା ସହିତ ଅହେମଦିମାନେ ଅଲ୍ଲାଃଙ୍କର ପ୍ରଶଂସା କରିଲେ ଯେ ସେ ଆମକୁ ଆଁ ହଜ୍‌ରତ୍ ସ୍ୱ ଆ:ସ ଙ୍କ ନିର୍ଦ୍ଦେଶକୁ ମାନି ମସିହ୍ ମଉଦ୍ ଆ:ସ ଓ ମେହ୍‌ଦି ମଉଦ୍ ଙ୍କ ଉପରେ ବିଶ୍ୱାସ ଆଣି ତାଙ୍କୁ ସଲାମ୍ ପହଂଚାଇବା ପାଇଁ ଶକ୍ତି ପ୍ରଦାନ କଲେ । ଆମକୁ ମନେରଖିବା ଉଚିତ ଯେ,ଆପଣଙ୍କ ଜମାଅତର ଅଂଶ ହେବା ଯେଉଁ ସ୍ଥଳେ ଆନନ୍ଦ ଓ କୃତଜ୍ଞତାର ବିଷୟ । ସେଠାରେ ଆମର ଏଥିପ୍ରତି କର୍ତବ୍ୟ ମଧ ବଢିଯାଉଛି । ସୁତରାଂ ଆମକୁ ଏହି କର୍ତବ୍ୟଗୁଡିକୁ ବୁଝିବା ସହ ତାହାର ନିର୍ବାହ ପ୍ରତି ଧ୍ୟାନ ଦେବା ଉଚିତ୍ । ଆମର କର୍ତବ୍ୟ କଣ ? ଏହିକି ଯେ ହଜୁର ଆ.ସ ଙ୍କ କାର୍ଯ୍ୟକୁ ଆଗେଇନେବା ଯେଉଁଥିପାଇଁ ଆପଣଙ୍କର ଆର୍ବିଭାବ ହୋଇଥିଲା । ତେବେଯାଇ ଆମେ ସେହି ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇପାରିବା ଯେଉଁମାନଙ୍କୁ କି ଆପଣଙ୍କୁ ସ୍ୱୀକାର କରି ନୂତନ ପୃଥିବୀ ଓ ଆକାଶ ତିଅରି କରିବାର ଥିଲା । ଅତଏବ ଏଥିପାଇଁ ଆମକୁ ହଜରତ ମସିହ ମଉଦ ଆ.ସ ଙ୍କ ଆର୍ବିଭାବର ଉଦ୍ଧେଶ୍ୟକୁ ଦେଖିବାକୁ ହେବ ଯେ, ଏହାକୁ ଆମେ କେଉଁ ପର୍ଯ୍ୟନ୍ତ ବୁଝି ନିଜକୁ ତା ମୁତାବକ ପ୍ରସ୍ତୁତ କରିଛେ । ପୁଣି ଏହାର ପ୍ରଚାର ଓ ପ୍ରସାରରେ ଆମର ଭୂମିକା କଣ ରହିଛି । ହଜରତ ମସିହ ମଉଦ ଆ.ସ ଏକ ସ୍ଥାନରେ କୁହନ୍ତି- ଅଲ୍ଲାଃତାଲା ମୋତେ ଯେଉଁ କାର୍ଯ୍ୟ ସମ୍ପାଦନର ଆଦେଶ ଦେଇଛନ୍ତି ତାହା ଏହିକି ଯେ, ସୃଷ୍ଟି ଓ ସ୍ରଷ୍ଟା ମଧ୍ୟରେ ଯେଉଁ ବିଚ୍ଛେଦ ଉତ୍ପନ୍ନ ହୋଇଛି ତାହାକୁ ଦୂର କରି ପ୍ରେମ ଓ ନିଷ୍ଠାପରତାର ସମ୍ପର୍କକୁ ପୁନଃ ପ୍ରତିଷ୍ଠା କରିବା । ଦ୍ୱିତୀୟରେ ସତ୍ୟର ପ୍ରକାଶ କରି ଧାର୍ମିକ କଳହର ଅନ୍ତ ଘଟାଇ ସନ୍ଧିର ସ୍ଥାପନ କରିବା । ପୁଣି ଧର୍ମର ସତ୍ୟତା ଯାହାକି ସଂସାରବାସୀଙ୍କ ଦୃଷ୍ଟିରୁ ଅଦୃଶ ହୋଇଯାଇଛି,ସେମାନଙ୍କ ଦୃଷ୍ଟିଗୋଚର କରାଇବା । ଚତୁର୍ଥରେ ସେହି ଆଧ୍ୟାତ୍ମିକ ଶକ୍ତି ଯାହାକି କାମନାର ଅନ୍ଧକାରରେ ଦବି ରହିଯାଇଛି,ତାହାକୁ ପ୍ରାପ୍ତ କରିବାର ନମୁନା ଦେଖାଇବା । ପୁଣି ଯେଉଁ ଐଶ୍ୱରିକ ଶକ୍ତି ମାନବ ଶରୀରରେ ପ୍ରବେଶ କଲେ ଅଲ୍ଲାଃଙ୍କ ଭକ୍ତି ଓ ପ୍ରାର୍ଥନା କରିବା ପ୍ରତି ଇଚ୍ଛା ଜାଗ୍ରତ ହୋଇଥାଏ,ତାହାକୁ କେବଳ ବର୍ନନା କରିବା ନୁହେଁ ବରଂ ତାହାର ନିଦର୍ଶନ ଦେଖାଇବା । ପୁଣି ସବୁଠାରୁ ବଳି ନିର୍ମଳ ଏକେଶ୍ୱରବାଦ ଯାହାକି ସମସ୍ତ ପ୍ରକାରର ଶିରକ୍‌ରୁ ଉର୍ଦ୍ଧରେ, ତାହାକୁ ସଦାସର୍ବଦା ପାଇଁ ପ୍ରତିଷ୍ଠିତ କରିଦେବା । ଏ ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ମୋ ସାମର୍ଥ ବାହାରେ,ତେଣୁ ଏସବୁ କେବଳ ଅଲ୍ଲାଃାଙ୍କ ଶକ୍ତି ଦ୍ୱାରା କାର୍ଯ୍ୟକାରୀ ହେବ ଯେ କି ଏ ଆକାଶ ଓ ପୃଥିବୀର ପାଳନକର୍ତା ଅଟନ୍ତି ।

ସୁତରାଂ ଉପରୁକ୍ତ ଗୁରୁତ୍ୱପୂର୍ଣ ପରିଚ୍ଛେଦଟିରେ ସାତ ଗୋଟି ମୂଳ ତଥ୍ୟ(କାର୍ଯ୍ୟ)ର ବର୍ଣ୍ଣନା କରାଯାଇଛି ଯାହାକି ଏହି ଯୁଗ ପାଇଁ ଆବଶ୍ୟକ ଅଟେ । ଯାହାର ସାରାଂଶ ହଜରତ ମସିହ ମଉଦ ଆ.ସ ଏହି ଉକ୍ତିରେ ରଖିଛନ୍ତି । ପୁଣି ଯେତେବେଳେ ଆପଣ ଏହା ସ୍ପଷ୍ଟ କରିଦେଲେ କି ଏଥିପାଇଁ ଅଲ୍ଲାଃ ମୋତେ ପ୍ରେରଣ କରିଛନ୍ତି । ଏହାର ଅର୍ଥ ଆପଣଙ୍କ ମାନ୍ୟକାରୀମାନେ ଉକ୍ତ ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ପ୍ରତି ମଧ ନିଜକୁ ପ୍ରସ୍ତୁତ କରିବା ଉଚିତ । ଅତଏବ ଆମର ସର୍ବ ପ୍ରଥମ କାର୍ଯ୍ୟ ଏହା ହେବା ଉଚିତ ଯେ ଆମେ ଅଲ୍ଲାଃଙ୍କ ସହ ନିଜ ସମ୍ପର୍କକୁ ନିବିଡ କରିବା ଉଚିତ । ଅଲ୍ଲାଃ,ରସୁଲ ଓ ତାଙ୍କର ଆଣିଥିବା ଧର୍ମ ସହ ପ୍ରେମ ଓ ନିଷ୍ଠାପରତାର ସମ୍ପର୍କକୁ ମଜବୁତ କରିବା ଉଚିତ । ସଂସାରବାସୀଙ୍କୁ ଅବଗତ କରାଇବା କି ହଜରତ ମସିହ ମଉଦ ଆ.ସ ଙ୍କ ଆଗମନ ଫଳରେ ଧାର୍ମିକ ଯୁଦ୍ଧର ଅନ୍ତ ଘଟିଛି । ବର୍ତମାନ ସମସ୍ତ ସଂସାରବାସୀଙ୍କୁ ଗୋଟିଏ ଧର୍ମରେ ଏକତ୍ର କରିବା ନିମନ୍ତେ ଅଲ୍ଲାଃ ହଜରତ ମହମ୍ମଦ ସ.ଆ ଙ୍କର ଏହି ଦାସଙ୍କୁ ସମସ୍ତ ଅବତାରଙ୍କ ବେସରେ ପ୍ରେରଣ କରିଛନ୍ତି । ଅପଣଙ୍କ ଆଗମନର ଲକ୍ଷ ବର୍ତମାନ ଆମକୁ ହିଁ (ଇସଲାମର ସୁନ୍ଦର ଶିକ୍ଷା ଓ ସତ୍ୟତା) ସଂସାରବାସୀଙ୍କୁ ଅବଗତ କରାଇବାକୁ ହେବ । ଏଥିପାଇଁ ଆମକୁ ଉତ୍‌ତମ ନମୁନା ପଦର୍ଶନ କରିବାକୁ ହେବ । ଆମକୁ ନିଜ ସାଂସାରିକ କାମନାରୁ ଉର୍ଦ୍ଧକୁ ଉଠି ଆଧ୍ୟାତ୍ମିକତାରେ ଉନ୍ନତି କରିବାକୁ ହେବ । ସଂସାରବାସୀଙ୍କୁ ଏହାର ନିଦର୍ଶନ ଦେଖାଇବାକୁ ହେବ ଯେ,ଆଜି ମଧ ଅଲ୍ଲାଃ ଆମ ପ୍ରର୍ଥନା ଶଣୁଛନ୍ତି ଏବଂ ନିଜ ପ୍ରିୟ ଜନମାନଙ୍କ ସହ ବାର୍ତାଳାପ କରୁଛନ୍ତି ଯେପରିକି ସେ ପୂର୍ବେ କରୁଥିଲେ ଏବଂ ନିଜ ନିଷ୍ଠାପର ଭକ୍ତମାନଙ୍କ ଆତ୍ମତୃପ୍ତି ନିମନ୍ତେ ବ୍ୟବସ୍ଥା ମଧ କରିଚାଲିଛନ୍ତି । ପୃଥିବୀର ସମସ୍ତ ବସ୍ତୁ କ୍ଷଣସ୍ଥାୟକିନ୍ତୁ ଅଲ୍ଲାଃ ଚୀରସ୍ଥାୟୀ ଅଟନ୍ତି । ସୁତରାଂ ଆମର ଅସ୍ତିତ୍ୱ ସେହି ଅଲ୍ଲାଃଙ୍କ ସହ ଯୋଡିହେବାରେ ଜୀବିତ ରହିପାରିବ । ଅତଏବ ମାର୍ଚ୍ଚ ୨୩ ତାରିଖ ଅର୍ଥାତ ୟୋମେ ମସିହ ମଉଦ ପାଳନ କରିବା ବେଳେ ଆମେ ଏସବୁ କଥା ମନେ ପକାଇବା ସହିତ ନିଜର ନିରିକ୍ଷଣ କରିବା ଉଚିତ । କାରଣ ହଜରତ ମସିହ ମଉଦ ଆ.ସ ଙ୍କ ଆଗମନର ଉଦ୍ଧେଶ୍ୟ ସଂସାରବାସୀଙ୍କ ମଧ୍ୟରେ ଏସବୁ ଜିନିଷ ସୃଷ୍ଟି କରିବା ଥିଲା । ହଜୁର ବିଭିନ୍ନ ସ୍ଥାନରେ ନିଜ ଆଗମନର ଉଦ୍ଧେଶ୍ୟ ବର୍ଣନା କରିଛନ୍ତି ସେଥି ମଧ୍ୟରୁ କିଛିର ଚର୍ଚ୍ଚା କରୁଅଛି । ଆପଣ କୁହନ୍ତି ଏହି ଅଧମର ଆଗମନର କାରଣ ଅଲ୍ଲାଃଙ୍କ

ସନ୍ଦେଶ ସଂସାରବାସୀଙ୍କ ନିକଟରେ ପହଂଚାଇଦେବା ଓ ବର୍ତମାନ ପୃଥିବୀରେ ଯେତେସବୁ ଧର୍ମ ରହିଛି ତନ୍ମଧ୍ୟରୁ ସେହି ଧର୍ମ ସଠିକ ଅଟେ ଯେ ଅଲ୍ଲାଃଙ୍କ ଇଚ୍ଛା ମୁତାବକ ଏବଂ କୋରାନ ନେଇ ଆସିଛି ଏବଂ ମୁକ୍ତି ପାଇବାର ଏକମାତ୍ର ଦ୍ୱାର **ଲାଇଲାହା ଇଲ୍ଲଲ୍ଲାଃ ମୁହମ୍ମଦୁର ରସୁଲୁଲ୍ଲାଃ** ଅଟେ ।

ଆଉ ଏକ ସ୍ଥାନରେ ହଜୁର ଆ.ସ କୁହନ୍ତି- ମୋର ଏହି କଥା ମନେଦେଇ ଶୁଣିନିଅ କି ମୋ ଆଗମନର ମୂଳ ଉଦ୍ଦେଶ୍ୟ କେବଳ ଇସଲାମର ଆଧୁନିକରଣ ଓ ତାହାର ସମର୍ଥନ କରିବା ଅଟେ । ଏଥିରୁ ଏହା ବୁଝିବା ଉଚିତ ନୁହେଁ ଯେ,ମୁଁ କୌଣସି ନୂତନ ନିୟାମାବଳୀ(ଶରିୟତ) କିମ୍ବା ପୁସ୍ତକ ନେଇ ଆସିଅଛି । ଯଦି କେହି ଏପରି କଳନା କରୁଥାଏ । ତେବେ ମୋ ମତରେ ସେ ଅଧର୍ମି ଓ ପଥଭ୍ରଷ୍ଟ ହୋଇଯାଇଛି । ହଜରତ ମହମ୍ମଦ ସ.ଆ ଙ୍କ ସହ ନବୁଓତ ଓ ଶରିୟତ ସମ୍ପୂର୍ଣ୍ଣ ହୋଇଯାଇଛି । ବର୍ତମାନ ଅନ୍ୟ କୌଣସି ନୂତନ ଶରିୟତ ଆସିବାର ନାହିଁ । ପବିତ୍ର କୋରାନ ହିଁ ଅନ୍ତିମ (ଧର୍ମ) ପୁସ୍ତକ । ଏଥିରେ ଆଉ ମାତ୍ର ଗୋଟିଏ ଶବ୍ଦ କିମ୍ବା ଚିହ୍ନ ମଧ୍ୟ କମ କିମ୍ବା ଅଧିକ ହେବାର ନାହିଁ । ହଁ ଏହା ସତ୍ୟ ଯେ, ହଜୁର ସ.ଆ ଙ୍କ ବିଭୂତି ଓ ପବିତ୍ର କୋରାନର ସତେଜ ପ୍ରଦାନକାରୀ ଫଳ ଶେଷ ହେବ ନାହିଁ । ପ୍ରତ୍ୟେକ ଯୁଗରେ ସେ ନିଜର ସତେଜ,ସୁଗନ୍ଧ ଫଳ ପ୍ରଦାନ କରି ଚାଲିଥିବ । ଏହି ବିଭୂତିର ପ୍ରମାଣ ଦେବା ପାଇଁ ଅଲ୍ଲାଃତାଲା ମୋତେ ପ୍ରେରଣ କରିଛନ୍ତି । ଇସ୍‌ଲାମ୍‌ର ଯେଉଁ ଅବସ୍ଥା ବର୍ତମାନ ଅଛି ତାହା କାହାକୁ ଅଛୁପା ନାହିଁ । ସର୍ବସମ୍ମତି କ୍ରମେ ସ୍ୱୀକାର କରାଯାଉ ଅଛି ଯେ ପ୍ରତ୍ୟେକ ପ୍ରକାରର ଦୁର୍ବଳତା ଓ ଅବନତି ର ଶିକାର ମୁସଲମାନ ହେଉଛନ୍ତି । ପ୍ରତ୍ୟେକ କ୍ଷେତ୍ରରେ ସେ ତଳି ତଳାନ୍ତ ହେଉଛନ୍ତି । ତାଙ୍କର କଥା ଗୁଡିକ ସାଙ୍ଗରେ ଥିଲେ ମଧ୍ୟ ହୃଦୟ ନାହିଁ ଏବଂ ଇସଲାମ୍ ଅନାଥ ହୋଇଯାଇ ଅଛି । ଏହି ଅବସ୍ଥାରେ ଅଲ୍ଲାଃତାଲା ମତେ ପ୍ରେରଣ କରିଛନ୍ତି କି ମୁଁ ତାର ସାହାଯ୍ୟ ଓ ଦେଖଭାଲ କରିବି ଏବଂ ସେ ତାର ପ୍ରତିଶୃତି ଅନୁସାରେ ପ୍ରେରଣ କରିଛନ୍ତି । ଏହି ଯୋଗୁଁ ସେ କହନ୍ତି ଇନ୍ନା ନହନୋ ନଜ୍ଜଲନଜ୍ ଜିକ୍‌ରା ଓ ଇନ୍ନା ଲହୁ ଲ ହାଫେଜୁନ୍ (ଅଲ୍‌ହିଜର:୧୦) ଅର୍ଥାତ ବାସ୍ତବରେ ଆମ୍ଭେ ହିଁ ଏହି ଉପଦେଶ ଅବତୀର୍ଣ୍ଣ କରିଅଛୁଁ ଏବଂ ଆମେ ନିଶ୍ଚୟ ଏହାର ସଂରକ୍ଷଣ କରିବୁ । ଅର୍ଥାତ କୋରାନର ଶିକ୍ଷାକୁ ପ୍ରସାର କରିବା ଏବଂ ତାର ସଂରକ୍ଷଣ ନିମନ୍ତେ ଅଲ୍ଲାଃତାଲା ତାର ଦାୟିତ୍ୱ ବହନ କରିଛନ୍ତି ଏବଂ ଏହି ଉଦ୍ଦେଶ୍ୟ ପାଇଁ ମସିହ୍ ମଉଦ୍ ଙ୍କୁ ପ୍ରେରଣ କରିଛନ୍ତି । ଆପଣ କହୁଛନ୍ତି କି ଯଦି ଏହି ସମୟରେ ସାହାଯ୍ୟ ତଥା ଦେଖାଶୁଣା ନ କରାଯାଏ ତା ହେଲେ ଆଉ କେଉଁ ସମୟରେ ଏହା ହେବ ? ଏବେ ଏହି ଚତୁର୍ଦ୍ଦଶ ଶତାବ୍ଦୀରେ ଏହି କଥା ହେଉଅଛି ଯାହା ବଦର (ଯୁଦ୍ଧ) ସମୟରେ ହୋଇଥିଲା ଯେଉଁଥିପାଇଁ ଅଲ୍ଲାଃତାଲା କହୁଛନ୍ତି ଓ୍ୱ ଲକଦ୍ ନସର କୁମୁଲ୍ଲାହୋ ବିବଦଦ୍‌ରିନ୍ ଓ ଅନ୍‌ତୁମ୍ ଅଜିଲ୍ଲାଃ (ଆଲେ-ଇମ୍‌ରାନ:୧୨୪) ଅର୍ଥାତ - ଏବଂ (ଏଥିପୂର୍ବରୁ) ବଦର (ଯୁଦ୍ଧକ୍ଷେତ୍ରରେ), ଯେତେ ବେଳେ କି ତୁମେ ମାନେ ନଗଣ୍ୟ ଥିଲ (ସେତେବେଳେ) ଅଲ୍ଲାଃ ବାସ୍ତବରେ ତୁମମାନଙ୍କୁ ସାହାଯ୍ୟ କରିଥିଲେ । କହିଲେ କି ଏହି ଆୟତ୍‌ରେ ମଧ୍ୟ ଗୋଟିଏ ଭବିଷ୍ୟତ ବାଣୀ ନିହିତ ଥିଲା ଅର୍ଥାତ ଯେବେ ଚତୁର୍ଦ୍ଦଶ ଶତାବ୍ଦୀରେ ଇସ୍‌ଲାମ୍ ଦୃର୍ବଳ ଓ ଶକ୍ତିହୀନ ହୋଇଯିବ ସେତେବେଳେ ଅଲ୍ଲାଃତାଲା ତାର ପ୍ରତିଶୃତି ଅନୁଯାଇ ସାହାଯ୍ୟ କରିବ । ତାହାଲେ ତୁମେ କଣ ପାଇଁ ଆଶ୍ଚର୍ଯ୍ୟ ହେଉଅଛ କି ସେ ଇସ୍‌ଲାମର ସାହାଯ୍ୟ କଲେ ? ମୁଁ ଏହି କଥାରେ ଦୁଃଖ ପ୍ରକାଶ କରୁନାହିଁ ଯେ ମୋର ନାମ ଦଜ୍ଜାଲ ଏବଂ ମିଥ୍ୟାବାଦୀ ରଖାଯାଉଅଛି ଏବଂ ମୋ ଉପରେ ମିଥ୍ୟାରୋପ କରାଯାଇଅଛି । ଏହି ଦୃଷ୍ଟିରୁ ମୋ ସହିତ ଏପରି ବ୍ୟବହାର ହେବାର ଥିଲା ଯାହାକି ପୂର୍ବରୁ ପୂଣ୍ୟାତ୍ମାଙ୍କ ସହିତ ହୋଇଥିଲା ଯଦ୍ୱାରା ମୁଁ ମଧ୍ୟ ଏହି ପ୍ରଥାର ସମଭାଗି ହୋଇ ପାରିବି ।

(ମଲ୍‌ଫୁଜାତ୍ ଖଣ୍ଡ-୮ ପୃଷ୍ଠା ୨୪୫-୨୪୬)

ପୁଣି ଆଉ ଏକ ସ୍ଥାନରେ ଆପଣ ନିଜ ଆଗମନର ଉଦ୍ଦେଶ୍ୟ ବର୍ଣ୍ଣନା କରି କୁହନ୍ତି- ମୋ ଆଗମନର ଦୁଇଟି ଉଦ୍ଦେଶ୍ୟ ରହିଛି । ତାହା ଏହି କି ଯେ,ମୁସଲମାନମାନଙ୍କୁ ପ୍ରକୃତ ଧର୍ମ ଭୀରୁ ଓ ପବିତ୍ର କରାଇବା ଯାହାକି ମୁସଲମାନ ଶବ୍ଦର ଅର୍ଥ ଓ ଅଲ୍ଲାଃଙ୍କ ଅଭିଳାଷା ଅଟେ । ଦ୍ୱିତୀୟରେ ଖ୍ରୀଷ୍ଟଧର୍ମୀମାନଙ୍କ ନିମନ୍ତେ ଏପରି ଯଦ୍ୱାରା ଯୀଶୁଙ୍କ କୃଶ୍ ବିଦ୍ଧ ହେବାର ଭ୍ରାନ୍ତ ଧାରଣା ବର୍ଣ୍ଣିତ ହେବ ଏବଂ ସେମାନଙ୍କର ଉପସ୍ଥାପିତ କୃତ୍ରିମ ଈଶ୍ୱର ଉଭେଇ ଯିବ ଏବଂ ସଂସାରରେ କେବଳ ଅଲ୍ଲାଃଙ୍କର ଉପାସନାକୁ ପ୍ରତିଷ୍ଠା କରିବା ଅଟେ । ମୋର ଏହି ଉଦ୍ଦେଶ୍ୟ ସମ୍ବନ୍ଧରେ ସଂସାରବାସୀ ଅବଗତ ହେବା ପରେ ସେମାନେ ମୋ ସହ ବିରୁଦ୍ଧାଚରଣ କରୁଛନ୍ତି । ସେମାନଙ୍କୁ ମନେରଖିବା ଉଚିତ୍ ଯେ ଯେଉଁ କାର୍ଯ୍ୟ ବିଶ୍ୱାସଘାତକତାର ସହିତ ଏବଂ ସଂସାରର ଅପରିସ୍କାର ଜୀବନ ଭିତରେ ରହି ହୋଇବ ତାହା ହେଲେ ସେ ନିଜେ ସେହି ବିଷ ଦ୍ୱାରା ହିଁ ଶେଷ ହୋଇଯିବେ । ମିଥ୍ୟାବାଦୀ କଣ କାମିୟାବ୍ ହୋଇପାରିବେ ?ଇନ୍ନଲ୍ଲାହା ଲାୟହ୍‌ଦି ମନ୍ ହୁଆ ମୁସେର୍‌ଫୁନ୍ କଜ୍ଜାବ୍ (ଅଲ୍ ମୁମିନୁନ୍ ୨୯) ଅର୍ଥାତ ବାସ୍ତବରେ ଅଲ୍ଲାଃତାଲା ଅତ୍ୟଧିକ ସୀମା ଅତିକ୍ରମକରିବା ବାଲା ଏବଂ ମିଥ୍ୟାବାଦୀଙ୍କୁ କଦାପି ଉପକୃତ କରନ୍ତିନାହିଁ କହିଲେ କି ମିଥ୍ୟାବାଦୀର ନିଶେଷ ପାଇଁ ତାର ମିଥ୍ୟା ହିଁ ଯଥେଷ୍ଟ । କିନ୍ତୁ ଯେଉଁ କାର୍ଯ୍ୟ ଅଲ୍ଲାଃତାଲାଙ୍କର ଯଶ ଏବଂ ତା ରସୁଲର ଶୁଭ କାମନା ଏବଂ ତାଙ୍କୁ ପ୍ରମାଣିତ କରିବା ପାଇଁ ହୁଏ ଏବଂ ନିଜେ ଅଲ୍ଲାଃଙ୍କ ଦ୍ୱାରା ହିଁ ଲଗାଯାଇ ଥିବା ଦ୍ରୁମ ହୋଇଥାଏ - ତାହେଲେ ତାର ରକ୍ଷଣା ବେକ୍ଷଣା ଦେବଦୂତ ମାନେ ହିଁ କରିଥାନ୍ତି । କିଏ ଅଛି ଯେ ଏହାକୁ ଧ୍ୱସଂ କରିପାରିବ ? ମନେରଖ ଯଦି ମୋ (ଅନୁଷ୍ଠାନ) ବ୍ୟବସାୟ କରିବା ଉଦ୍ଦେଶ୍ୟରେ ହୋଇଥାଏ ତେବେ ଏହାର ଚିହ୍ନବର୍ଣ୍ଣ ମଧ୍ୟ ରହିବ ନାହିଁ । କିନ୍ତୁ ଯଦି ଅଲାଃଙ୍କର ହୁଏ ଏବଂ ନିସନ୍ଦେହ ତାଙ୍କରି ଅଟେ ତେବେ ସମଗ୍ର ସଂସାରବାସୀ ମୋର ବିରୁଦ୍ଧାଚରଣ କଲେ ମଧ୍ୟ ଏହି ସମ୍ପ୍ରଦାୟ ଉନ୍ନତି କରିଚାଲିବ ଏବଂ ସ୍ୱୟଂ ଦେବଦୂତମାନେ ଏହାକୁ ସୁରକ୍ଷା ପ୍ରଦାନ କରିବେ(ଇନଶାଅଲ୍ଲାଃ) । ଯଦି ଜଣେ ହେଲେ ମଧ୍ୟ ମୋର ସାହାଯ୍ୟ ନକରେ ତଥାପି ମୋର ବିଶ୍ୱାସ ଏହି(ଅନୁଷ୍ଠାନ)ବିଜୟ ଲାଭ କରିବ । ବିରୋଧର ମୁଁ ଖାତିର କରେନାହିଁ ମୁଁ ଏହାକୁ ଏହି ସଂସ୍ଥାର ଉନ୍ନତି ପାଇଁ ଜରୁରୀ ମନେକରୁଛି । ଏପରି କଦାପି ହୋଇନାହିଁ କି ଅଲ୍ଲାଃତାଲାଙ୍କର ପ୍ରେରିତ (ଦୂତ) ଏବଂ ଖଲିଫା ଆସିଛନ୍ତି ଏବଂ ଲୋକମାନେ ତାଙ୍କୁ ଚୁପ୍‌ଚାପ୍ ମାନି ନେଇଛନ୍ତି । ଏ ସଂସାରର ଅଜବ ଅବସ୍ଥା, ମଣିଷ କେତେ ମଧ୍ୟ ସତ୍ୟବାଦି ପ୍ରକୃତିର ହୋଇଥାଉ କିନ୍ତୁ ଲୋକମାନେ ତାଙ୍କର ପଛରେ ପଡିଯାଇଥାନ୍ତି । ଏବଂ ସେମାନେ ତାଙ୍କର ବିରୋଧ କରିଚାଲିଥାନ୍ତି । (ମଲ୍‌ଫୁଜାତ୍ ଖଣ୍ଡ-୮ ପୃଷ୍ଠା ୧୪୮) । ଆଜି ଏହା ୧୨୭ତମ ବର୍ଷରେ ପାଦ ଦେଇସାରିଛି ଏବଂ ଆମେ ଦେଖୁଛେ ଯେ, ଅଲ୍ଲାଃଙ୍କ ସାହାଯ୍ୟ ସହଯୋଗ ଫଳସ୍ୱରୂପ ଏହା କିପରି ଦିନକୁ ଦିନ ପ୍ରସାର ଲାଭ କରିଚାଲିଛି । ଅତଏବ ଏହି ସ୍ଥଳେ ଆମର କର୍ତବ୍ୟ ଯେ,ଆମେ ନିଜ ମଧ୍ୟରେ ପବିତ୍ର ପରିବର୍ତନ ଆଣି ଆପଣଙ୍କ ଉଦ୍ଦେଶ୍ୟ ପୂରଣରେ ସହଯୋଗ କରି ଉକ୍ତ କୃପାରୁ ଭାଗ ନେବା ଯାହାକି ଆପଣଙ୍କ ଆଗମନର ଉଦ୍ଦେଶ୍ୟ ଅଟେ । ଯାହାକି ଆପଣଙ୍କୁ ସ୍ୱୀକାର କରିବା ଫଳରେ ପ୍ରାପ୍ତ ହୋଇଥାଏ ନଚେତ ଯେପରିକି ଆପଣ କୁହନ୍ତି-ଆମମାନଙ୍କ ମଧ୍ୟରୁ କାହର କୌଣସି ପ୍ରକାର ସାହାଯ୍ୟର ଅବଶ୍ୟକତା ନାହିଁ । ଅଲ୍ଲାଃ ସ୍ୱୟଂ ଦେବଦୂତମାନଙ୍କୁ ଆପଣଙ୍କ ସାହାଯ୍ୟ ନିମନ୍ତେ ପ୍ରେରଣ କରି ଆପଣଙ୍କ ସମ୍ପ୍ରଦାୟକୁ ଉନ୍ନତି ପ୍ରଦାନ କରୁଛନ୍ତି ଏବଂ କରି ଚାଲିଥିବେ ।

ଆଉ ଏକ ସ୍ଥାନରେ ଆପଣ କୁହନ୍ତି ଅଲ୍ଲାଃ ମୋତେ ଏଥିପାଇଁ ପ୍ରେରଣ କରିଛନ୍ତି କି ମୁଁ ଜ୍ଞାନରୂପକ ଗୁପ୍ତଧନକୁ ସଂସାରବାସୀଙ୍କୁ ପ୍ରଦାନ କରିବା ସହ ନିରର୍ଥକ ଆପତ୍‌ତି ଯାହାକି (କୋରାନ ଓ ଇସଲାମ ତଥା ଅବତାରଙ୍କ) ଉପରେ କରାଯାଉଛି ତାହାର ଖଣ୍ଡନ କରି ତାହାର ପବିତ୍ରତା ପ୍ରକାଶ କରିବି । ବର୍ତମାନ ପବିତ୍ର କୋରାନର ସମ୍ମାନ ହାନି ନିମନ୍ତେ ଶତ୍ରୁ ଯେଉଁ ଆପତ୍‌ତି କରିବାର ପଦକ୍ଷେପ ନେଇଛି ତାହାର ଖଣ୍ଡନ କରିବା ସେସବୁରୁ ପବିତ୍ର କରିବା ନିମନ୍ତେ ଅଲ୍ଲାଃ ଉତ୍‌ତେଜିତ । ଅର୍ଥାତ ଶତ୍ରୁ କଲମ ମାଧ୍ୟମରେ ଯେଉଁ ଆକ୍ରମଣ କରୁଅଛି ଆମେ ଯଦି ଏପରି ପରିସ୍ଥିତିରେ ଝଗଡା କରି (ଶତ୍ରୁର) ମୁକାବିଲା କରିବାକୁ ଚାହିଁବା ତେବେ ତାହା ଇସଲାମର ସମ୍ମାନ ହାନୀର କାରଣ ହେବ ଏବଂ ଇସଲାମରେ ଏଭଳି ଶିକ୍ଷା ନାହିଁ କି ପ୍ରତ୍ୟେକ ସ୍ଥଳେ ଖଣ୍ଡା ଉଠାଅ । ଅତଏବ ଆବଶ୍ୟକତା ରହିଛି କି ନିଜ ବୁଦ୍ଧି ବିବେକକୁ କାର୍ଯ୍ୟରେ ଆଣି ନିଜକୁ ପବିତ୍ର କରିବା ସହ ଅଲ୍ଲାଃଙ୍କ ଭୟ ରଖି ତାଙ୍କର ସାହାର୍ଯ୍ୟ ଭିକ୍ଷା କରି ଉନ୍ନତି କାମନା କରିବା ଉଚିତ୍ । ଅଲ୍ଲାଃଙ୍କର ଭୟଏହି ଅଟଳ ନିଷ୍ପତି କଦାପି ମୁସଲମାନମାନେ (ଶତ୍ରୁକୁ) କହି ଶୁଣାଇ ବିଜୟ ପ୍ରାପ୍ତି କରିପାରିବେ ନାହିଁ । ନା ଅଲ୍ଲାଃ ନିଜର ବଡପଣିଆ ବଖାଣୁଥିବା ଲୋକମାନଙ୍କୁ ପସନ୍ଦ କରନ୍ତି । ସେ କେବଳ ପ୍ରକୃତ ଧର୍ମଭୀରୁ ଓ ପବିତ୍ର ଲୋକମାନଙ୍କୁ ପସନ୍ଦ କରନ୍ତି । ଯେପରିକି ସେ କୁହନ୍ତି **ଇନ୍ନଲ୍ ଲାହା ମାଅଲ୍ ଲଜିନତ୍ ତକୈଲ୍ ଲଜିନା ହୁମ ମୁହସିନୁନ** ଅତଏବ ଏହି ଧର୍ମଭୀରୁତା ଆମେ ନିଜ ଭିତରେ ସୃଷ୍ଟି କରି ଇସଲାମର ସୁନ୍ଦର ଶିକ୍ଷା ସହ ସଂସାରବାସୀଙ୍କୁ ଅବଗତ କରାଇବା ଉଚିତ କି ଇସଲାମର ପ୍ରସାର ନିମନ୍ତେ ଧର୍ମଭୀରୁତା ସର୍ତ ଅଟେ । ଅତଏବ ଅନ୍ୟାୟ ଓ ଅତ୍ୟାଚାର କରିବା ପରିବର୍ତେ ଧର୍ମଭୀରୁତାରେ ଆଗକୁ ବଢିବା ଉଚିତ । ଦେଖ ଇସଲାମର ନାମ ନେଇ ଆଜିକାଲି ଯେଉଁ ଆକ୍ରମଣ ଓ ବିସ୍ଫୋରଣମାନ ଘଟାଯାଉଛି ସେଥିରେ ଇସଲାମର ସମ୍ମାନ ବୃଦ୍ଧି ହେଉ ନାହିଁ ବରଂ ସମ୍ମାନ ହାନି ହେଉଛି ଏବଂ ନିରିହ ଲୋକମାନଙ୍କୁ ହତ୍ୟା କରି ଏମାନେ ନିଜ ପାଇଁ ଆଲ୍ଲାଃଙ୍କ ପ୍ରକୋପ ଟାଣି ଆଣି ଆଣୁଛନ୍ତି ।

ବିଗତ ଦିନରେ ବେଲଜିୟମରେ ଏହିପରି ଅଘଟଣ ଘଟାଇ ନିରିହ ଲୋକମାନଙ୍କୁ ହତ୍ୟା କରିବା ସହ ସତାଧିକ ଲୋକମାନଙ୍କୁ କ୍ଷତବିକ୍ଷତ କରାଗଲା । ଏମାନେ ଏପରି କର୍ମ କରି ଅଲ୍ଲାଃଙ୍କୁ ପ୍ରସନ୍ନ କରୁନାହାନ୍ତି । ଯେତେବେଳେ କି ହଜରତ ମସିହ ମଉଦ ଆ.ସ ଏହା ସ୍ପଷ୍ଟ କରିଦେଇଛନ୍ତି କି ବର୍ତମାନ ଧର୍ମ ନାମରେ ଯୁଦ୍ଧ ଓ ଅତ୍ୟାଚାର କରିବା ନିଷିଦ୍ଧ ଅଟେ । ଏପରି ହରକତ କେବଳ ଅଲ୍ଲାଃଙ୍କ ପ୍ରକୋପ ଟାଣିଆଣିବା ବ୍ୟତିତ ଅନ୍ୟ କିଛି ହାସଲ ହୋଇନଥାଏ । ଆଜିର ଏହି ପୂର୍ଣ୍ଣ ବିକସିତ ଯୁଗରେ କେହି କହିପାରିବେ ନାହିଁ ଯେ ଆପଣଙ୍କର ଏହି ସନ୍ଦେଶ ଆମ ନିକଟରେ ପହଂଚି ନାହିଁ । ସମସ୍ତେ ଏହି ସନ୍ଦେଶ ସହ ଅବଗତ । ଅଲ୍ଲାଃ ଧର୍ମ ନାମରେ ଏପରି ଅବିଚାର କରୁଥିବା ଲୋକମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ଯୁଗର ସୁଦ୍ଧାରକଙ୍କ କଥା ପ୍ରତି କାନ ଦେଇ ଏପରି ଅବିଚାର ଓ ଅତ୍ୟାଚାରରୁ ନିବୃତ ରହିବା ସହ ପ୍ରକୃତ ହତିଆର ବ୍ୟବହାର କରନ୍ତୁ ଯାହାକି ହଜରତ ମସିହ ମଉଦ ଆ.ସ ଙ୍କୁ ପ୍ରଦାନ କରାଯାଇଛି,ସେମାନେ କୌଣସି ଗୋଷ୍ଠୀ ହୁଅନ୍ତୁ ଅବା ପ୍ରଶାସକ ଦଳ । ହଜରତ ମସିହ ମଉଦ ଆ.ସ କୁହନ୍ତି-ବର୍ତମାନର ଅବଶ୍ୟକତା କଲମ(ଜେହାଦ)ର ନା କି ଖଣ୍ଡାର । ଆମ ବିରୋଧୀମାନେ ଇସଲାମ ଉପରେ ଯେଉଁ ଆପତ୍‌ତି କରୁଛନ୍ତି ତାହା ମୋତେ ଏଥିପ୍ରତି ଧ୍ୟାନ ଆକର୍ଷିତ କରୁଛି କି ମୁଁ ଇସଲାମର ଆଧ୍ୟାତ୍ମିକ ଓ ଅର୍ନ୍ତନିହିତ ଶକ୍ତିର ଚମ୍‌କାର କଲମ ମାଧ୍ୟମରେ ଦର୍ଶାଇ ଦେବି । ହଜୁର କୁହନ୍ତି ଏକଦା ମୁଁ ଉକ୍ତ ଆପତି ଓ ଅଭିଯୋଗ ଗୁଡିକୁ ଗଣନା କରି ଦେଖିଲି ଯେ ତାହା ପାଖାପାଖି ୩୦୦୦ ଅଟେ । ସେଗୁଡିକ ଅଜ୍ଞ ବ୍ୟକ୍ତିମାନଙ୍କ ଦୃଷ୍ଟିରେ ଆପତ୍‌ତି ଅଟେ କିନ୍ତୁ ସେଗୁଡିକର ଅନୁଧ୍ୟାନ କରିବାରୁ ମୁଁ ଯେଉଁ ଅନନ୍ୟ ରହସ୍ୟର ସନ୍ଧାନ ପାଇଲି ତାହା ସେ ଅଜ୍ଞ ବ୍ୟକ୍ତିମାନେ କଦାପି ପ୍ରାପ୍ତ କରିପାରିବେ ନାହିଁ । ପ୍ରକୃତରେ ଏହା ଅଲ୍ଲାଃଙ୍କ କାର୍ଯ୍ୟ ଯେ,ସେ ଉକ୍ତ ଅନ୍ଧ ଆପତ୍‌ତିକାରୀଙ୍କ ଦୃଷ୍ଟିରୁ ସେହି ଜ୍ଞାନ ଓ ରହସ୍ୟର ଗୁପ୍ତଧନକୁ ଲୁଚାଇ ରଖିଥିଲେ ଏବଂ ତାହାର ପ୍ରକାଶ କରିବା ମୋ ହାତରେ ଧାର୍ଯ୍ୟ ଥିଲା । ପୁଣି ଖ୍ରୀଷ୍ଟ ଧର୍ମୀମାନେ ଏପରି ମନଗଢା ବିଶ୍ୱାସ ଆପଣାଇ ନେଇଛନ୍ତି ଯେ ତାହାର ସେମାନଙ୍କୁ ହିଁ ବୁଝା ପଡୁନାହିଁ । ଏହାର ଉଦାହରଣ ଏପରି ଅଟେ,ଯେମିତିକି ଜଣକ ଗଳାରେ ଏକ ଢୋଲ ଲଟକାଇ ଦିଆଯାଏ ଓ ସେ ତାହାକୁ ବଜାଇବାକୁ ଲାଗେ । ତେବେ ସେମାନଙ୍କ ନୀୟମାବଳୀର କଣ ବା ଚର୍ଚ୍ଚା କରିବା । ସତ୍ୟ ଏହିକି ଯେ,ଇସଲାମ ଯେଉଁ ଶିକ୍ଷା ପ୍ରଦାନ କରୁଅଛି ଏବଂ ସେଥିପାଇଁ ଅଲ୍ଲାଃ ମୋତେ ତାହାର ସତ୍ୟତା ପ୍ରତିପାଦନ କରିବା ନିମନ୍ତେ ଆଦେଶ ଦେଇଛନ୍ତି । ସତ୍ୟ ଏହା ଅଟେ ଯେ ଅଲ୍ଲାଃତାଲା ଅଛନ୍ତି ଏବଂ ଏକ ଅଟନ୍ତି । ମୋର ତ ଏହା ଧର୍ମ ଯେ ଯଦି ଇନ୍‌ଜିଲ ଓ କୋରାନ୍ ଏବଂ ପ୍ରତ୍ୟେକ ଧର୍ମ ପୁସ୍ତକମାନ ଏ ସଂସାରରେ ନଥାନ୍ତା ତେବେ ମଧ୍ୟ ଅଲ୍ଲାଃତାଲାଙ୍କ ଏକଶ୍ୱର ବାଦର ପ୍ରମାଣ ଥିଲା କାରଣ ତାର ଚିହ୍ନ ଗୁଡିକ ମଣିଷ ପ୍ରକୃତି ରେ ନିହିତ ଅଛି । ଅଲ୍ଲାଃଙ୍କ ପାଇଁ ପୁତ୍ରର ଆବଶ୍ୟକ କରିବା

ଅର୍ଥ ଅଲ୍ଲାଃଙ୍କ ମୃତ୍ୟୁକୁ ନିଶ୍ଚିତ କରିବା । କାରଣ ପୁତ୍ର (ବାପର) ସ୍ମୃତି ହୋଇଥାଏ । ଏବେ ଯଦି ମସିହ୍ (ଯୀଶୁ) ଅଲ୍ଲାଃଙ୍କ ପୁତ୍ର ହୁଅନ୍ତି ତେବେ ପ୍ରଶ୍ନ ଉଠୁଛି ଯେ ଅଲ୍ଲାଃଙ୍କୁ କଣ ମରିବାକୁ ପଡିବ ? ସଂକ୍ଷେପରେ ଏହା କୁହାଯାଇପାରେ କି ଖ୍ରୀଷ୍ଟଧର୍ମୀ ନିଜର ବିଶ୍ୱାସ ରେ ନା ଅଲ୍ଲାଃଙ୍କ ବଡିମାର ସମ୍ମାନ କରିଲେ ନା ମଣିଷ ବଳର ସମ୍ମାନ କରିଲେ ଏପରି କଥାକୁ ମାନିନେଇଛନ୍ତି କି ଯାହା ସାଙ୍ଗରେ ଐଶ୍ୱରିକ ଜ୍ୟୋତିର ସାହାଯ୍ୟ ନାହିଁ । ଏପରି ଜଣେ ଖ୍ରୀଷ୍ଟିଆନ (ଇସାଇ) ଦେଖାଯାଉନାହାନ୍ତି କି ଯିଏ ଅଲୌକିକ ନଦର୍ଶନ ଦେଇପାରିବ ଏବଂ ନିଜର ଇମାନ (ବିଶ୍ୱାସ) କୁ ସେହି ଚିହ୍ନମାନଙ୍କ ଦ୍ୱାରା ପ୍ରମାଣ କରିପାରିବ, ଯାହା ବିଶ୍ୱାସକାରୀଙ୍କ ଦ୍ୱାରା ହୋଇଥାଏ । ଦେଖ ଇସଲାମର ଏହା କେତେ ବଡ ବିଶେଷତ୍ୱ ଯେ,ସେ ପ୍ରତ୍ୟେକ ଯୁଗରେ (ସୁଦ୍ଧାରକ ମାନଙ୍କୁ ପ୍ରେରଣ କରି) ନିଜର ନିଦର୍ଶନ ଦେଖାଇ ଚାଲିଛି ଏବଂ ଅଲ୍ଲାଃ କଦାପି ଇସଲାମକୁ ଏକାକି ଛାଡି ଦେଇନାହାନ୍ତି । ଏହି ଯୁଗରେ ମୋତେ ପ୍ରେରଣ କରିବାରେ ଉଦ୍ଦେଶ୍ୟ ସେହି ନିଦର୍ଶନଗୁଡିକୁ ଦେଖାଇବା ଅଟେ । ସୁତରାଂ ଭାଗ୍ୟବାନ ସେ ଯେ କି ସତ୍ୟର ସନ୍ଧାନରେ ମୋ ନିକଟକୁ ଆସେ ଏବଂ ସତ୍ୟକୁ ଦେଖି ସ୍ୱୀକାର କରିନିଏ ।

ପୁଣି ମୁସଲମାନମାନଙ୍କ ଭ୍ରମଧାରଣା ଅର୍ଥାତ ହ.ଈସା ଆକାଶରେ ଜୀବିତ ବସିଛନ୍ତି ର ଖଣ୍ଡନ କରି ଏପରି ଭ୍ରମ ଧାରଣାଗୁଡିକୁ ଦୂର କରିବା ଯାହାକି ଖ୍ରୀଷ୍ଟ ଧର୍ମୀମାନେ ମୁସଲମାନମାନଙ୍କ ମଧ୍ୟରେ ସୃଷ୍ଟି କରିଦେଇଛନ୍ତି । ଆପଣ କହୁଛନ୍ତି କି – ହଜ୍‌ରତ୍ ଇସା[ଆ:ସ]ଙ୍କ ଶୁଳିରୁ ଜୀବିତ ଓହ୍ଲେଇ ପଡିବା ଏବଂ ସେହି ଦୁର୍ଘଟଣାରୁ ବଂଚିଯିବା ପବିତ୍ର କୋରାନ ରେ ସଠିକ୍ ଏବଂ ନିଶ୍ଚିତ ଜ୍ଞାନ ଦିଆଯାଇଛି । କିନ୍ତୁ ବଡ ଦୁଖଃର ବିଷୟ କି କେତେ ହଜାର ବର୍ଷ ହେଲା ଯେଉଁ ଇସ୍‌ଲାମ୍ ଉପରେ ବହୁତ ଦୁର୍ଦ୍ଧଶା ଆସିଛି ସେଠି ଏହି ବିଷୟ ମଧ୍ୟ ଅନ୍ଧାରରେ ରହିଗଲା ଏବଂ ମୁସଲମାନଙ୍କ ମଧ୍ୟରେ ଦୁର୍ଭାଗ୍ୟ ବସତଃ ଏ ଚିନ୍ତାଧାରା ରହିଗଲା କି ହଜ୍‌ରତ୍ ମସିହ୍ (ଯୀଶୁ) ଜୀବିତ (ସ୍ୱଦେହରେ) ଆକାଶକୁ ଉଠାଇ ନିଆଯାଇଅଛି । ଏବଂ ସେ ପ୍ରଳୟ (କୟାମତ୍) ପାଖାପାଖି ଆକାଶରୁ ଅବତୀର୍ଣ୍ଣ ହେବେ । କିନ୍ତୁ ଏହି ଚତୁର୍ଦ୍ଦଶ ଶତାବ୍ଦୀରେ ଅଲ୍ଲାଃତାଲା ମତେ କର୍ମାନ୍ତର ପ୍ରେରଣ କରିଛନ୍ତି ଯଦ୍ୱାରା ମୁଁ ମୁସଲମାନଙ୍କ ମଧ୍ୟରେ ଯେଉଁ ଅନ୍ତର୍ନିହିତ ଭୁଲ ରହିଯାଇଛି ତାକୁ ଦୁର କରିଦେବି ଏବଂ ଇସ୍‌ଲାମର ସତ୍ୟତାକୁ ସଂସାର ବାସୀଙ୍କ ଉପରେ ପ୍ରକଟ କରିଦେବି ଏବଂ ଇସ୍‌ଲାମ୍ ଉପରେ ଯେଉଁ ବାହ୍ୟ ଆରୋପ ଲଗାଯାଇଛି ତାର ଉତ୍‌ତର ଦେବି ଏବଂ ଅନ୍ୟ ଅସିଦ୍ଧ (ବାତିଲ୍) ଧର୍ମ ଗୁଡିକର ମୁଖା ଖୋଲି ଦେଖାଇଦେବି । ବିଶେଷ କରି କୃଶ(ଇସାଇ) ଧର୍ମର ଏବଂ ତାର ଭୂଲ ବିଶ୍ୱାସ ଗୁଡିକୁ ମୁଳତ୍ପାଟନ କରିବା ଯାହା ମଣିଷ ପାଇଁ ଭୟାବହ ହେବା ସହିତ ମଣିଷର ଆଧାତ୍ମିକ ଉନ୍ନତି ପାଇଁ ପ୍ରତିରୋଧକ ଅଟେ । (ମଲ୍‌ଫୁଜାତ୍ ଖଣ୍ଡ–୧ ପୃଷ୍ଠା ୩୩୧–୩୩୨ )।

ଏକ ସ୍ଥାନରେ ପ୍ରତିଶୃତ ମସିହର ଆବଶ୍ୟକତା ସମ୍ବନ୍ଧରେ ଆପଣ କୁହନ୍ତି ଅନ୍ୟ ସମସ୍ତ କାରଣଗୁଡିକୁ ବାଦ ଦେଇ କେବଳ ହ.ମୁସା ଆ.ସ ଙ୍କ ସମ୍ପ୍ରଦାୟ ସହ ଇସଲାମର ତୁଳନା ଏହା ଦରକାର କରୁଛି କି ବର୍ତମାନ ଏକ ସୁଧାରକର ଆସିବା ନିତ୍ୟାନ୍ତ ଆବଶ୍ୟକ । କାରଣ ହ.ମୁସା ଆ.ସ ଙ୍କ ୧୪୦୦ବର୍ଷ ପରେ ହ.ଈଶା ଅସିଥିଲେ । ଏହା ଏକ ଦୃଷ୍ଟାନ୍ତ କିନ୍ତୁ ଯେଉଁମାନେ କହୁଛନ୍ତି କି ହ.ଈଶା ମସି ହିଁ ପୁର୍ନବାର ଅବତିର୍ଣ୍ଣ ହେବେ ସେମାନେ ଏହାର କୌଣସି ପ୍ରମାଣ ତ ଦିଅନ୍ତୁ । ଯଦି ସେମାନେ ଏପରି ନକରନ୍ତି ଏବଂ କଦାପି ସେମାନେ ଏପରି କରିପାରିବେ ନାହିଁ । ତେବେ ଏପରି ମନଗଢା କଥନକୁ କାହିଁକି ଶ୍ରେୟ ଦେଉଛନ୍ତି । ଏପରି କଥନରୁ ନିବୃତ ରୁହ ନଚେତ ଧ୍ୱଂସାଭିମୂଖ ହେବ ।ୟହୁଦୀଙ୍କ ଉପରେ ଅଲ୍ଲାଃଙ୍କ କୋପ ଏଥିପାଇଁ ପ୍ରକଟ ହେଲା କି ସେମାନେ ଅଲ୍ଲାଃଙ୍କ (ପ୍ରେରିତ) ଏକ ରସୁଲଙ୍କୁ ମାନିଲେ ନାହିଁ ଏହି ଅମାନ୍ୟ ତାଙ୍କପାଇଁ ବିପତ୍‌ତିର କାରଣ ହେଲା କି ସେମାନେ ଉଦାହରଣ କୁ ସତ୍ୟ ବୋଲି ବିବେଚନା କଲେ ।ଏହା ଫଳରେ ସେମାନେ ବିପଥଗାମୀ ଦଳ ହୋଇ ଗଲେ । ଏହାର ସ୍ୱରୁପ ଏବେ ମଧ୍ୟ ଅଛି । ମୋତେ ମୁସଲମାନମାନଙ୍କ ଅବସ୍ଥା ଦେଖି ଦୁଃଖ ଲାଗୁଛି ସେମାନଙ୍କ ସମ୍ମୁଖରେ ୟହୁଦିମାନଙ୍କ ନମୁନା ରହିଛି,ପୁଣି ପାଂଚ ବେଳ ନମାଜରେ **ଗୟରିଲ ମଗଜୁବେ ଆଲୈହିମ** ର ଦୁଆ କରିବା ସହ ବୁଝୁଛନ୍ତି ଯେ,ଏହା ୟହୁଦିମାନଙ୍କ ସମ୍ପର୍କରେ ଦର୍ଶାଯାଇଛି । ତଥାପି ମନଗଢା କଥାକୁ ଧରି ବସିଛନ୍ତି । ଗୋଟିଏ ପ୍ରକାରର ମୋକଦ୍ଦମା ଯଦି ଜଣେ ପୈଗମ୍ବର ଙ୍କ ଦ୍ୱାରା ଫଇସଲା ହୋଇସାରିଛି ତେବେ ଏହି ଫଇସଲାର ବିରୁଦ୍ଧାଚରଣ କରି ମସିହ୍ (ଯୀଶୁ) ଙ୍କୁ ଆକାଶରୁ କାହିଁକି ଅବର୍ତୀର୍ଣ୍ଣ କରୁଛନ୍ତି ? ମସିହ୍ (ଯୀଶୁ) ନିଜେ ଇଲିଆ ନବୀଙ୍କର ଫଇସଲା କରିଛନ୍ତି ଏବଂ ପ୍ରମାଣିତ କରିଦେଲେ କି ଦ୍ୱିତୀୟଥର ଆସିବା ଅର୍ଥ ତାଙ୍କର (ବରୋଜି) ସଦୃଶ ଜଣେ ଆସିବେ ଯଥା ଇଲିଆଙ୍କ ଗୁଣରେ ୟହ୍‌ୟା ଆସିଲେ କିନ୍ତୁ ଏବେ ମୁସଲମାନ ଏହି ଉଦାହରଣ ରହିଥିବା ସତ୍ତ୍ୱେ ମଧ୍ୟ ସେ ପର୍ଯ୍ୟନ୍ତ ମାନୁ ନାହାନ୍ତି କି ଯେ ପର୍ଯ୍ୟନ୍ତ ମସିହ (ଯୀଶୁ)ଙ୍କୁ ଆକାଶରୁ ଅବତୀର୍ଣ୍ଣ ନ କରାଇଛନ୍ତି । କିନ୍ତୁ ମୁଁ କହୁଛି ଯେ ତୁମେ ଏବଂ ତୁମର ସମସ୍ତ ସହାୟକ ଗୋଷ୍ଠି ମିଳି ପ୍ରାର୍ଥନା (ଦୁଆ) କରନ୍ତୁ କି ମସିହ୍ (ଯୀଶୁ) ଆକାଶରୁ ଓହ୍ଲେଇ ଆସିବେ । ପୁଣି ଦେଖିନିଅ ସେ ଓହ୍ଲଉଛନ୍ତି କି ନାହିଁ ? ମୁଁ ନିଶ୍ଚିତ ରୂପେ କହୁଛି କି ଯଦି ତୁମେ ସାରା ଜୀବନ ମୁଣ୍ଡ ପିଟି ଚାଲିବ ଏବଂ ଏହି ପରି ପ୍ରାର୍ଥନା କରି କରି ନାକ ଘସି ହୋଇଯିବ ତେବେ ମଧ୍ୟ ସେ ଆକାଶରୁ ଆସିବେ ନାହିଁ । କାରଣ ଆସିବା ବାଲା ଆସିଯାଇଛନ୍ତି । (ମଲ୍‌ଫୁଜାତ୍ ଖଣ୍ଡ–୮ ପୃଷ୍ଠା ୩–୪)

ଏହି ରହସ୍ୟକୁ ମୁସଲ୍‌ମାନ ବୁଝିନିଅନ୍ତେ କି ଏବଂ ଅଲ୍ଲାଃଙ୍କ ପ୍ରେରିତ (ଦୂତ) ର ବିରୁଦ୍ଧାଚରଣ କରିବା ପରିବର୍ତେ ତା ସହିତ ମିଳିତ ହୋଇ ଇସଲାମର ପ୍ରକୃତ ଶିକ୍ଷାକୁ ସଂସାରରେ ଲାଗୁ କରନ୍ତେ ଏବଂ ପ୍ରତ୍ୟେକ ସ୍ତରରେ ନ୍ୟାୟ ଓ ଶାନ୍ତି ପ୍ରତିଷ୍ଠା ପାଇଁ ଚେଷ୍ଟା କରନ୍ତେ । ଇସ୍‌ଲାମ୍ ବିରୋଧି ଯେଉଁ ମୁସଲ୍‌ମାନ୍ ଓ ବିଧର୍ମି ଗୋଷ୍ଠି ଅଛନ୍ତି ତାଙ୍କୁ ଇସ୍‌ଲାମର ପ୍ରକୃତ ଚେହେରା ଦେଖାଇ ସେହି ମୁସଲ୍‌ମାନ ମାନେ ଇସ୍‌ଲାମ୍‌ର ସେବା କରିବା ଉଚିତ ।

ଆପଣ କହୁଛନ୍ତି ମୌଲବୀ ସାହେବ (ଅର୍ଥାତ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍) ପ୍ରଥମରୁ ଦେଖି ଆସୁଛନ୍ତି କି କିପରି ଅଲ୍ଲାଃତାଲା ଆମକୁ ସାହାଯ୍ୟ କଲେ । ବହୁତ କଷ୍ଟ ସେତେବେଳେ ହୋଇଥାଏ ଯେତେବେଳେ ଅସଲ ଭାଷାର ଶବ୍ଦକୁ ବ୍ୟବହାର ପାଇଁ ଯାଗା ମିଳିନଥାଏ । ସେହି ସମୟରେ ଅଲ୍ଲାଃତାଲା ଉପଯୁକ୍ତ ଶବ୍ଦ ବତେଇ ଦେଇଥାନ୍ତି । ନୂଆ ଏବଂ ସ୍ୱକୃତ ଭାଷା ତିଆରି କରିବା ସହଜ କିନ୍ତୁ ପ୍ରକୃତ ଭାଷା ର ବ୍ୟବହାର କଠିନ ଅଟେ । ହଜରତ ମସିହ ମଉଦ ଆ.ସ ନିଜ ସତ୍ୟବାଦୀ ହେବାର ପ୍ରମାଣ ଦେବାକୁଯାଇ ଚାରିଗୋଟି ନିଦର୍ଶନ ଦେଇଛନ୍ତି । ପ୍ରଥମ ଆରବୀ ଜାଣିବାର ନିଦର୍ଶନ । ଆପଣ କୁହନ୍ତି ଏହା ମୋତେ ସେତେବେଳେ ପ୍ରାପ୍ତ ହେଲା ଯେତେବେଳେ ମହମ୍ମଦ ହୁସେନ ବଟାଲଓୀ କହିଲେ କି ଏହି ଅଧମ ଆରବୀ ଭାଷାର ମୂଳଚୁଳ ମଧ୍ୟ ଜାଣେ ନାହିଁ । ଯେତେବେଳେ କି ଆମ୍ଭେ କଦାଚିତ ଏପରି ଘୋଷଣା ହିଁ କରିନଥିଲୁ କି ଆମ୍ଭକୁ ଆରବୀ ଜଣା । ଏହା ପରେ ଦେଖ ଅଲ୍ଲାଃ ଆମ୍ଭର କିପରି ସାହାଯ୍ୟ କଲେ କି ଆମ୍ଭେ ଆରବୀରେ ପୁସ୍ତକ ରଚନା କରି ପ୍ରକାଶ କଲୁ ଏବଂ ତାହାର ଉତର ଲେଖନକାରୀଙ୍କୁ ପୁରସ୍କାର ପ୍ରଦାନ କରିବାର ମଧ୍ୟ ଘୋଷଣା କରିଦେଲୁ । ପୁଣି ଏଥିପାଇଁ ଯେମିତି ଇଚ୍ଛା ଯେକେହି କାହାର ,ଏପରିକି ଆରବବାସୀଙ୍କର ମଧ୍ୟ ସାହାଯ୍ୟ ନେଇପାରନ୍ତି । କିନ୍ତୁ ଅଲ୍ଲାଃ ମୋତେ ଅବଗତ କରାଇଦେଇଥିଲେ କି କେହିହେଲେ ମଧ୍ୟ ଏପରି କରିପାରିବେ ନାହିଁ । ଏହା ପବିତ୍ର କୋରାନର ଏକ ଚମତ୍କାର ଯାହାକି କେବଳ ପ୍ରତିବିମ୍ବ ସଦୃଶ ମୋତେ ପ୍ରଦାନ କରାଯାଇଛି ।

ଦ୍ୱିତୀୟରେ ଦୁଆ ସ୍ୱୀକାର ହେବାର ନିଦର୍ଶନ । ଆରବୀ ପୁସ୍ତକ ରଚନା କରି ମୁଁ ଏହାର ଜ୍ୱଳନ୍ତ ପ୍ରମାଣ ପାଇସାରିଛି କି ଅଲ୍ଲାଃ କିପରି ପ୍ରାର୍ଥନା ଶୁଣିଥାନ୍ତି । ଗୋଟିଏ ଗୋଟିଏ ଅକ୍ଷର ପାଇଁ ପ୍ରାର୍ଥନା କରିଛି ଏବଂ ମୁଁ ରସୁଲୁଲ୍ଲାଃ[ସ୍ୱ:ଆ:ସ] ଙ୍କୁ ଏଥିରୁ ବାଦ୍ ଦେବି ତାଙ୍କର ପଦମର୍ଯ୍ୟାଦା ବହୁତ ଉଚ୍ଚରେ । (କାରଣ ଆପଣଙ୍କ ଯୋଗୁଁ ଏବଂ ଆପଣଙ୍କ ଅନଗତ୍ୟ ଏସବୁ ମିଳିଛି) ଏବଂ ମୁଁ କହିପାରିବି ଯେ ମୋ ପ୍ରାର୍ଥନା ଏ ପରି ଗ୍ରହଣ କରାଯାଇଛିକି ସେପରୀ କାହାର ହୋଇନଥିବ (ଆଁ ହଜ୍‌ରତ୍[ସ୍ୱ:ଆ:ସ] ଙ୍କ ବ୍ୟତିତ ଆଉ କୌଣସୀ ନବୀଙ୍କର ଏପରି ପ୍ରାର୍ଥନା ଗ୍ରହଣୀୟ ହୋଇନାହିଁ ଯେତିକି ଆପଣଙ୍କର ହୋଇଛି) ମୁଁ ଏହା କହିପାରିବି ନାହିଁ କି ଦଶ ହଜାର ବା ଦୁଇଲକ୍ଷ ବା କେତେ ? ଏବଂ କିଛି ନିଦର୍ଶନ ଏ ପରି ଅଛି କି ଗୋଟିଏ ସଂସାର ତାକୁ ଯାଣିଛି । ତୃତୀୟ ନିଦର୍ଶନ ଭବିଷ୍ୟତର ଘଟଣାବଳୀ ସମ୍ପର୍କରେ ଅବଗତ ହେବା । ଏପରି କିଛି ଜ୍ୟୋତିଷ ଏବଂ ଭାଗ୍ୟ ଲେଖିବା ବାଲା ଅନ୍ଦାଜ କରି କିଛି କଥା କହିନିଅନ୍ତି ଏବଂ କିଛିନା କିଛି ସତ ମଧ୍ୟ ହୋଇଯାଇଥାଏ । ଏପରି ଇତିହାସରୁ ଆମେ ଜାଣୁ କି ରସୁଲ[ସ୍ୱ:ଆ:ସ] ଙ୍କ ସମୟରେ ମଧ୍ୟ କାହିନ (ଜ୍ୟୋତିଷ) ଥିଲେ ଯିଏ ଭବିଷ୍ୟ କଥା କହୁଥିଲେ । ଏହିପରି ସତିହ୍ ମଧ୍ୟ ଜଣେ ଜ୍ୟୈତିଷ ଥିଲେ । କିନ୍ତୁ ଏହି ଅନ୍ଦାଜ କରି କହିବା ବାଲା ଜ୍ୟୋତିଷ ଏବଂ ଭବିଷ୍ୟ କଥା କହିବା ବାଲା ଙ୍କର ଭବିଷ୍ୟବାଣୀ ଏବଂ ଅଲ୍ଲାଙ୍କ ମଧ୍ୟରେ ପାର୍ଥକ୍ୟ ଏହା ଯେ ଯେପରିକି ପବିତ୍ର କୋରାନରେ ଲେଖାଅଛି–**ଲା ୟୁଜ୍‌ହିରହୁ ଆଲା ଗଏବିହି ଅହଦନ୍ ଇଲ୍ଲା ମନିର୍ ତଜା ମିର୍‌ରସୁଲି** । ଭବିଷ୍ୟବାଣୀର ଶବ୍ଦ ହିଁ ପ୍ରକାଶ କରୁଛି ଯେ,ଏଥିରେ ଦୃଢତା ଓ ଶକ୍ତି ରହିଥାଏ । ଚତୁର୍ଥ ନିଦର୍ଶନ ପବିତ୍ର କୋରାନର ରହସ୍ୟ ସମ୍ପର୍କରେ ଅବଗତ ହେବା କାରଣ ଏହା କେବଳ ସେହି ବ୍ୟକ୍ତି ପ୍ରାପ୍ତ କରିଥାଏ ଯେ ସମ୍ପୂର୍ଣ ପବିତ୍ର ହୋଇଥିବ । ଯେପରିକି କୋରାନରେ ଲେଖାଅଛି–**ଲା ୟମୁସୁହୁ ଇଲ୍ଲ ମୁତହରୁନ** ମୁଁ ଅନେକ ଥର କହିସାରିଛି କି ମୋ ବିରୋଦ୍ଧୀମାନେ ମାତ୍ର ଗୋଟିଏ ସୁରାର ବ୍ୟାକ୍ଷା କରନ୍ତୁ ଏବଂ ତାହା ମୁଁ ମଧ୍ୟ କରିବି । ତାପରେ ମୁକାବିଲା କରି ଦେଖିନିଆଯାଉ କିନ୍ତୁ କେହି ଜଣେ ହେଲେ ମଧ୍ୟ ଏପରି କରିବାର ସାହଶ କଲେ ନାହିଁ । ମହମ୍ମଦ ହୁସେନ୍ ଏବଂ ଅନ୍ୟମାନେ କହିଦେଲେ ଯେ ତାଙ୍କୁ ଆରବୀର ମାତ୍ରାମଧ୍ୟ ଆସୁନାହିଁ କିନ୍ତୁ ଯେତେବେଳେ ପୁସ୍ତକ ଦିଆଗଲା ସାଙ୍ଗସାଥିର ବାହାନା କରି କାନ୍ଦି ଦେଇ (କହିଲେ) କି ଏହି ଆରବୀ ( ଅରୱି କଚାଲୁ) ସାଧାରଣ ଜିନିଷ ଗୋଟିଏ ପୃଷ୍ଠା ଲେଖିକରି ଦେଖାଇ ଦେଇଥାନ୍ତେ କି ଆରବୀ ଏପରି ଅଟେ କିନ୍ତୁ ହୋଇପାରିଲା ନାହିଁ । ସୁତରାଂ ଏହି ଚାରୋଟି ନିଦର୍ଶନ ମୋର ସତ୍ୟତା ପ୍ରତିପାଦନ ନିମନ୍ତେ ଯଥେଷ୍ଟ ଅଟେ ।(ମୁଲ୍‌ଫୁଜାତ୍ ଖଣ୍ଡ–୧ ପୃଷ୍ଠା– ୨୭୭–୭୮)

ସୁତରାଂ ଏହି ଚାରୋଟି ନିଦର୍ଶନ ମୋର ସତ୍ୟତା ପ୍ରତିପାଦନ ନିମନ୍ତେ ଯଥେଷ୍ଟ ଅଟେ । ହଜରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ ୧୭ ଅଗଷ୍ଟ ୧୮୯୯ ମସିହା ରେ ଲେଖୁଛନନ୍ତି କି କିଛିଦିନ ହେବ ବରେଲିରୁ ଜଣେ ହଜରତ୍ ଙ୍କ ନିକଟକୁ ପତ୍ର ଲେଖିଲେ କି କଣ ଆପଣ ସେହି ମସିହ୍ ମଉଦ୍ ଅଟନ୍ତି ଯାହାଙ୍କ ନିମନ୍ତେ ଅଲ୍ଲାଃଙ୍କ ରସୁଲ [ସ୍ୱ:ଆ:ସ] ହଦିଷ୍ ରେ ଖବର ଦେଇଥିଲେ ? ଅଲ୍ଲାଃଙ୍କ ରାଣ ଖାଇ ଆପଣ ଏହାର ଉତ୍‌ତର ଦିଅନ୍ତୁ (ହଜରତ୍ ଅବ୍‌ଦୁଲ କରିମ୍ ଚିଠିର ଉତ୍‌ତର ଲେଖି ଦେଇଥିଲେ) କହୁଛନ୍ତି କି ମୁଁ ସାଧାରଣତଃ 'ତର୍‌ୟାକୁଲ୍ କୋଲୁବ୍' ପତ୍ରିକାରୁ ଗୋଟିଏ ବା ଦୁଇଟି ବାକ୍ୟ ଯାହା ଏହାର ଉତ୍‌ତର ଅଟେ, ଲେଖିଦେଲି । ସେ ବ୍ୟକ୍ତି ଏଥିରେ ସନ୍ତୋଷ ହେଲେ ନାହିଁ ଏବଂ ପୁନର୍ବାର ମତେ ସମ୍ବୋଧନ କରି ଲେଖିଲେ ଯେ ମୁଁ ଚାହୁଁଚି କି ହଜରତ୍ ମିର୍ଜା ସାହେବ ସୌଗନ୍ଧ (ରାଣ) ଖାଇ ନିଜ କଲମରେ ଲେଖନ୍ତୁ ଯେ ସେ ସେହି ମସିହ ମଉଦ ଅଟନ୍ତି ଯାହାର କଥା କୋରାନ ଏବଂ ହଦିଷରେ ବର୍ଣ୍ଣିତ ଅଛି । ମୁଁ ସନ୍ଧ୍ୟାବେଳେ କାଗଜ, କଲମ ଓ ଦୁଆତ କୁ ହଜ୍‌ରତ୍ ମସିହ୍ ମଉଦ୍ [ଆ:ସ] ଙ୍କ ସାମନାରେ ରଖିଦେଲି ଏବଂ କହିଲି ଯେ ଏପରି ଜେଣ ଲେଖିଛନ୍ତି । ହଜ୍‌ରତ୍ ସାହେବ ତତ୍ କ୍ଷଣାତ୍ କାଗଜକୁ ନିଜ ହାତରେ ନେଲେ ଏବଂ ଏହିପରି କିଛି ଧାଡି ଲେଖିଦେଲେ । ହଜରତ୍ ମସିହ୍ ମଉଦ୍[ଆ:ସ] ଲେଖିଲେ କି –ମୁଁ ପ୍ରଥମେ ମଧ୍ୟ ଏହିପରି ସ୍ୱିକାରୋକ୍ତି ଖୋଲା ଖୋଲି ଭାବେ ରାଣଖାଇ ଲୋକଙ୍କ ଆଗରେ ପ୍ରକଟ କରିସାରିଛି । ଏବେ ମଧ୍ୟ ଏହି ଚିଠିରେ ଅଲ୍ଲାଃତାଲାଙ୍କର ରାଣ ଖାଇ ଲେଖୁଛି ଯାହାର ଆୟତରେ ମୋଜୀବନ ଅଛି କି ମୁଁ ସେହି ମସିହ୍ ମଉଦ ଅଟେ ଯାହାର ଖବାର ରସୁଲ [ସ୍ୱ:ଆ:ସ] ସେହି ସଠିକ୍ ହଦିସ ମାନଙ୍କରେ ଦେଇଛନ୍ତି ଯାହା ସହି ବୁଖାରୀ, ସହି ମୁସ୍‌ଲିମ୍ ଏବଂ ଅନ୍ୟ ସଠିକ୍ ହଦିଷ ମାନଙ୍କରେ ବର୍ଣ୍ଣିତ ଅଛି । ୱ କଫା ବିଲ୍ଲାଃହେ ଶହିଦା । (ଲେଖକ ମିର୍ଜା ଗୁଲାମ ଅହମଦ ୧୭ ଅଗଷ୍ଟ ୧୮୯୯ ମସିହା ) । ମୌଲବୀ ସାହେବ ଲେଖୁଛନ୍ତି କି ଏହି କଥାରେ ମୋର ଦୁଇଟି ଉଦ୍ଦେଶ୍ୟ ଅଛି ଗୋଟିଏ ହେଉଛି କି ଯମାତ୍‌ର ବିଶ୍ୱାସ ବଢୁ ଏବଂ ତାଙ୍କୁ ସେହି ଇଚ୍ଛା ଓ ମଜା ହାସିଲ ହେଉ ଯେପରୀ ଏଠାରେ ଆଶୀର୍ବାଦ ପାଇଥିବା ବ୍ୟକ୍ତିଙ୍କୁ ଏହି କ୍ଷଣି ମିଳିଲା । ଏବଂ ସେମାନେ ସହୃଦୟେ ସ୍ୱୀକାର କଲେ କି ସେମାନଙ୍କୁ ନୁଆ ବିଶ୍ୱାସ ମିଳିଲା । ଦ୍ୱିତୀୟଟି ଏହା

ଅଟେ କି ଅମାନ୍ୟକାରୀ ଓ ଖରାପ ଚିନ୍ତା ରଖିବା ବାଲା ଲୋକେ ଏହିପରି ବିଜ୍ଞତା ପୂର୍ଣ୍ଣ ରାଣ ଉପରେ ଖୋଲା ହୃଦୟରେ ବିଚାର କରନ୍ତୁ ଏବଂ ଭାବନ୍ତୁ କି ଜଣେ ମିଛୁଆ ଏବଂ ଖଳ, ନିଜଆଡୁ କଥା ବାହାର କରି କହୁଥିବା ଲୋକର କଣ ଏପରି ସାହାସ ହୋଇପାରିବ କି ସେ ଯଶସ୍ୱୀ ଅଲ୍ଲାଃଙ୍କ ରାଣ ଏପରି ଭିଡରେ ଖାଇ ପାରିବ ? (ଅଲ୍ଲାହୁ ଅକ୍‌ବର) ଅଲ୍ଲାଃ ସବୁଠାରୁ ବଡ । (ମଲ୍‌ଫୁଜାତ୍ ଖଣ୍ଡ – ୧ ପୃଷ୍ଠା – ୩୨୬ – ୩୨୭) । ପୁଣି ଥରେ ଯମାତର ଲୋକଙ୍କୁ ଉପଦେଶ ଦେଇ ହଜରତ୍ ମସିହ୍ ମଉଦ ଆ:ସ କୁହୁଛନ୍ତି । ମୁଁ ଚାହୁଁନାହିଁ କି କିଛି ଶବ୍ଦ ବୟତ୍ ସମୟରେ ଶୁଆପରି ଘୋଷି ଦିଆଯାଉ । ଏଥିରେ କୌଣସୀ ଲାଭ ନହିଁ । ଆତ୍ମା ଶୋଧନର ଜ୍ଞାନ ଆହାରଣ କର ଏହାର ଦରକାର ଅଛି । ମୋ କହିବାର ତାତ୍ପର୍ଯ୍ୟ ଏହାନୁହେଁ କି ମସିହ୍ (ଯୀଶୁ) ଙ୍କ ଜୀବିତ ଓ ମୃତ୍ୟୁ ଉପରେ ଝଗଡା ଓ ତର୍କ କରିଚାଲ । ଏହା ଗୋଟିଏ ସାଧାରଣ କଥା । ଏହାତ ଗୋଟିଏ ଭୁଲ ଥିଲା ଯାହାର ଆମେ ସଂଶୋଧନ କରିଦେଇଛୁ । କିନ୍ତୁ ଆମର କାର୍ଯ୍ୟ ଓ ଉଦ୍ଦେଶ୍ୟ ଏଥିରୁ ବହୁତ ଦୁରରେ ଅଛି । ଏବଂ ତାହା ହେଉଛି କି ତୁମେ ନିଜ ଭିତରେ ଏକ ପରିବର୍ତନ ଆଣ ଏବଂ ସମ୍ପୂର୍ଣ୍ଣ ରୂପେ ନୁଆ ମଣିଷ ହୋଇଯାଅ । ସେଥିଯୋଗୁଁ ତୁମମାନଙ୍କ ମଧ୍ୟରୁ ସମସ୍ତଙ୍କ ପାଇଁ ଜରୁରୀ ଅଟେ ଯେ ସେ ଏହି ରହସ୍ୟକୁ ଜାଣନ୍ତୁ ଏବଂ ଏପରି ପରିବ□ନ ହୁଅନ୍ତୁ କି ସେ ନିଜେ କହିପାରିବ କି ମୁଁ (ମୁଁ ନୁହେଁ ଆଉ କେହି ଜଣେ ) । ଆପଣ କହୁଛନ୍ତି –: ମୁଁ ପୁନଶ୍ଚ କହୁଛି କି ନିଶ୍ଚିତ ରୂପେ ଜଣେ ଯେ ପର୍ଯ୍ୟନ୍ତ ମୋ ସାଙ୍ଗରେ ରହି ଏହା ନ ଭାବିଛି କି ମୁଁ ଆଉଜଣେ ହୋଇଯାଇଛି (ଅର୍ଥାତ ମୁଁ ବଦଳି ଯାଇଛି) ତାକୁ କିଛି ଲାଭ ମିଳିବ ନାହିଁ । (ମଲ୍‌ଫୁଜାତ୍ ଖଣ୍ଡ – ୨ – ପୃଷ୍ଠା – ୭୨–୭୩)

ପୁଣି ଆପଣ କହୁଛନ୍ତି ଯେ ଯଦି ତୁମେ ଇମାନଦାର୍ ଅଟ ତାହେଲେ କୃତଜ୍ଞ ହୁଅ ଏବଂ କୃତଜ୍ଞତାର ସହିତ ମୁଣ୍ଡ ପାତିନିଅ କି ଯେଉଁ ଯୁଗର ଅପେକ୍ଷାରେ ତୁମର ସମ୍ମାନ ଯୋଗ୍ୟ ପୂର୍ବପୁରୁଷମାନେ ଚାଲିଗଲେଣି ଏବଂ ଅଗଣତି ଆତ୍ମା ସେହି ଅଭିଳାଷରେ ଯାତ୍ରା ଶେଷ କାରିସାରିଛନ୍ତି । (ଆପଣ ମୁସଲ୍‌ମାନ୍ ଙ୍କୁ ସମ୍ବୋଧନ କରି କହିଲେ ) । ସେ ସମୟ ତୁମକୁ ମିଳିଗଲା । ଏବେ ଏହାର ସମ୍ମାନ କରିବା ବା ନକରିବା, ଲାଭ ଉଠେଇବା ବା ନ ଉଠାଇବା ତୁମ ହାତରେ ଅଛି । ମୁଁ ଏହାକୁ ବାରାମ୍ବାର କହିବି ଏବଂ ଏହା ପ୍ରକାଶ ନକରି ରହିପାରିବି ନାହିଁ ଯେ ମୁଁ ସେହି (ବ୍ୟକ୍ତି ଅଟେ ) ଯାହାଙ୍କୁ ସମୟରେ ମନୁଷ୍ୟ ଜାତିର ସଂସ୍କାର ପାଇଁ ପଠାଯାଇଛି । ଯଦ୍ୱାରା ଦୀନ(ଧର୍ମ) କୁ ସତେଜତାର ସହିତ ହୃଦୟରେ ପ୍ରତିଷ୍ଠା କରିଦିଆଯିବା ମୁଁ ସେପରି ପଠାଯାଇଛି ଯେପରି ସେହି ଅଲ୍ଲାଃଙ୍କ ବ୍ୟକ୍ତି ଯିଏ ଅଲ୍ଲାଃଙ୍କ ସହିତ ବାର୍ତାଳାପ କରିବା ପରେ ପଠାଯାଇଥିଲେ, ଯାହାର ଆତ୍ମା ହେରୋଡେଟାସ୍‌ଙ୍କ ଶାସନ କାଳରେ ବହୁତ କଷ୍ଟ ପରେ ଆକାଶକୁ ଉଠାଇ ନିଆଯାଇଥିଲା । ପୁଣି ଯେଉଁ ଦ୍ୱିତୀୟ କଲିମୁଲ୍ଲାଃ (ଅଲ୍ଲାଃଙ୍କ ସହିତ ବାର୍ତାଳାପ କରୁଥିବା ବ୍ୟକ୍ତି ) ଯିଏ ବାସ୍ତବରେ ସମସ୍ତଙ୍କୁଠୁ ପ୍ରଥମ ଏବଂ ସୟଦୁଲ୍ ଅମ୍ବେୟା (ନବୀମାନଙ୍କର ସରଦାର) ଅଟନ୍ତି ଯିଏ ଅନ୍ୟ ଫିର୍‌ଅଓନ୍ (ଫାରୋ) ଙ୍କୁ ନିଶେଷ କରିବା ପାଇଁ ଆସିଲେ । ଯାହାଙ୍କ ପାଇଁ କୁହାଗଲା ।"ଇନ୍ନା ଅର୍‌ସଲନା ଇଲୈକୁମ୍ ରସୁଲନ୍ ଶାହିଦନ୍ ଆଲୈକୁମ୍ କମା ଅର୍‌ସଲ୍‌ନା ଇଲା ଫିର୍ ଅଓନା ରସୁଲା " (ସୁରା ମୁଜମ୍ମିଲ୍ : ୧୬) ତ ଆପଣଙ୍କୁ ମଧ୍ୟ ଜଣେ ମସିହ୍ (ଇସା ଆ:ସ) ସଦୃଶ ବ୍ୟକ୍ତିଙ୍କ ର ପ୍ରତିଶ୍ରୁତି ଦିଆଯାଇଥିଲା କାରଣ ଆପଣ ନିଜ କାର୍ଯ୍ୟଶୈଳୀରେ କଲିମ୍ ଅୱ୍ୱଲଙ୍କର ସଦୃଶ ଅଟନ୍ତି କିନ୍ତୁ ପଦବୀରେ ଆପଣ ଉଚ୍ଚ ସ୍ଥାନର ଅଧିକାରୀ ଥିଲେ । ଏବଂ ସେହି ମସିଲେ ମସିହ୍ ଇବ୍ନେ ମରିୟମଙ୍କ ଶକ୍ତି. ସ୍ୱଭାବ ଏବଂ ଗୁଣଙ୍କୁ ପାଇ କଲିମ୍ ଅୱ୍ୱଲଙ୍କ ପରେ ଯେଉଁ ସମୟରେ ଇସା ଇବ୍‌ନେ ମରିୟମ ଆସିଥିଲେ ସେତିକି ବ୍ୟବଧାନରେ ଚଉଦ ଶତ୍ଧିରେ ଆକାଶରୁ ଅବତୀର୍ଣ୍ଣ ହେଲେ । ଏବଂ ଏହି ଅବତୀର୍ଣ୍ଣ ଆଧ୍ୟାତ୍ମିକ ଥିଲା ଯେପରୀ ସମ୍ପୂର୍ଣ୍ଣ ବ୍ୟକ୍ତି ବିଶେଷ ଆରୋହଣ ପରେ ମାନବଜାତିର ସଂସ୍କାର ପାଇଁ ଅବତୀର୍ଣ୍ଣ ହୋଇଥାନ୍ତି । ଏବଂ ପ୍ରତ୍ୟେକ କଥାରେ ସେହି ଯୁଗ ର ପ୍ରତିରୂପ ଯୁଗରେ ଅବତୀର୍ଣ୍ଣ ହେଲେ ଯାହା ମସିହ୍ ଇବ୍‌ନେ ମରିୟମ୍‌ଙ୍କର ସମୟ ଥିଲା ଯେପରି ବୁଝିପାରିବା ଲୋକଙ୍କ ପାଇଁ ଏହା ଚିହ୍ନ (ନିଶାନ୍) ହେବ । ତେଣୁ ପ୍ରତ୍ୟେକଙ୍କୁ ଦରକାର ଯେ ସେ ତାଙ୍କୁ ଅସ୍ୱିକାର କରିବାରେ ଶିଘ୍ର କରନ୍ତୁ ନାହିଁ ଏହା ଦ୍ୱାରା ଅଲ୍ଲାଃଙ୍କ ସହିତ ଯୁଦ୍ଧ କରିବା ବାଲା ନ ହୋଇଯାଉ ବସ୍ତୁବାଦୀ ଓ ଯେଉଁ ମାନେ ଅନ୍ଧଭାବନା ଏବଂ ନିଜର ପୁରୁଣା ବିଚାରରେ କବଳିତ ସେମାନେ ତାଙ୍କୁ ଗ୍ରହଣ କରିବେ ନାହିଁ । କିନ୍ତୁ ଖୁବ୍ ଶିଘ୍ର ସେ ସମୟ ଆସୁଛି ଯେ ସେମାନଙ୍କ ଭୂଲ ସେମାନଙ୍କ ପାଇଁ ପ୍ରକାଶ ହୋଇଯିବ । ସଂସାରକୁ ଜଣେ ଚେତାବନୀ ଦାତା ଆସିଲେ ମାତ୍ର ସଂସାର ତାଙ୍କୁ ଗ୍ରହଣ କଲା ନାହିଁ କିନ୍ତୁ ଇଶ୍ୱର ତାଙ୍କୁ ଅବଶ୍ୟ ଗ୍ରହଣ କରିବେ ଏବଂ ତିବ୍ର ଆକ୍ରମଣ ଦ୍ୱାରା ତାଙ୍କର ସତ୍ୟତାକୁ ପ୍ରତିପାଦନ କରିବେ । (ଫତହ୍ ଇସ୍‌ଲାମ୍, ରୁହାନ୍ୀ ଖଜାଏନ୍ ଖଣ୍ଡ – ୩ ପୃଷ୍ଠା – ୭–୯) ।

ଅତଏବ ଆମେ ଭାଗ୍ୟବାନ ଯେ ଆମେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରି ନିଜ ଭିତରେ (ପବିତ୍ର) ପରିବର୍ତନ ସୃଷ୍ଟି କରିବା ସହ କୋରାନର ଶିକ୍ଷା ମୁତାବକ ଅମଲ କରିବାର ପ୍ରତିଶ୍ରୁତୀ ନେଇଛେ ଏବଂ କୃତଜ୍ଞମାନଙ୍କ ଗୋଷ୍ଠୀରେ ଶାମିଲ ହୋଇଛେ,ନା କି ମୁହଁ ମୋଡି ଫେରିଯିବା ଲୋକମାନଙ୍କ ମଧ୍ୟରେ । ଏହା ଆମ ଉପରେ ଅଲ୍ଲାଃଙ୍କର ଅଶେଷ କୃପା ଯେ ସେ ଆମକୁ ଏହି ପ୍ରତିଶ୍ରୁତ ମସିହଙ୍କୁ ସ୍ୱୀକାର କରିବାର ଶକ୍ତି ପ୍ରଦାନ କଲେ ଯେ ଆମକୁ ଜୀବିନ୍ତ ଅଲ୍ଲାଃଙ୍କ ସହ ମିଳାଇଲେ । ଏବଂ ସେ ଅନ୍ଧାରି ଯୁଗ ଚାଲିଗଲା ଯେଉଁ ଥିରେ ପୂର୍ବ ଲୋକ ମାନେ କବଳିତ ଥିଲେ । ଏ ଯୁଗ ଯାହା ଇସ୍‌ଲାମର ଦ୍ୱିତୀୟ ଯୁଗ ଆମେ ଏହି ଯୁଗରେ ଯନ୍ମ ହୋଇଛୁଁ ଯାହାର ଅପେକ୍ଷାରେ ଅସଂଖ୍ୟ ପୂଣ୍ୟାତ୍ମା ଏହି ସଂସାରରୁ ଚାଲିଗଲେଣି । ଯେ ଆଜି ମଧ୍ୟ ନିଜ ଭକ୍ତମାନଙ୍କ ସହ ବାର୍ତାଳାପ କରୁଛନ୍ତି,ଯେପରିକି ପ୍ରଥମେ କରୁଥିଲେ । ସୁତରାଂ ଆମ୍ଭକୁ କୃତଜ୍ଞ ହେବା ଉଚିତ । ଏଥି ସମ୍ବନ୍ଧରେ ଆଉ ଏକ କଥା କହିବାକୁ ଚାହେଁ ଯେ,ବିଗତ ଦିନରେ ଅହମଦି ପରସ୍ପରକୁ ୨୩ମାର୍ଚ୍ଚ ଉପଲକ୍ଷେ ଆଜିକାଲିର ରିତୀ ଅନୁଯାଇ message(phone,whatsapp)ମାଧ୍ୟମରେ ଅଭିନନ୍ଦନ ଜଣାଇଲେ । ଯଦି ସେମାନେ ପରସ୍ପରକୁ ଏହି ଉଦ୍ଦେଶ୍ୟରେ ଅଭିନନ୍ଦନ ଜଣାଉଥିଲେ କି ଆମେ ହଜରତ ମସିହ ମଉଦ ଆ.ସ ଙ୍କୁ ସ୍ୱୀକାର କରି ସତ୍‌ପଥ ପ୍ରାପ୍ତକାରୀଙ୍କ ସହ ଶାମିଲ ହୋଇଗଲେ ଯେ, କି ଧର୍ମର ପ୍ରଚାର ଓ ତାହାର ସୁନ୍ଦର ଶିକ୍ଷାର ପ୍ରସାର ନିମନ୍ତେ ଦୃଢ ସଂଙ୍କଳ୍ପ ନେଇଛନ୍ତି । ତେବେ ଏହା ସେମାନଙ୍କର ଅଧିକାର ଏବଂ ଏଥିରେ କୌଣସି ଅସୁବିଧା ନାହିଁ ନା ଏପରି କରିବା ଦ୍ୱାରା କୌଣସି କୁପ୍ରଥା ପ୍ରଚଳିତ ହୋଇଥାଏ । ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ,ଏପରି ଅଭିନନ୍ଦନ ଦେବାକୁ ଜଣେ ଦୃଢତାର ସହ ବାରଣ କଲେ ଏବଂ ତାଙ୍କ ମତରେ ଏପରି ଭାବରେ ବିଭିନ୍ନ କୁପ୍ରଥା ମୁଣ୍ଡ ଟେକିବ ଯେପରିକି ଅନ୍ୟ ମୁସଲମାନମାନଙ୍କ ମଧ୍ୟରେ ଦେଖିବାକୁ ମିଳୁଛି । ଯେତେବେଳେ କି ଉକ୍ତ ବ୍ୟକ୍ତି ଜଣକ ଧାର୍ମିକ ଶିକ୍ଷା ସହ ଅବଗତ ଓ ଆମ ବ୍ୟବସ୍ଥା ସହ ସମ୍ପୃକ୍ତ ତଥାପି ସେ ଏହା କିପରି କରିପାରିବେ କି ତୁମେ କୁ ପ୍ରଥାରେ ପଡିଯିବ । ଅନ୍ୟ ମୁସଲମାନ ଙ୍କ ନିକଟରେ ଖିଲାଫତର ଆଶିର୍ବାଦ ନାହିଁ ଯାହା ଅହେମଦୀଙ୍କ ନିକଟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ମାନିବା ଦ୍ୱାରା ଅଛି । ଯଦି କୌଣସୀ ଖରାପ କଥା ବା କୁ ପ୍ରଥା ଦୃଶ୍ୟମାନ ହୁଏ ଏବଂ ଯଦି ଖିଲାଫତ ସତ୍ୟ ଓ ଠିକ୍ ଥାଏ ତେବେ ସେ ନିଜେ ଏହାକୁ ରୋକିଦେବେ । ପୁଣି ଏହା ମଧ୍ୟ ଦେଖିବା ଉଚିତ୍ କି ଇନ୍ନମଲ୍ ଆମାଲୋ ବିନ୍‌ନିୟାତ୍ ମଧ୍ୟ ଅଛି । ଲୋକଙ୍କ ନିୟତ୍ (ଉଦ୍ଦେଶ୍ୟ) ଉପରେ ଶଙ୍କା କରିବା ଉଚିତ ନୁହେଁ । କିଏ ଭଲ ଉଦ୍ଦେଶ୍ୟରେ ଦେଇଥିବେ । ତାଙ୍କର ଏପରି କହିବା ସମ୍ପୂର୍ଣ ଭୂଲ ଅଟେ । ତାଙ୍କୁ ଖିଲାଫତ ପଛରେ ରହି କିଛି କହିବା ଉଚିତ । ଯଦି କେହି ଖଲୀଫାଙ୍କ ଠାରୁ ଆଗକୁ ବଢିବାକୁ ଚେଷ୍ଟା କରେ ତେବେ ସେ ଖସଡି ମୁହଁମାଡି ପଡିବ । ଗୋଟିଏ ଏକତା ରଖନ୍ତୁ । ନିଜ ମନ ମୁତାବକ କଥାକୁ ଜମାତି ଲୋକଙ୍କ ଉପରେ ଥୋପିବା ବା ଲାଗୁ କରିବା ପାଇଁ ଚେଷ୍ଟା ନ କରନ୍ତୁ । ଏପରି ଲୋକଙ୍କ ପାଇଁ ମୁଁ ଗୋଟିଏ ଦୃଷ୍ଟାନ୍ତ ଦେଉଛି । ଏହା ଏପରି ଜିନିଷ ନୁହେଁ ଯାହା ପୁରାପୁରି ଖରାପ କିନ୍ତୁ କିଛି କୁ ପ୍ରଥା ଯାହା ମୁସଲ୍‌ମାନଙ୍କ ମଧ୍ୟରେ ପ୍ରଚଳିତ ଅଛି ସେଗୁଡିକ ଉପରେ ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କର କଣ ଧାରଣା ଥିଲା । ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ଥରେ ପ୍ରଶ୍ନ ହେଲା ଯେ କଜାଏ ଉମରି ଯାହା (ଯୁମାତୁଲ୍ ୱିଦା) ଶେଷ ଯୁମାରେ ପୂର୍ବରୁ ଛାଡି ଦେଇଥିବା ନମାଜକୁ ଲୋକେ ପଢିଥାନ୍ତି । ଅର୍ଥାତ ଛାଡିଯାଇଥିବା ସବୁ ନମାଜ ଶେଷ ଯୁମାରେ ପଢି ଦେଇଥାନ୍ତି ବା ଶେଷ ଯୁମା ପଢି ମନେ କରନ୍ତି କି ସବୁ ନମାଜ କ୍ଷମା ହୋଇଗଲା । ଉତ୍‌ତରରେ ଆପଣ କହିଲେ ଯେ ଏହା ଅନାବଶ୍ୟକ କଥା । କୌଣସି ଦ୍ୱିଧା ନାହିଁ ଏହା ସମ୍ପୁର୍ଣ୍ଣ ଅନାବଶ୍ୟକ କଥା । କିନ୍ତୁ କହିଲେ କି ଥରେ ଜଣେ ହଜରତ୍ ଅଲ୍ଲୀଙ୍କ ସମୟରେ ଅସମୟରେ ନମାଜ ପାଠକରୁଥିଲେ । କେହି ଜଣେ ହଜରତ୍ ଅଲ୍ଲୀଃଙ୍କୁ କହିଲେ ତାଙ୍କୁ ଏଥିରୁ ବାରଣ କାହିଁକି କରୁନାହାନ୍ତି ? ହଜରତ୍ ଅଲୀ କହିଲେ ମତେ ଡର ଲାଗୁଛି କି ମୁଁ ଏହି ଆୟତ ଅନୁସାରେ ଦୋଷି ନ ହୋଇଯାଏ "ଆରୟତଲ୍ ଲଜି ୟନ୍‌ହା ଅବ୍‌ଦନ୍ ଇଜା ସଲ୍ଲା" (ଅଲକ୍ – ୧୦–୧୧) । ହଜରତ୍ ମସିହ୍ ମଉଦ୍ ଆ:ସ କହିଲେ ଯେ ଯଦି କିଏ ଜାଣିଶୁଣି ନମାଜକୁ ଏଥଯୋଗୁ ଛାଡିଥାଏ ଯେ କଜାଏ ଉମ୍‌ର ଦିନ ପଢି ନେବି ତାହେଲେ ସେ ଅନୁଚିତ୍ କାର୍ଯ୍ୟ କଲା । କିନ୍ତୁ ଯଦି ସେ ପଶ୍ଚାତାପ କରି ତାକୁ ପୁରଣ କରିବାକୁ ଚାହୁଁଛି ତା ହେଲେ ପଢିବାକୁ ଦିଅ । କାହିଁକି ମନା କରୁଛ ପରିଶେଷରେ ସେ (ଦୁଆ) ପ୍ରାର୍ଥନା ତ କରୁଛି । ହଁ ଏଥିରେ ସାହାସର ଦୃବଳତା ନିଶ୍ଚତ ଅଛି । ପୁଣି କହିଲେ ଦେଖନ୍ତୁ ମନା କରିବା ଦ୍ୱାରା ତୁମେ ଏହି ଆୟତର ତଳେ ନ ଆସିଯାଅ । ଏଣୁ ଯାହାଙ୍କୁ ଫତ୍‌ୱା ଦେବାର ଅଧିକାର ଥିଲା ସେ ଏଥିରୁ ବଂଚିଲେ କିନ୍ତୁ ଏ ସାଇବକୁ ଅଭିନନ୍ଦନ ଦେବା ଯୋଗୁଁ ଅସିମିତ ଚେତାବନୀର ଖବର ଦେଇ ଫତ୍‌ୱା ଦେଉଛନ୍ତି । ଯଦି କୌଣସି ଏପରି ଭାବନା ଆସେ ତେବେ ପ୍ରଥମେ ଖଲିଫାଙ୍କୁ ସମସ୍ତ ଘଟଣା ଲେଖି ଜଣାଇବା ଉଚିତ । ତାପରେ ଖଲିଫାଙ୍କର କର୍ତବ୍ୟ ଯେ ଏଥି ସମ୍ବନ୍ଧରେ ଆପଣ କଣ ନିର୍ଦ୍ଦେଶ ଦେଉଛନ୍ତି । ଅଲ୍ଲାଃ ଆମକୁ ହଜରତ ମସିହ ମଉଦ ଆ.ସ ଙ୍କ ଆଗମନର ଉଦ୍ଦେଶ୍ୟ ବୁଝି ତଥା ମୁତାବକ ଅମଲ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।ନମାଜ ପରେ ମୁଁ କେତେଙ୍କର ଜନାଜାଃ ପଢାଇବି । ଦୁଇଟି ଜନାଜାଃ ଉପସ୍ଥିତ ଅଛନ୍ତି । ଗୋଟିଏ ଜନାଜାଃ ହେଉଛି ମୋକରମା ମହମୁଦ୍ ସାଦି ସାହିବାଙ୍କର ଯିଏ ମୁକରମ୍ ମୁସ୍‌ଲେହ୍‌ଦ୍ଦିନ୍ ସାଦି ମର୍‌ହୁମ୍‌ଙ୍କର ପତ୍ନୀ ଥିଲେ । ୨୨ ମାର୍ଚ୍ଚ ଦିନ ୯୪ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହେଲା । " ଇନ୍ନା ଲିଲ୍‌ଲାହେ ଓ ଇନ୍ନା ଇଲୈହେ ରାଜେଉନ୍ " । ମୁସ୍‌ଲେହ ଉଦ୍ଦିନ୍ ସାଦି ସାହେବ ଯାହାଙ୍କର ସେ ପତ୍ନୀ ଥିଲେ ଆପଣ ମୋକରମ୍ ଅବ୍ଦୁର୍ ରହିମ୍ ଦରଦ୍‌ଙ୍କ ଭାଇଥିଲେ ଯିଏ ମସ୍‌ଜିଦ୍ ଫଜଲ ର ଇମାମ ମଧ୍ୟ ଥିଲେ ଏବଂ ଆପଣ ଏଠି ବହୁତ କାମ କରିଛନ୍ତି । ସାଦି ସାହେବଙ୍କ ମୃତ୍ୟୁ ୧୯୬୫ ରେ ହୋଇ ଯାଇଥିଲା । ମର୍‌ହୁମା ୪୪ ବର୍ଷର ବିଧବା ଜୀବନ ବଡ ଧର୍ଯ୍ୟ ଓଶାନ୍ତିର ସହିତ କାଟିଲେ । ତାଙ୍କର ଗୋଟିଏ ପୁଅ ହଜରତ୍ ତୃତୀୟ ଖଲିଫାଙ୍କ ସମୟରେ ସେଠି ଆସିଷ୍ଟାନ୍ଟ ପ୍ରାଇଭେଟ ସେକ୍ରେଟେରୀ ରୂପେ କାର୍ଯ୍ୟ ତୁଲାଉଥିଲେ ଏହି ପୁତ୍ରଙ୍କର ମଧ୍ୟ ମୃତ୍ୟୁ ହୋଇ ସାରିଛି । ତାଙ୍କର ଜଲାଲୁଦ୍ଦିନ୍ ଅକବର ନାମି ଏକ ପୁତ୍ର ଏଠି ଅଛନ୍ତି ଏବଂ ନାଏବ୍ ସେକ୍ରେଟେରୀ ଜିଆଫତ୍ ରୂପେ କାର୍ଯ କରିଆସୁଛନ୍ତି । ମରହୁମାଙ୍କୁ ଖିଲାଫତ୍ ସହିତ ମାତ୍ରାଧିକ ସମ୍ପର୍କ ଓ ଶ୍ରଦ୍ଧା ଥଲା ଦୁଆ। କରିବା ବାଲା ଧର୍ଯବାନ ଓ ସନ୍ତୋଷୀ ବ୍ୟକ୍ତି ଥିଲେ ।.ଛଅ ବର୍ଷ ହେବ ରୋଗରେ ପିଡିତ ଥିଲେ । ରୋଗକୁ ବହୁତ ଧର୍ଯ୍ୟ ଓ ସନ୍ତୋଷର ସହିତ ସହିଲେ । ମରହୁମା ମୁସି (ୱସିୟତ କରିବା ବାଲା) ଥିଲେ । ଅଲ୍ଲାଃ ତାଙ୍କର ଆଧ୍ୟାତ୍ମିକ ପଦୋନ୍ନତି କରନ୍ତୁ ଏବଂ ତାଙ୍କର ସନ୍ତାନମାନଙ୍କୁ ସର୍ବଦା ସ୍ନେହ ଓ ଆନ୍ତରିକତାର ସହିତ ଅହମଦିୟତ ଉପରେ ସ୍ଥାୟିତ୍ୱ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଜନାଜାଃ ନୁରଦ୍ଦିନ୍ ଚିରାଗ ସାହେବଙ୍କର ଯିଏ ଚିରାଗଦ୍ଦିନ ସାହେବ ମରହୁମ କାଦିଆନିଙ୍କର ପୁତ୍ର ଥିଲେ । ୧୫ ମାର୍ଚ୍ଚ ଦିନ ହୃଦ୍‌ଘାତ ଦ୍ୱାରା ୪୫ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହେଲା । "ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଯେଉନ" ତାଙ୍କର ମଧ୍ୟ କାଦିଆନ ସହିତ ସମ୍ପର୍କ ଥିଲ । ୟୁକେ ରେ ଦଶ ବର୍ଷ ହେବ ଥିଲେ । ସାଧା ମିଜାଜର ଲୋକଥିଲେ ।ତାଙ୍କ ଭଉଣି ଲେଖୁଛନ୍ତି କି ପିଲାଦିନୁ ସେ ଦରିଦ୍ରତାକୁ ଦେଖିଛନ୍ତି ତେଣୁ ଯେତେବେଳେ ଅଲ୍ଲାଃ ତାଙ୍କୁ ରିଜ୍‌କ୍ ପ୍ରଦାନ କଲେ ତେବେ ସେ କୁଣ୍ଠାବୋଧ କଲେନାହିଁ ଅଧିକନ୍ତୁ ବହୁତ ଲୋକଙ୍କୁ ଆର୍ଥିକ ସାହାଯ୍ୟ କରୁଥିଲେ । ତାଙ୍କର ଗୋଟିଏ ଡାଇରୀ ମିଳିଛି ସେଥିରେ ୪୭ ଜଣଙ୍କର ନାମ ଲେଖା ହୋଇଛି ଯାହାକୁ ସେ ସର୍ବଦା ଆର୍ଥିକ ସାହାଯ୍ୟ କରି ଆସୁଥିଲେ । ଜଣେ ଅଣ ଅହେମଦୀ ମଧ୍ୟ ତାଙ୍କର ପ୍ରସଂସା କରିଛନ୍ତି ଯେ ସେ ଫରିସ୍ତା ସଦୃଶ ଥିଲେ । ନମାଜି ଏବଂ ଖିଲାଫତ ସହିତ ଘନିଷ୍ଠ ସମ୍ପର୍କ ରଖିଥିଲେ । ମୁରବୀ ମାନ୍ୟ କରିବା

ବାଲା ଯୁବକ ଥିଲେ । ମରହୁମ୍ଙ୍କର ମା ଓ କୁଟୁମ୍ବ କାଦିଆନରେ ଅଛନ୍ତି । ଅଲ୍ଲାତାଲା ତାଙ୍କର ଆଧ୍ୟାତ୍ମିକ ପଦୋନ୍ନତି କରନ୍ତୁ ଏବଂ ସମ୍ପର୍କୀୟଙ୍କୁ ଧର୍ଯ୍ୟ ଏବଂ ସାହାସ ପ୍ରଦାନ କରନ୍ତୁ । ବିଶେଷ କରି ତାଙ୍କ ମାଙ୍କୁ ଅଲ୍ଲାତାଲା ଶାନ୍ତି ପ୍ରଦାନ କରନ୍ତୁ । ଏକ ଜନାଜାଃ ଗାଏବ ଅଛି ଯାହା ସୟଦା ମୋବାରକା ବେଗମ୍ ସହିବା ସ୍ତ୍ରୀ – ମୋକରମ୍ ଅବଦୁଲ୍ ବାରି ସାହେବ୍ ତାଲୁକ୍ଦାର ବଙ୍ଗାଳିଙ୍କର ଅଟେ । ତାଙ୍କର ୨୦ ମାର୍ଚ୍ଚ ଦିନ ୮୩ ବର୍ଷ ବୟସରେ ମୃତ୍ୟୁ ହେଲା "ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଯେଉନ" । ସେ କିଛି ଦିନ ହେବ ରୋଗରେ ପିଡିତ ଥିଲେ । ସେ ବହାରରେ ଜନ୍ମ ହୋଇଥିଲେ ତାଙ୍କ ବାପା ୧୫ ବର୍ଷ ୟସରେ ଅହେମଦି ହେଲେ । ପୁଣି ତାଙ୍କ ବିବାହ ସୟଦ୍ ଅବ୍ଦୁଲ ବାରିଙ୍କ ସହିତ ହୋଇଗଲା ଏବଂ ପୂର୍ବ ପାକିସ୍ଥାନ ଚାଲିଗଲେ । ଅବଦୁଲ୍ ବାରି ସାହେବ୍ ୧୯୪୬ ମସିହାରେ ମୁସ୍ଲେହ ମଅଉଦ୍ ଙ୍କ ସମୟରେ ବୟତ୍ କରିଥିଲେ । ବଙ୍ଗଳାଦେଶ ପ୍ରତିଷ୍ଠ ହେବବା ପରେ ଏମାନେ ରବ୍ୱା ଚାଲିଗଲେ । ତାଙ୍କ ସ୍ୱାମୀ ବାରି ସାହେବ୍ ୨୦ ବର୍ଷରୁ ଅଧିକ ସମୟ ହୋମିଓପ୍ୟାଥି ଡିସ୍ପେନ୍ସାରୀ ରେ କାମ କରିଛନ୍ତି ଯାହା ଓକ୍ଫେ ଜଦିଦ୍ ଦ୍ୱାରା ଚାଲିଥିଲା । ଏଠି ତାଙ୍କ ପୁତ୍ର ଅବ୍ଦୁଲ ଖାଲିକ୍ ସାହେବ ବଙ୍ଗାଳି ଅଛନ୍ତି । ଯିଏ ତାଙ୍କ ସାଥିମାନଙ୍କ ଦ୍ୱାରା ବହୁତ ପରିଚିତ ଓ ଯମାତ୍ର ବହୁତ ସେବା କରୁଛନ୍ତି । ଅବ୍ଦୁଲ ବାରି ସାହେବ ତାଙ୍କ ପିଲାମାନଙ୍କୁ ଉର୍ଦ୍ଦୁ ସିଖାଇବା ପାଇଁ ନିଜ ସ୍ତ୍ରୀଙ୍କ ସହିତ ରବ୍ୱା ପଠେଇ ଦେଇଥିଲେ । ବଙ୍ଗଳା ଦେଶରେ ଏମାନେ ଖୁବ ଆରାମ୍ରେ ଥିଲେ । ଚାକର ବାକର ମଧ୍ୟ ଥିଲେ । କିନ୍ତୁ ପିଲାମାନଙ୍କର ତର୍ବିୟତ୍ ପାଇଁ ଏମାନେ ରବ୍ୱା ଆସିଗଲେ । ଏବଂ ଏଠି ରହିଲେ ଯଦ୍ୱାରା ଉର୍ଦ୍ଦୁ ସିଖିପାରିବେ ଏବଂ ଜମାତ୍ ବିଷୟରେ ଜ୍ଞାନ ଆରୋହଣ କରିବେ ଏବଂ ଖିଲିଫାଙ୍କ ନିକଟରେ ରହିବେ । ଏତତ୍ଦ୍ୱାରା ସେମାନେ ବହୁତ ବଡ ବଳିଦାନ କରିଛନ୍ତି । ଅଲ୍ଲାତାଲା ତାଙ୍କର ଆଧ୍ୟାତ୍ମିକ ଉନ୍ନତି ସାଧନ କରନ୍ତୁ ଏବଂ ତାଙ୍କ ପିଲାମାନଙ୍କୁ ତାଙ୍କର ସୁଉଦ୍ଦେଶ୍ୟ ଗୁଡିକ ପୂରଣ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଯେଉଁଥି ପାଇଁ ସେମାନେ କୁରବାନି (ବଳିଦାନ) କରିଛନ୍ତି ଏବଂ ରବ୍ୱାରେ ଆସି ରହିଛନ୍ତି । ଉକ୍ତ ତିନି ଜଣଙ୍କର ଜନାଜାଃ ମୁଁ ନମାଜ ପାଠ ପରେ ପଢାଇବି । 'ଇନ୍ଶାଅଲ୍ଲାଃ'

## *ପୃଷ୍ଠା ନଂ ୧୨ ର ଅବଶିଷ୍ଟାଂଶ ......*

କାମନା ଉପରେ ନିଜ ଆସନ୍ତା ପିଢୀ ଓ ଧର୍ମକୁ ପ୍ରାଧାନ୍ୟ ଦେବା ଉଚିତ୍ । ନଚେତ୍ ଆମର ଆସନ୍ତା ପିଢୀ କେବଳ ଅଣଅହମଦି କନ୍ୟାମାନଙ୍କୁ ବିବାହ କଲେ ନଷ୍ଟ ହେବ ନାହିଁ ବରଂ ଅହମଦି କନ୍ୟାମାନେ ଅଣଅହମଦି ଘରକୁ ଯିବା ଫଳରେ ମଧ୍ୟ ହେବ । ପ୍ରତ୍ୟେକ ଅହମଦି ଏହା ବୁଝିବା ଉଚିତ୍ ଯେ କେବଳ ପରିସ୍ଥିତି କିମ୍ବା ପରିଜନ ମାନଙ୍କ ଚାପରେ ଅହମଦି ହେବା ପରିବର୍ତ୍ତେ ଏହାର ନିରୀକ୍ଷଣ କରି ବୁଝିବିଚାରୀ ହେବା ଉଚିତ୍ । ଯଦ୍ୱାରା ସେମାନେ ଅନ୍ୟ ସମ୍ପ୍ରଦାୟରେ ବିବାହ କରିବା ପୂର୍ବରୁ ଚିନ୍ତା କରିବେ ଯେ ଯଦି ଆମେ ଏପରି କରୁ ତେବେ ଆମ ଅହମଦି କନ୍ୟାମାନେ କେଉଁଠାରେ ବିବାହ କରିବେ । ତେଣୁ ବର୍ତ୍ତମାନ ଯଦି ଏଥି ସମ୍ବନ୍ଧରେ ଗଭୀରତାର ସହ ଚିନ୍ତା ନକରାଯାଏ, ତେବେ ଭବିଷ୍ୟତରେ ସେମାନଙ୍କର ଆସନ୍ତା ପିଢୀ ଅହମଦିୟତରୁ ଦୂରେଇ ଚାଲିଯିବେ,କେବଳ ସେମାନଙ୍କୁ ବାଦ ଦେଲେ ଯାହାଙ୍କୁ ଅଲ୍ଲାଃଙ୍କ ବିଶେଷ କୃପା ଲାଭ ହୋଇଥାଏ । ହଜରତ ମସିହ ମଉଦ ଆ.ସ ଙ୍କୁ କେହି ଜଣେ କହିଲେ ଯେ ହଜୁର ବିବାହ ବନ୍ଧନ କରିବାରେ ବେଶ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଆପଣ ନିର୍ଦ୍ଦେଶ ଦେଇଛନ୍ତି କି ଆମ ଜମାଅତ ଭିନ୍ନ ଅଟେ, ତେଣୁ ଅନ୍ୟ ସମ୍ପ୍ରଦାୟରେ କନ୍ୟା ଦେବାର ନାହିଁ କିନ୍ତୁ ଆମ ଯୁବକମାନେ ଅନ୍ୟ ସମ୍ପ୍ରଦାୟରୁ କନ୍ୟା ନେଇଆସୁଛନ୍ତି ଏବେ ଆମ କନ୍ୟାମାନଙ୍କ ପାଇଁ କଣ କରାଯିବ । ଏହା ଶୁଣି ଆପଣ ନିର୍ଦ୍ଦେଶ ଦେଲେ କି ଏକ ରେଜିଷ୍ଟର ମଗାଇ ଅବିବାହିତ ଅହମଦି ଯୁବକ ଓ ଯୁବତୀମାନଙ୍କ ନାମ ଦରଜ କର । ଯଦ୍ୱାରା ସେମାନଙ୍କ ବିବାହ କରାଇବାରେ ଅସୁବିଧା ହେବ ନାହିଁ । ହଜୁରଙ୍କୁ ଏହି ମନ୍ତବ୍ୟ ଦେଇଥିବା ବ୍ୟକ୍ତିଙ୍କର ଗୋଟିଏ କନ୍ୟା ଥିଲେ । ହଜୁର ଆ.ସ ଙ୍କ ନିକଟକୁ ଏକ ପ୍ରସ୍ତାବ ଆସିଲା ଆପଣ ଏଥିପାଇଁ ତାଙ୍କ କନ୍ୟାର ଚୟନ କଲେ କିନ୍ତୁ ଉକ୍ତ ବ୍ୟକ୍ତିଜଣକ ହଜୁରଙ୍କ ଏହି ପ୍ରସ୍ତାବ ଅସ୍ୱୀକାର କରି ଏକ ଅଣଅହମଦି ଘରେ ନିଜ କନ୍ୟାଙ୍କୁ ବିବାହ ଦେଲେ । ହଜରତ ମସିହ ମଉଦ ଆ.ସ ଏଥି ସମ୍ବନ୍ଧରେ ଅବଗତ ହେବା ପରେ ଆଉ କାହା ବିବାହ କରାଇବାରେ ଦଖଲ ଦେଲେ ନାହିଁ । ଏପରି ଉକ୍ତ ଯୋଜନା ସ୍ଥଗିତ ରହିଗଲା । କିନ୍ତୁ ଯଦି ତାହା କାର୍ଯ୍ୟକାରୀ ହୋଇଥାନ୍ତା ତେବେ ଆଜି ଅହମଦି ଯୁବକ, ଯୁବତୀମାନଙ୍କ ବିବାହ କରାଇବାରେ କୌଣସି ଅସୁବିଧା ହୋଇନଥାନ୍ତା । କେତେକ ସମୟରେ ନବୀଙ୍କ ପ୍ରସ୍ତାବର ପ୍ରତ୍ୟାକ୍ଷାନ ଏକ ବୃହତ ସମସ୍ୟା ପାଲଟି ଯାଇଥାଏ । ଦେଖ ନିଜ ଗର୍ବ,ଅହଂକାର ଯୋଗୁଁ ଯଦି ନବୀଙ୍କ ପ୍ରସ୍ତାବର ପ୍ରତ୍ୟାକ୍ଷାନ କରାଯାଇ ପାରିଲା ଯେତେବେଳେ କି ଯୁବକ, ଯୁବତୀ ପରସ୍ପରକୁ ପସନ୍ଦ କରୁଥିଲେ ସେତେବେଳେ ମୋ (ଖଲିଫାଙ୍କ) କଥାର ଅମାନ୍ୟ କରିବା କୋଉ ବଡ କଥା । କିନ୍ତୁ ମନେରଖିବା ଉଚିତ୍ ଯେ ଏପରି ଲୋକଙ୍କ ପରିଣତି ବଡ ଭୟଙ୍କର ହୋଇଥାଏ । ଅତଏବ ଯଦି କେହି ଅହମଦି ଯୁବକ,ଯୁବତୀ ପରସ୍ପରକୁ ପସନ୍ଦ କରନ୍ତି ତେବେ ସେମାନଙ୍କ ପିତାମାତା ଏହାକୁ ବାରଣ କରିବା ଏବଂ ନିଜ ସ୍ୱାଭିମାନ ଓ ଅହଂକାରକୁ ନେଇ ଜିଦ୍ଖୋର ହେବା ଉଚିତ୍ ନୁହେଁ । ତେବେ ସମ୍ପର୍କ ସ୍ଥାପନ କରିବା ପୂର୍ବରୁ ଗୋଟିଏ କଥା ମନେରଖିବା ଉଚିତ୍ ଯେ,ଏଥିରେ କନ୍ୟାର ସହମତି ଅବଶ୍ୟକ । ହଜରତ ମହମ୍ମଦ ସ.ଆ କହିଛନ୍ତି କନ୍ୟାର ପସନ୍ଦ ଓ ଇଚ୍ଛା ଅନିର୍ବାର୍ଯ୍ୟ କିନ୍ତୁ ଇସଲାମ ଏଥି ସହିତ ଓଲି(କନ୍ୟା ପିତା)ଙ୍କ ଅନୁମତି ନେବା ମଧ୍ୟ ଜରୁରି କରିଛି । ମାତ୍ର କେବଳ କିଛି ବିଶେଷ ପରିସ୍ଥିତିରେ ଯାହାର ଶରିୟତ ଅନୁମତି ପ୍ରଦାନ କରିଛି । ହଜରତ ମସିହ ମଉଦ ଆ.ସ କୁହନ୍ତି ଓଲି ଅନୁମତି ବ୍ୟତୀତ କେବଳ କନ୍ୟା ପସନ୍ଦରେ ନିକାହ୍ ପଢାଇବା ଶରିୟତର ନିୟମର ଉଲଙ୍ଘନ କରିବା ଅଟେ । ସୁତରାଂ ଯେଭଳି ପୂର୍ବରୁ ବର୍ଣ୍ଣନା କରି ଆସିଲି କି ନା ପିତାମାତା ନିଜ ସ୍ୱାଭିମାନ ଓ ଅହଂକାର ଯୋଗୁଁ ପିଲାମାନଙ୍କ ଉପରେ ଏଭଳି ଅତ୍ୟାଚାର କରିବା ଓ ଚାପ ପକାଇବା ଉଚିତ୍,ଯଦ୍ୱାରା କି ସେମାନେ ଆତ୍ମହତ୍ୟା ପରି ଜଘନ୍ୟ ଅପରାଧ କରିବା କଥା ଚିନ୍ତା କରିବେ,ନା (କନ୍ୟାମାନେ) ଘରୁ ଗୋଡ କାଢି କୋଟ କିମ୍ବା ମୌଲବି ନିକଟରେ ନିଜର ନିକାହ୍ ପଢାଇବା କଥା ଚିନ୍ତା କରିବେ କାରଣ ଏସବୁର ଇସଲାମ କଦାପି ଅନୁମତି ଦେଇ ନାହିଁ । ଯଦି ଏପରି କୌଣସି ପରିସ୍ଥିତି ଉତ୍ପନ୍ନ ହୁଏ ତେବେ ସେମାନେ ଖଲିଫାଙ୍କୁ ଲେଖିପାରନ୍ତି ଏବଂ ସେ ଯାହା ନିଷ୍ପତି ଦେବେ ତଦ ଅନୁଯାୟୀ କାର୍ଯ୍ୟ କରିବା ଉଚିତ୍

ସୁତରାଂ ଯଦି ଯୁବକ,ଯୁବତୀମାନେ ଧର୍ମକୁ ପ୍ରାଥମିକତା ଦିଅନ୍ତି ତେବେ ଅଲ୍ଲାଃ ମଧ୍ୟ ନିଜ କୃପା ବର୍ଷଣ କରିବେ । ହଜରତ ମୁସଲେହ ମଉଦ ର.ଆ ଏକ ଖୁତବାରେ କୁହନ୍ତି ଅଲ୍ଲାଃଙ୍କ ଗୁଣଗାନ କରିବା ସହ ତାହାର ଗଭୀର ଅନୁଧ୍ୟାନ କରିବା, ତାଙ୍କ ସହ ପ୍ରେମ ଓ ସମ୍ପର୍କ ସ୍ଥାପନ କରିବା ନିମନ୍ତେ ଅନିର୍ବାର୍ଯ୍ୟ । ଦେଖ ପ୍ରକୃତିର ନିୟମ ମଧ୍ୟ ଏହା ରହିଛି, ଯେଭଳି ସାଂସାରିକ ପ୍ରେମ ଓ ସମ୍ପର୍କରେ ନିବିଡତା ନିମନ୍ତେ ଉକ୍ତ ମଣିଷ କିମ୍ବା ବସ୍ତୁର ନିକଟବର୍ତି ହେବା ଅଥବା ତାହାର ନକ୍ସା ସମ୍ମୁଖରେ ରହିବା ଆବଶ୍ୟକ । ସେହିପରି ଅଲ୍ଲାଃଙ୍କ ଅସ୍ତିତ୍ୱର ସଠିକ୍ ପରିଚୟ ପାଇବା ପାଇଁ ତାଙ୍କ ହସ୍ତି ଓ ଗୁଣଗୁଡିକୁ ସମ୍ମୁଖରେ ରଖିବା ଆବଶ୍ୟକ । ଦେଖ ଗୋଟିଏ ବନ୍ଧୁବାନ୍ଧିବା ସମୟରେ ଝିଅ କିମ୍ବା ପୁଅର ଫଟୋ ଦେଖିବାକୁ ମଗାଯାଇଥାଏ । ଇସଲାମ ତ ପୁଅ ଝିଅ ପରସ୍ପରକୁ ସାକ୍ଷାତ କରିବାର ଅନୁମତି ପ୍ରଦାନ କରିଛି ଏବଂ ଯଦି ଏହା ସମ୍ଭବ ନ ହୁଏ ତେବେ ଫଟୋ ଦେଖାଯାଇପାରେ,ଏଥିରେ କୌଣସି ଆପତି ନାହିଁ । ଯେପରିକି ଆଜିକାଲି ପ୍ରଚଳିତ ଅଟେ ।

ବର୍ତ୍ତମାନ ଜଣେ ଅଣଅହମଦି ମୌଲବିଙ୍କର ଚର୍ଚ୍ଚା କରୁଅଛି ଯେ କି ଲୋକମାନଙ୍କ ହୃଦୟରେ ହଜରତ ମସିହ ମଉଦ ଆ.ସଙ୍କ ବିରୁଦ୍ଧରେ କ୍ରୋଧ ଓ ଘୃଣା ଭରିବାକୁ ଚେଷ୍ଟା କରୁଥିଲେ । ସେମାନେ ଆପଣଙ୍କ ବିରୁଦ୍ଧରେ ମିଥ୍ୟା ଓ ଅପବାଦ ପ୍ରଚାରିତ କରି ଆପଣଙ୍କୁ ଏକ ଯାଦୁକର ବୋଲି କହୁଥିଲେ ।

ହଜୁର କୁହନ୍ତି ମୋର ମନେ ଅଛି ଫିରୋଜପୁରରେ ଜଣେ ମୌଲବି ଭାଷଣ ଦେଉଥିଲେ କି ଅହମଦିମାନଙ୍କ ପୁସ୍ତକ ଅଧ୍ୟୟନ କରିବାର ନାହିଁ,ନା କାଦିଆନ ଯିବା ଉଚିତ୍ । ଏହି ମିଥ୍ୟାବାଦୀ ମୌଲବି ନିଜ କଥାକୁ ସତ୍ୟ ପ୍ରମାଣିତ କରିବା ନିମନ୍ତେ ଗୋଟିଏ ମନଗଢା କାହାଣୀ ଲୋକମାନଙ୍କୁ ଶୁଣାଇଲେ,କିନ୍ତୁ ଅଲ୍ଲାଃ କେତେକ ସମୟରେ ତତ୍କ୍ଷଣାତ ସେମାନଙ୍କ ମିଛର ପରଦା ଉନ୍ମୋଚନ କରିଦେଇଥାନ୍ତି । ଏଠାରେ ମଧ୍ୟ ଅଲ୍ଲାଃ ସେହିପରି କଲେ । ଉକ୍ତ ସମ୍ମିଳନୀରେ ଜଣେ ଅଣଅହମଦି ଓକିଲ ଉପସ୍ଥିତଥିଲେ, ସେ ସ୍ୱଚ୍ଛ ହୃଦୟୀ ଥିଲେ । ସେ ଏକଦା ପ୍ରଥମ ଖଲିଫାଙ୍କ ନିକଟକୁ ଚିକିତ୍ସା ନିମନ୍ତେ କାଦିଆନ ଆସିଥିଲେ । ମୌଲବିଙ୍କର ଭାଷଣ ଶୁଣି ସେ କହିଲେ ଆପଣମାନେ ଜାଣନ୍ତି ମୁଁ ଅହମଦି ନୁହେଁ କିନ୍ତୁ ମୁଁ ଆହମଦିଙ୍କୁ ଜାଣେ । ବର୍ତ୍ତମାନ ମୌଲବି ସାହେବ ଯାହାସବୁ ସେମାନଙ୍କ ବିରୁଦ୍ଧରେ କହିଲେ ସେସବୁ ସମ୍ପୂର୍ଣ୍ଣ ମିଛ ଅଟେ । ହଜରତ ମୁସଲେହ ମଉଦ ର.ଆ କୁହନ୍ତି ବର୍ତ୍ତମାନ ମଧ୍ୟ କିଛିଲୋକ ମନେକରୁଛନ୍ତି କି ଏଠାରେ ଯାଦୁ କରାଯାଉଛି ଯଦ୍ୱାରା ଅହମଦିମାନଙ୍କୁ ଘୋର ଶାରୀରିକ ଯନ୍ତ୍ରଣା,ଗାଳିଗୁଲଜ,ଅପମାନ,ଆର୍ଥିକ କ୍ଷତି,ମୃତ୍ୟୁର ଭୟ ଦେବା ସତ୍ୱେ ସେମାନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁ ନାହିଁ, ନା ସେମାନେ ଅହମଦିୟତକୁ ତ୍ୟାଗ କରୁଛନ୍ତି । ନିଶ୍ଚିତ ଭାବରେ ସେମାନଙ୍କ ଉପରେ ଯାଦୁ କରାଯାଉଛି ଯଦ୍ୱାରା ସେମାନେ ବିଶ୍ୱାସରେ ଏପରି ଅଟଳ ରହୁଛନ୍ତି । ଅଲ୍ଲାଃତାଲା ଏହି ମିଥ୍ୟାବାଦୀ ମୌଲବିମାନଙ୍କ କବଳରୁ ଇସଲାମକୁ ରକ୍ଷା କରନ୍ତୁ ଏବଂ ଲୋକମାନଙ୍କୁ ସତ୍ୟକୁ ଚିହ୍ନିବା ସହ ଆତ୍ମମାନଙ୍କୁ ନିଜ କର୍ତବ୍ୟକୁ ବୁଝିବାର ଶକ୍ତି ପ୍ରଦାନ କରନ୍ତୁ ।

ଖୁତବାର ଶେଷରେ ହଜୁର ଅନଓର ଅ.ବ ଶ୍ରୀମତି ସକିନା ନାହିଦା ଯେ କି ଶ୍ରୀମାନ ମହମ୍ମଦଦ୍ଦିନ ସାହେବ(ମୃତ)ଙ୍କର ସୁପୁତ୍ରୀ ଥିଲେ ଏବଂ ଶ୍ରୀମାନ ଶଓକତ ଗନି ସାହେବ ଶହିଦ ଯେ କି କାଜୀ ଅବଦୁଲ ଗନି ସାହେବଙ୍କର ପୁତ୍ର ଥିଲେ, ଉଭୟଙ୍କର ଉତମ ଚର୍ଚ୍ଚା ଓ ନମାଜ ଜନାଯାଃ ଗାଏବ ପାଠର ଘୋଷଣା କଲେ ।

❀ ❀ ❀

## 'ରବ୍ବିର୍ ହମ୍ହୁମା କମା ରବ୍ବାୟାନି ସଗିରା'

ଅର୍ଥାତ : ହେ ମୋର ପାଳନ କର୍ତା ତୁମେ ସେହି ଦୁଇ (ମାତାପିତା) ଜଣଙ୍କ ଉପରେ ଦୟାକର ଯେପରି ସେମାନେ ମୁଁ ଛୋଟ ଥିବା ଅବସ୍ଥାରେ ମୋଉପରେ ଦୟାକରି ମୋତେ ପାଳନ କରିଥିଲେ ।

(ପବିତ୍ର କୋରାନ୍ ୧୭:୨୫)

# ଖୁତ୍‌ବା ଜୁମା

- ହଜରତ ମସିହ୍ ମଉଦ୍ ଆ:ସ ନିଜର ଲେଖା ଓ ବକ୍ତୃତାରେ ଅନେକ କଥା ଉଦାହରଣ ମାଧ୍ୟମରେ ବୁଝାଇବାର ସାହାବାମାନଙ୍କ କଥନରୁ ଜଣଯାଉଛି । କିନ୍ତୁ ଏହି ସମ୍ବନ୍ଧରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଙ୍କର ଆମ ଉପରେ ବହୁତ ଉପକାର ଅଛି ଯେ ଆପଣ ନିଗ ଖୁତ୍‌ବାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ବର୍ଣ୍ଣନା ଗୁଡିକ, ଯାହାକୁ ନିଜେ ଶୁଣି, ଦେଖି ଏବଂ ହଜୁରଙ୍କ ନିକଟ ବର୍ତୀ ସାହାବା ମାନଙ୍କ ଠାରୁ ଶୁଣି ଉପସ୍ଥପନା କରିଛନ୍ତି । ବିଗତ କିଛି ଦିନ ହେବ ମୁଁ ତାହା ମୋ ଖୁତ୍‌ବାରେ ଚର୍ଚ୍ଚା କରିଆସୁଛି ଏହି ସମ୍ବନ୍ଧରେ ମୋ ପାଖକୁ କେତେ ମଧ ଚିଠି ଆସିସାରିଲାଣି କି ଏପରି ଉଦାହରଣ ବା ଘଟଣା ବର୍ଣ୍ଣନା କରିବା ଦ୍ୱାରା ସହଜରେ କଥା ବୁଝି ହୋଇଯାଉଛି । ସେ ଯାହା ହେଉ ଆଜିର ଖୁତ୍‌ବା ମଧ ଏହି ସମ୍ବନ୍ଧରେ ରହିଛି ।
- ଆଜିକାଲି ଇସ୍‌ଲାମୀୟ ଦେଶଗୁଡିକରେ ଯେଉଁ ବିଦ୍ରୋହ ଓ ହଡତାଲ ହେଉଛି ତାହା କେବଳ ସଇତାନ ଶକ୍ତିର କାର୍ଯ୍ୟ ତଥା ସରକାର ଓ ଜନସାଧରଣ ପରସ୍ପର ପ୍ରତି ଥିବା କର୍ତବ୍ୟ ସମ୍ପୂର୍ଣ୍ଣ ନ କରିବା ଯୋଗୁଁ ଉପୁଚୁଛି ।
- ନିଜର ଅଳସୁଆମି ନିଜ ୍ରୋଗ ବୋଲି ବିବେଚନା କର ନହିଁ । ଅଳସୁଆମି ଯୋଗୁଁ ନିଜ କର୍ତବ୍ୟରେ ଅବହେଳା କରୁଥିବା ଲୋକଙ୍କୁ ପ୍ରକୃତରେ ଶାରିରୀକ ମ୍ୟାଲେରିଆ ହୋଇନାହିଁ ବରଂ ସେମାନଙ୍କ ହୃଦୟରେ ମ୍ୟାଲେରିଆ ହୋଇଛି ।
- ଯଦି ସେମାନେ ଏ ନିଷ୍ପତି କରିନିଅନ୍ତି କି ଆଜିଠାରୁ ମୁଁ ପରିଶ୍ରମ କରିବି ତେବେ ସବୁ ପ୍ରକାରର ଅଳସୁଆମି ଦୁରହୋଇପାରିବ ।
- କେତେକ ସ୍ୱାମୀ ନିଜ ପତ୍ନୀମାନଙ୍କ ମେହେର ପରିଶୋଧ କରିବା ତ ଦୁରର କଥା ସେମାନଙ୍କ ଆମଦାନୀରେ ମଧ ହସ୍ତକ୍ଷେପ କରିଥାନ୍ତି କି ତୁମେ ମୋ ବିନା ଅନୁମତିରେ କୌଣସି ଖର୍ଚ୍ଚ କରିବ ନାହିଁ ବା ଆମକୁ ଦିଅ ବା ଆମ ପାଖକୁ ଆମଦାନିର ଏତେ ଅଂଶ ଆସିବା ଉଚିତ୍, ମୋ ବ୍ୟାଙ୍କ ଖାତାକୁ ଆସିବା ଦାରକାର । ଏହା ସମ୍ପୂର୍ଣ୍ଣ ଅନୁଚିତ୍ ଅଟେ । ସେହିପରି କେତେକ ଗରିବ ଶ୍ରେଣୀ ବା ଗରିବ ଦେଶରେ ଏପରି ପ୍ରଥା ପ୍ରଚଳିତ ହେଉଛି କି ବିବାହ ଅବସରରେ କନ୍ୟାପକ୍ଷ ବର କିମ୍ବା ବରଘରୁ ମେହେର ହାସଲ କରିନେଇଥାନ୍ତି । ଏପରି କନ୍ୟାକୁ କିଛି ମିଳିନଥାଏ ଏବଂ ତା ଗଳା ଓ ହାତ ଖାଲି ରହିଯାଇଥାଏ । ଏହା ମଧ ଭୁଲ୍ ଅଟେ ।
- କିଛି ଲୋକଙ୍କ ଉପରେ ଏ ଦାୟିତ୍ୱ ରହିଛି କି ସେମାନେ କେବଳ ଧର୍ମ ପ୍ରତି ଧ୍ୟାନ ରଖିବେ କାରଣ ଅଲ୍ଲାଃ ସେମାନଙ୍କୁ କେବଳ ଏଇଥିପାଇଁ ସୃଷ୍ଟି କରିଛନ୍ତି, କିନ୍ତୁ ଅନ୍ୟମାନେ ନିଃସନ୍ଦେୟ ନିଜର କାମନା ପୁରଣ କରିବା ତଥା ଧନ ସମ୍ପତି ଅର୍ଜିବା ସହିତ ଉପାସନା ତଥା ଧର୍ମକର୍ମ କରିବା, କ୍ଷମା ପ୍ରାର୍ଥନା ଓ ଦୁଆ କରିବାରେ ସମୟ ଅତିବାହିତ କରନ୍ତୁ
- ଆମ ଶିକ୍ଷା ଓ ରୀତିନୀତି ବିରୋଦ୍ଧ କାର୍ଯରୁ ଆମକୁ ସର୍ବଦା ନିବୃତ୍ତ ରହିବାକୁ ଚେଷ୍ଟା କରିବା ଉଚିତ୍ ଯଦି କାହାର ନକଲ କରିବାର ଅଛି ତେବେ ଯେପରିକି ଅଲ୍ଲାଃ ଆମ୍ଭକୁ ଦେଖାଇଛନ୍ତି କି ହଜରତ ମହମ୍ମଦ ସ:ଆ:ଙ୍କ ର ନମୁନାର ନକଲ କର କିମ୍ବା ଏହି ଯୁଗରେ ଆମ୍ଭକୁ ଅଲ୍ଲାଃତାଲା ହଜରତ ମସିହ୍ ମଉଦ୍ ଆ:ସ ଯେ ନିଜ ଆକା ହଜରତ୍ ମହମ୍ମଦ ସ:ଆ:ଙ୍କ ଠାରୁ ଯାହା କିଛି ଶିଖିଲେ, ଆମ୍ଭକୁ ଶିକ୍ଷା ଦେଲେ ତଥା ମୁତାବକ ଅମଳ କରିବା ଉଚିତ ।
- ବିବାହ କରିବାର ମୂଳ ଉଦ୍ଦେଶ୍ୟ ଆମ୍ ସନ୍ତୋଷ ତଥା ସନ୍ତାନ ଲାଭ କରିବା ଅଟେ । ସୁତରାଂ ଅଲ୍ଲାଃଙ୍କ ଠାରୁ ତାଙ୍କ କୃପା ଭିକ୍ଷା କରିବା ଉଚିତ କି ଯଦି ତାହା ଆମ୍ଭ ପାଇଁ ଉପକାରୀ ଅଟେ ତେବେ ଉକ୍ତ ସମ୍ପର୍କ ଯୋଡିଯାଉ ନଚେତ୍ ଭାଙ୍ଗି ଯାଉ । ଏସବୁ ସଂସାରିକ ପ୍ରେମ କ୍ଷଣସ୍ଥାୟୀ ଅଟେ । ଅଲ୍ଲାଃଙ୍କ ପ୍ରେମ ହାସଲ କରିବା ନିମନ୍ତେ ଭିକ୍ଷା କରିବା ଉଚିତ୍ ।
- ସୟଦ ଅସଦୁଲ ଇସଲାମ୍ ଶାହ ସାହେବ ପିତା ଶ୍ରୀମାନ ସୟଦ ନଇମ୍ ଶାହ ସାହେବ ଯେକି ଗ୍ଲାସଗୋର ନିବାସୀ ଥିଲେ, ଶହିଦଙ୍କର ଉତ୍ତମ ଚର୍ଚ୍ଚା ଏବଂ ନମାଜ ଜନାଜାଃ ଗାଏବ୍ ପଠର ଘୋଷଣା କଲେ ।

## ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ପଂଚମ ଅ.ବ
## (ପ୍ରଦତ୍ତ□:୧ ଅପ୍ରେଲ ୨୦୧୬ଅନୁଯାୟୀ ୧ ଶାହାଦତ୍ ୧୩୯୫ହି.ଶ)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ,ତଉଜ ଓ ସୁରେ ଫାତିହାର ଆବୃତି ପରେ ହଜୁର ଅନଓର ଅ.ବ କହିଲେ- ପୂର୍ବ ଖୁତବାରେ ମୁଁ ହଜରତ ମସିହ ମଉଦ ଆ.ସ ଙ୍କର ଏକ ପରିଚ୍ଛେଦ ଚର୍ଚ୍ଚା କରିଥିଲି । ଯେଉଁଥିରେ ଆପଣ କୁହନ୍ତି ତୁମେମାନେ ମୋ ଯୁଗରେ ଜନ୍ମ ଗ୍ରହଣ କରିଥିବାରୁ ଆନନ୍ଦରେ ନାଚିଉଠ କାରଣ ଏହି ସୌଭାଗ୍ୟ ଅଲ୍ଲାଃ ଆପଣଙ୍କୁ ପ୍ରଦାନ କରିଛନ୍ତି । ଜଣା ନାହିଁ ଏହି ସମୟ ପାଇବା ପାଇଁ କେତେ ଗୋଷ୍ଠୀ,ବରପୁତ୍ର ପ୍ରତିକ୍ଷା କରି କରି ସଂସାରରୁ ବିଦାୟ ନେଲେ । ତେଣୁ ଅମ୍ଭେମାନେ ଭାଗ୍ୟବାନ ଯେ ହଜରତ ମସିହ ମଉଦ ଆ.ସ ଙ୍କ ବୟତ କରି ସେହି ଗୋଷ୍ଠୀରେ ଶାମିଲ ହୋଇଛେ ଯେ, ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରିଥାନ୍ତି । ସେ ହତଭାଗାମାନଙ୍କ ମଧ୍ୟରୁ ନୁହେଁ ଯେଉଁମାନଙ୍କୁ ହଜୁର ଆ.ସ ଙ୍କ ସମୟ ପ୍ରାପ୍ତ ହେବା ପରେ ମଧ ତାଙ୍କୁ ବୟତ କରିବାର ସୌଭାଗ୍ୟ ମିଳିଲା ନାହିଁ । କାରଣ ବିରୁଦ୍ଧାଚରଣରେ ଆଗକୁ ବଢିଚାଲିବା ସେମାନଙ୍କୁ ଅଲ୍ଲାଃଙ୍କ ପ୍ରିୟମାନଙ୍କ ଆନୁଗତ୍ୟ ସ୍ୱୀକାର କରିବାରୁ ବଂଚିତ ରଖିଥାଏ ।

ଏହି ଦୃଷ୍ଟିରୁ ଆମମାନଙ୍କୁ ଅଲ୍ଲାଃଙ୍କର କୃତଜ୍ଞ ହେବା ଉଚିତ ଯେ, ସେ ଆମର ସତ୍‌ପଥ ପ୍ରତି ମାର୍ଗ ଦର୍ଶନ କରିବା ସହ ଜୀବନର ବିଭିନ୍ନ ସମସ୍ୟା ଓ ପ୍ରଶ୍ନବାଚର ସମାଧାନ ଇସଲାମୀୟ ଶିକ୍ଷା ମୁତାବକ ନିଜ ପ୍ରେରିତ ଦୂତ ହଜରତ ମସିହ ମଉଦ ଆ.ସ ଙ୍କ ମାଧ୍ୟମରେ କରାଇଦେଲେ । ଆପଣ ନିଜ ରଚନା,ବକ୍ତୃତା ଓ ସମ୍ମିଳନୀମାନଙ୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଯେଉଁ ଶିକ୍ଷା ପ୍ରଦାନ କଲେ ତାହା ଆପଣଙ୍କ ସାଥିମାନଙ୍କ ମାଧ୍ୟମରେ ଆମକୁ ମିଳିଛି । କିନ୍ତୁ ସବୁଠାରୁ ବଳି ହଜରତ ମୁସଲେହ ମଉଦ ର.ଆ ଙ୍କର ବକ୍ତବ୍ୟ ଯେଉଁଥିରେ ଆପଣ ହଜରତ ମସିହ ମଉଦ ଆ.ସ ଙ୍କର ବର୍ଣନା ଯାହାକି ଆପଣ ସ୍ୱଚକ୍ଷୁରେ ଦେଖିଥିଲେ କିମ୍ବା ଶୁଣିଥିଲେ ଅଥବା ହଜୁରଙ୍କ ନିକଟବର୍ତୀ ସାଥିମାନଙ୍କ ଠାରୁ ଶୁଣିଥିଲେ ଦରଜ କଲେ । ସେହି ଉଦାହରଣଗୁଡିକୁ ପାଠ କଲେ ଆପଣଙ୍କ କହିବାର ଉଦ୍ଦେଶ୍ୟ ସହଜରେ ବୁଝା ପଡିଥାଏ । ମୁଁ ବିଗତ କିଛି ଦିନ ହେଲା ଖୁତବାରେ ଏହା ବର୍ଣ୍ଣନା କରି ଆସୁଛି ଯଦ୍ୱାରା ଏହି ସମ୍ବନ୍ଧରେ ମୋତେ କେତେକ ଲୋକ ଚିଠି ଲେଖିଛନ୍ତି କି ଏପରି ଘଟଣା ଓ ଉଦାହରଣ ମାଧ୍ୟମରେ ଆମେ କଥା ସହଜରେ ବୁଝିପାରୁଛୁ । ସେ ଯାହା ହେଉ ଆଜିର ଖୁତବା ମଧ ଏହିସମ୍ବନ୍ଧରେ ରହିଛି । ଏକଦା ହଜରତ ମୁସଲେହ ମଉଦ ର.ଆ ହରତାଲ ଓ ବିରୋଧ ପଦର୍ଶନ କରିବା ଇସଲାମୀୟ ଶିକ୍ଷା ଅନୁଯାୟୀ ଉଚିତ୍ କି ନୁହେଁ ଚର୍ଚ୍ଚା କରି କହିଲେ । ଏଥି ସମ୍ବନ୍ଧରେ ପ୍ରଶ୍ନ ଉଠୁଛି କି ଏପରି କରିବାର କାରଣ କଣ ହୋଇପାରେ ? ଏହି କି ଯେ ଜନସାଧାରଣଙ୍କ ଅଧିକାର ସେମାନଙ୍କୁ ପ୍ରଦାନ ନ କରିବା । ସଂସାରିକ ବ୍ୟବସ୍ଥାରେ ଆମେ ଦେଖିଥାଉଁକି କେତେବେଳେ ମାଲିକ କର୍ମଚାରୀର ଅଧିକାର ପ୍ରଦାନ କରିନଥାଏ ତ କେତେବେଳେ କର୍ମଚାରୀ ମାଲିକର । ଯଦ୍ୱାରା ସେମାନଙ୍କ ମଧ୍ୟରେ ଏକ ତିକ୍ତ ପରିବେଶ ସୃଷ୍ଟି ହୋଇଥାଏ । କେତେବେଳେ ସରକାର ଜନସାଧାରଣ ଙ୍କୁ ସେମାନଙ୍କ ଅଧିକାରରୁ ବଂଚିତ ରଖୁଛି ତ କେତେବେଳେ ଜନସାଧାରଣ ସରକାରଙ୍କ ସହ ସେହିପରି ଆଚାରଣ

କରୁଅଛି ଏପରିଅବସ୍ଥାରେ ତାହାର ଏକ ପ୍ରତିକ୍ରିୟା ଉତ୍ପନ୍ନ ହୋଇଥାଏ ତେବେ ଏହି ସଂସାରିକ କାର୍ଯ୍ୟରେ ଏକ ସଇତାନି ଚକ୍ର ଚାଲିଥାଏ, ଯେଉଁଥିରେ ମଣିଷ ଶିକାର ହୋଇଥାଏ । (ଏବଂ ଏହା କେବଳ ଇସଲାମୀୟ ରାଷ୍ଟ୍ର ମାନଙ୍କରେ ଘଟୁନାହିଁ ବରଂ ଆନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ ନିଜ ନିଜର କର୍ତବ୍ୟ ସମ୍ପାଦନା କରିବା ଉଚିତ୍ । ସେଥିପାଇଁ ଇସଲାମ ଆମକୁ ଶିକ୍ଷା ଦେଇଛି କି ତୁମେ ପରସ୍ପରର ଭାଇ ସାଜି ପରସ୍ପର ପ୍ରତି ଥିବା କର୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟାକର । ଯଦି ଏପରି କର ତେବେ ସାଂସାରିକ ବ୍ୟବସ୍ଥାରେ ମଧ୍ୟ ଏଭଳି ବିଘଟନ ଦେଖାଯିବ ନାହିଁ । ଏହା ଇସଲାମୀୟ ଶିକ୍ଷା ଓ ସଂସ୍କାରର ସାରାଂଶ ଯେ, ଆବଶ୍ୟକ ସ୍ଥଳେ ନିଜ ଅଧିକାର ହାସଲ କର କିନ୍ତୁ ନୀୟମ ଉଲଙ୍ଘନ କର ନାହିଁ । ଆପଣ ଆହୁରି କୁହନ୍ତି ଇସଲାମୀୟ ସଦନ ଶିଷ୍ଟାଚାର ଉପରେ ଆଧାରିତ,ତାହାର ମୂଳରେ ନ୍ୟାୟ ଓ ପ୍ରେମ ରହିଛି । ତେଣୁ ନିଜ ଅଧିକାର ହାସଲ କଲାବେଳେ ଏହି ନୀୟାମାବଳି ଆପଣାଇବା ଉଚିତ୍ । ଦେଖ ହଜରତ ମସିହ ମଉଦ ଆ.ସ ଙ୍କ ସମୟରେ ଯଦି କେହି ଅହମଦି କୌଣସି ପ୍ରକାର ବିକ୍ଷୋପ କିମ୍ୱା ବିଦ୍ରୋହରେ ଯୋଗଦିଏ ତେବେ ଆପଣ ତାହାକୁ କଠୋର ଦଣ୍ଡ ଦିଅନ୍ତି ଏବଂ ଅସନ୍ତୋଷ ପ୍ରକାଶ କରନ୍ତି । ଆଜିକାଲି ମୁସଲମାନ ଦେଶମାନଙ୍କରେ ଯେଉଁ ହରତାଲ ଓ ବିଦ୍ରୋହ ଦେଖିବାକୁ ମିଳୁଛି ତାହା କେବଳ ପରସ୍ପରର ଅଧିକାର ପ୍ରଦାନ ନକରିବା ଯୋଗୁଁ ସୃଷ୍ଟି ହେଉଛି । ଯଦି ସରକାର ନ୍ୟାୟର ସହ ନିଜର କାର୍ଯ୍ୟ କରିଚାଲେ ତେବେ ସଇତାନି ଶକ୍ତି ନିଜର ବିଭ୍ରାଟ ସୃଷ୍ଟି କରିବା ଆରମ୍ଭ କରିଦେଇଥାଏ କିମ୍ୱା ବାହ୍ୟ ଶକ୍ତି ଏପରି କରିବାକୁ ଚେଷ୍ଟା କରିଥାଏ ତେଣୁ ସେମାନଙ୍କୁ ଏପରି କରିବାର ସୁଯୋଗ ଦେବା କଥା ନୁହେଁ । କାରଣ ଯେତେବେଳେ ପ୍ରଜାଙ୍କର ଅଧିକାର ସେମାନଙ୍କୁ ପ୍ରଦାନ କରାଯାଉ ଥିବ ତେବେ କୈଣସି ମୈଲବି କିମ୍ୱା ବିଭ୍ରାଟ କାରୀ କିମ୍ୱା ବିଦ୍ରୋହୀର ଅନୁଶରଣ କରିବା ଆବଶ୍ୟକତା କଣ ? ଅଲ୍ଲାଃ ଉକ୍ତ ଦେଶମାନଙ୍କ ପ୍ରଶାସନ ଦଳ ବିଶେଷ କରି ପାକିସ୍ତାନର ପ୍ରଶାସକଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ କି ସେମାନେ ନିଜ ପ୍ରଜାମାନଙ୍କୁ ସେମାନଙ୍କର ଅଧିକାର ପ୍ରଦାନ କରନ୍ତୁ । ଏହିପରି ପ୍ରତ୍ୟେକ ଅହମଦି ମଧ୍ୟ ଦୁଆ କରିବା ଉଚିତ୍ ଯେ କୌଣସି ସ୍ଥାନରେ ଯଦି ଜୋର ଜବରଦସ୍ତି ଏପରି ବିଦ୍ରୋହରେ ଯାହାକି ଜନସାଧାରଣ କିମ୍ୱା ସରକାରଙ୍କ ସମ୍ପତି ନଷ୍ଟକରିବା ଛଡା ଆଉ କିଛି ହାସଲ ହୋଇନଥାଏ,ଶାମିଲ କରିବାକୁ ଚେଷ୍ଟାକରାଯାଏ ତେବେ ସେମାନେ ସେଥିରୁ ନିବୃତ ରହିବା ଉଚିତ୍ ।

ପ୍ରତ୍ୟେକ ବ୍ୟକ୍ତି ସେ ଯେଉଁ କାର୍ଯ୍ୟରେ ନିୟୋଜିତ ହେଉ ନା କାହିଁକି ଯଦି ଆଗ୍ରହତାର ସହ ନିଜର ସମସ୍ତ ସାମର୍ଥ ବିନିଯୋଗ କରି ସମ୍ପାଦନ କରେ ତେବେ ଏହା ତାହାର ବିଶିଷ୍ଟତା କୁହାଇଥାଏ । ହଜରତ ମୁସଲେହ ମଉଦ ର.ଅ ଉଦାହରଣ ମାଧ୍ୟମରେ ଏହାର ସ୍ୱଷ୍ଟିକରଣ କରି କୁହନ୍ତି ଯଦି ଜଣେ ସନ୍ୟ କିମ୍ୱା ସେନାଧ୍ୟକ୍ଷ, ଶିକ୍ଷକ, ନ୍ୟାୟଧୀଶ, ଓକିଲ, ବ୍ୟବସାୟୀ, ବିଧାନସଭା ମୂଖ୍ୟ କିମ୍ୱା ପ୍ରଧାନ ମନୀ ନିଜ ନିଜ କାର୍ଯ୍ୟ ନିଷ୍ଠାପର ଭାବରେ ସଚୋଟତାର ସହ ପୂର୍ଣ ସମୟ ଦେଇ ସମ୍ପଦନ କରେ ଓ ସନ୍ଧାବେଳେ ଥକି ବସିପଡି, କହିଉଠେ କି ଆଜି ସାରା ଦିନ ବ୍ୟସ୍ତତା ଓ କାମର ବୋଝ ମୋ ଅଣା ଭାଙ୍ଗିଦେଲା । କିନ୍ତୁ ଯଦି ଆମେ ହଜରତ ମହମ୍ମଦ ସ.ଆଙ୍କ ଜୀବନୀ ଉପରେ ନଜର କରୁ ସେତେବେଳେ ଆପଣଙ୍କ ନମୁନା ଦେଖି ଆଶ୍ଚର୍ଯ୍ୟ ଲାଗେ କି ସମସ୍ତ ପ୍ରକାର ସାଂସାରିକ ଓ ବ୍ୟବସ୍ଥାମୂଳକ କାର୍ଯ୍ୟ ଯାହାକି ବିଭିନ୍ନ ବିଭାଗ ସହ ଜଡିତ ସମ୍ପାଦନ କରିବା ପରେ ଘରର ନାନାଦି କାର୍ଯ୍ୟ କରିଥାନ୍ତି ଆପଣ ଜଣେ ବିଚାର ପତି ହେବା ସଙ୍ଗେ ସଙ୍ଗେ ଜଣେ ଶିକ୍ଷକ ମଧ୍ୟ ଥିଲେ । ଆପଣ ନିଜର କର୍ତବ୍ୟ ସମ୍ପୁର୍ଣ କରିବା ସହିତ ଏକ ଦାଇତ୍ୱ ବାନ ନାଗରୀକ ଭାବରେ ସରକାରଙ୍କ କର୍ତବ୍ୟ ସମ୍ପୁର୍ଣ୍ଣ କରୁଥିଲେ । ନୂତନ ନିୟମ ପ୍ରଣାଳୀ ଗଠନ କରିବା ତଥା ତାହାର ସ୍ୱଷ୍ଟି କରଣ କରନ୍ତି । ଆପଣ କଦାପି କହି ନାହାନ୍ତି କି ମୁଁ ଏପରି ବ୍ୟସ୍ତତା ଭିତରେ ଆବଦ୍ଧ ତେଣୁ ମୁଁ ତୁମର ସାହାଯ୍ୟ କରିପାରିବି ନାହିଁ ଏହାର ସଂକ୍ଷିପ୍ତ ସ୍ୱଟିକରଣ କରି ହଜରତ୍ ମୁସ୍‌ଲେହ ମଉଦ୍ ର:ଅ କହନ୍ତି ଦେଖ ହଜରତ୍ ମହମ୍ମଦ ସ:ଆ:ସ ନିଜ ପତ୍ନୀମାନଙ୍କୁ ମଧ୍ୟ ସେମାନଙ୍କ ଅଧିକାର ପ୍ରଦାନ କରୁଥିଲେ । ପୁଣି ଆପଣଙ୍କର ଗୋଟିଏ ନୁହେଁ ବରଂ ନଅ ଜଣ ପତ୍ନୀ ଥିଲେ ଏବଂ ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ମଧ୍ୟ ଏପରି ଚିନ୍ତା କରୁନଥିଲେ କି ମୋ ପ୍ରତି (ଆପଣ) ଧ୍ୟାନ ଦେଉ ନାହାନ୍ତି । ଏବଂ ଏପରି ମଗ୍ନହୋଇ କରିଥାନ୍ତି କି ପ୍ରତ୍ୟେକ ପତ୍ନୀ ମନେକରିଥାନ୍ତି କି ମୋ ପ୍ରତି ହଜୁର ସ.ଆଙ୍କର ସବୁଠାରୁ ଅଧିକ ଆଗ୍ରହତା ରହିଛି । ତେବେ ନିତିଦିନ ଆପଣ ନମାଜ ଅସର ପାଠସାରି ପ୍ରତ୍ୟେକ ପତ୍ନୀଙ୍କ ଘରକୁ ଯାଇ ସେମାନଙ୍କର ଆବଶ୍ୟକତା ପଚାରି ବୁଝିଥାନ୍ତି ଏବଂ ଘରୋଇ କାମରେ ସେମାନଙ୍କୁ ସାହାର୍ଯ୍ୟ ମଧ୍ୟ କରିଥାନ୍ତି । ଏଥି ସହିତ ଆପଣଙ୍କର ଆହୁରି ଅନେକ କାର୍ଯ୍ୟ ରହିଥିଲା । ଆପଣଙ୍କ ସମ୍ପୁର୍ଣ୍ଣ ଜୀବନରେ ଏପରି କୌଣସି ମୁହୁର୍ତ ନଥିଲା ଯାହାକି ଖାଲି ଥିଲା । କିନ୍ତୁ ଆପଣ ସେହି ଦେଶର ବାସିନ୍ଦା ଯେଉଁ ଦେଶ ସମ୍ୱନ୍ଧରେ କୁହାଯାଏ କି ଏହା ମ୍ୟାଲେରିଆ (ରୋଗର) ଦେଶ, (କାରଣ ଏସିଆ ଓ ଆଫ୍ରିକାର ଅନେକ ଦେଶର ଲୋକମାନେ ନିଜ ଅଳସୁଆମି, କାମ ନକରିବା ସ୍ୱଭାବ ଯୋଗୁଁ ଏପରି ନାମ କରଣ ରହିଛି ) ସେଥିପାଇଁ ଆପଣ ମ୍ୟାଲେରିଆର ଉଦାହରଣ ଦେଇଛନ୍ତି କି ଏଠାକାର ଲୋକେ ନିଜର ଅଳସୁଆମିକୁ ରୋଗ ବ୍ୟାଧିର ନାମ ଦେଇଥାନ୍ତି ଦେଖ ହଜରତ ମହମ୍ମଦ ସ:ଆ:ସ ଏହି ମହାଦେଶର ହୋଇମଧ୍ୟ ନିଜ ଓ ନିଜ ଘରର ସମସ୍ତ କାର୍ଯ୍ୟସମ୍ପାଦନ କରୁଥିଲେ । କିନ୍ତୁ ବର୍ତମାନ ଏସିଆ ଓ ଆଫ୍ରିକାର ଲୋକମାନେ ନିଜ ଅଳସୁଆମି ଓ କାମ ନ କରିବାର ବାହାନା କରୁଛନ୍ତି କି ଆମର ଏମିତି ଅସୁବିଧା ହୋଇଗଲା ଇତ୍ୟାଦି । ସେମାନଙ୍କୁ ଦେଖିବା ଉଚିତ୍ ଯେ ଏସବୁ ଅସୁବିଧା କଣ ହଜରତ୍ ମହମ୍ମଦ୍ ସ:ଅ:ସାଙ୍କର ନଥିଲା । ହଜରତ ମୁସଲେହ ମଉଦ ର.ଅ କୁହନ୍ତି ଆମେ ହଜରତ୍ ମସିହ ମଉଦ୍ ଆ:ସ ଯେ କି ହଜରତ୍ ମହମ୍ମଦ ସ:ଆ:ସଙ୍କ ପ୍ରତିମ୍ବିବ ଥିଲେ ।ଏଥି ସହିତ ଆପଣଙ୍କର ଆହୁରି ଅନେକ କାର୍ଯ୍ୟ ରହିଥିଲା । ଆପଣଙ୍କ ସମ୍ପୁର୍ଣ୍ଣ ଜୀବନରେ ଏପରି କୌଣସି ମୁହୁର୍ତ ନଥିଲା ଯାହାକି ଖାଲି ଥିଲା । କିନ୍ତୁ ଆପଣ ସେହି ଦେଶର ବାସିନ୍ଦା ଯେଉଁ ଦେଶ ସମ୍ୱନ୍ଧରେ କୁହାଯାଏ କି ଏହା ମ୍ୟାଲେରିଆ (ରୋଗର) ଦେଶ, (କାରଣ ଏସିଆ ଓ ଆଫ୍ରିକାର ଅନେକ ଦେଶର ଲୋକମାନେ ନିଜ ଅଳସୁଆମି, କାମ ନକରିବା ସ୍ୱଭାବ ଯୋଗୁଁ ଏପରି ନାମ କରଣ ରହିଛି ) ସେଥିପାଇଁ ଆପଣ ମ୍ୟାଲେରିଆର ଉଦାହରଣ ଦେଇଛନ୍ତି କି ଏଠାକାର ଲୋକେ ନିଜର ଅଳସୁଆମିକୁ ରୋଗ ବ୍ୟାଧିର ନାମ ଦେଇଥାନ୍ତି ଦେଖ ହଜରତ ମହମ୍ମଦ ସ:ଆ:ସ ଏହି ମହାଦେଶର ହୋଇମଧ୍ୟ ନିଜ ଓ ନିଜ ଘରର ସମସ୍ତ କାର୍ଯ୍ୟସମ୍ପାଦନ କରୁଥିଲେ । କିନ୍ତୁ ବର୍ତମାନ ଏସିଆ ଓ ଆଫ୍ରିକାର ଲୋକମାନେ ନିଜ ଅଳସୁଆମି ଓ କାମ ନ କରିବାର ବାହାନା କରୁଛନ୍ତି କି ଆମର ଏମିତି ଅସୁବିଧା ହୋଇଗଲା ଇତ୍ୟାଦି । ସେମାନଙ୍କୁ ଦେଖିବା ଉଚିତ୍ ଯେ ଏସବୁ ଅସୁବିଧା କଣ ହଜରତ୍ ମହମ୍ମଦ୍ ସ:ଅ:ସାଙ୍କର ନଥିଲା । ହଜରତ ମୁସଲେହ ମଉଦ ର.ଅ କୁହନ୍ତି ଆମେ ହଜରତ୍ ମସିହ ମଉଦ୍ ଆ:ସ ଯେ କି ହଜରତ୍ ମହମ୍ମଦ ସ:ଆ:ସଙ୍କ ପ୍ରତିମ୍ବିବ ଥିଲେ । ହଜରତ ମୁସଲେହ ମଉଦ ର.ଆ କୁହନ୍ତି ମୋର ମନେ ଅଛି ହଜରତ ମସିହ ମଉଦ ଆ.ସ ଏତେ ଅଧିକ କାର୍ଯ୍ୟରତ ଥାନ୍ତି କି ଆମେ ଶୋଇବାକୁ ଗଲାବେଳେ ଆପଣଙ୍କୁ କାମ କରିବାର ଦେଖିଥାଉ ଏବଂ (ସକାଳେ) ଉଠିଲା ବେଳେ ମଧ୍ୟ ଆପଣଙ୍କୁ କାମ କରୁଥିବାର ଦେଖିଥାଉ । ପୁଣି ଏପରି କଷ୍ଟ ଓ ପରିଶ୍ରମ କଲା ପରେ ମଧ୍ୟ ଯେଉଁ ସାଥିମାନଙ୍କୁ ସଂଶୋଧନ କରିବାକୁ କୌଣସି ପୁସ୍ତକ ଦେଇଥାନ୍ତି । ସେମାନଙ୍କର ଏପରି ପ୍ରଶଂସା କରିଥାନ୍ତି କି ଯଦି କେହି ନମାଜ ଇଶା ସମୟରେ ଆସି ଡାକନ୍ତି କି ହଜୁର ପୁସ୍ତକ ସଂଶୋଧନ କରିଆଣିଛି । ଆପଣ ଖଟରୁ ଓହ୍ଲାଇ ତାଙ୍କୁ ଦ୍ୱାର ପର୍ଯ୍ୟନ୍ତ ଛାଡିବାକୁ ଯାଇଥାନ୍ତି ଓ ଅନେକ ଥର କୃତଜ୍ଞତା ଜ୍ଞାପନ କରି କୁହନ୍ତି ଅଲ୍ଲାଃ ଆପଣଙ୍କୁ ଏହାର ସୁଫଳ ପ୍ରଦାନ କରନ୍ତୁ । ଏଥିପାଇଁ ଆପଣଙ୍କୁ ବହୁତ କଷ୍ଟ ସହ୍ୟ କରିବାକୁ ପଡିଲା । ଯେତେବେଳେ କି ତାଙ୍କ ମୁକାବିଲାରେ ଆପଣ ଯେଉଁ କଷ୍ଟ କରନ୍ତି ତାହା ବେଶ ଅଧିକ ଥିଲା । ତେବେ ହଜୁର ଆ.ସ ଙ୍କୁ ଆମେ ଏପରି କ୍ରମାଗତ କାର୍ଯ୍ୟ କରିବାର ଦେଖିଛୁ ଯେ, ତାହା ଦେଖି ଆମକୁ ଆଶ୍ଚର୍ଯ୍ୟ ଲାଗେ । ରୋଗ ବ୍ୟାଧି ଯୋଗୁଁ କେତେକ ସମୟରେ ଆପଣଙ୍କୁ ଭ୍ରମଣ କରିବାକୁ ପଡି ଥାଏ । ଏପରି କାର୍ଯ୍ୟରତ ଓ ଭ୍ରମଣ କଲାବେଳେ ରାସ୍ତାରେ ବଭିନ୍ନ ସମସ୍ୟାର ଚର୍ଚ୍ଚା କରି ତାହାର ସମାଧାନ କରିଥାନ୍ତି । ଏପରି କାର୍ଯ୍ୟରତ ବ୍ୟକ୍ତି ମଧ୍ୟ ଏହି ମେଲେରିଆ ଦେଶର ନିବାସୀ ଅଟନ୍ତି । (ଖୁତବାତେ ମେହମୁଦ୍ ଭାଗ ୧୭ ପୃ –୨୯୯)

ସୁତରାଂ ହଜରତ ମୁସଲେହ ମଉଦ ରଅ କୁହନ୍ତି ଆମ୍ଭକୁ ନିଜ ଅଳସୁଆମି ଯାହାକୁ କି ଆମେ ରୋଗ ବ୍ୟାଧିର ନାମ ଦେଇଥାଉ, ଯଦ୍ୱାରା ନିଜ କର୍ତବ୍ୟରେ ଅବହେଳା କରିଥାଉ । ତାହା ପ୍ରକୃତରେ ଶରୀରର ମେଲେରିଆ ନୁହେଁ ବରଂ ହୃଦୟର ମେଲେରିଆ ଅଟେ । ଯଦି ଆମେ ନିଷ୍ପତି କରିଦେବା ଯେ ଆଜିଠାରୁ ଆମେ ପରିଶ୍ରମ କରିବା ତେବେ ଏ ସବୁ ଅଳସୁଆମି ଦୂର ହୋଇଯିବ । ବର୍ତମାନ ସେହି ମ୍ୟାଲେରିଆ ଦେଶଗୁଡିକରୁ ଯେଉଁ ମାନେ ଆସି ଏଠାରେ ବସବାସ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଘରେ ପୁରା ଦିନ ବସି ରହିଥାନ୍ତି ବା ଟିଭି ଦେଖିଥାନ୍ତି ବା ସ୍ତ୍ରୀ ମାନଙ୍କ ସହିତ ଝଗଡା କରିଥାନ୍ତି ବା ପିଲାମାନଙ୍କ ସହିତ ଏପରି ଆଚରଣ କରିଥାନ୍ତି ଯଦ୍ୱାରା ସେମାନେ ବିରକ୍ତ ହୋଇଥାନ୍ତି । ଏମାନେ ରୋଗି ନୁହନ୍ତି ବରଂ ରୋଗି ହେବାର ବାହାନା କରିଥାନ୍ତି । ବାସ୍ତବରେ ଏମାନେ ଅଳସୁଆ । ଏମାନଙ୍କୁ କୈଣସି କାମ କରିବା ପାଇଁ ଚିନ୍ତା ନଥାଏ କାରଣ ଚଳିବା ପାଇଁ ସରକାରଙ୍କ ତରଫରୁ ଏମାନଙ୍କୁ ଭତା ମିଳିଯାଇଥାଏ । ତେଣୁ ଏଠି ବସବାସ କରୁଥିବା ଅଳସୁଆ ଲୋକମାନଙ୍କୁ ନିଜର ଏପରି ସ୍ୱଭାବକୁ ବଦଳାଇବା ଉଚିତ୍ ।

ପୁଣି ଇସଲାମରେ ମହିଳାମାନଙ୍କ ସୁରକ୍ଷିତ ଭବିଷ୍ୟତ ନିମନ୍ତେ ବିଭିନ୍ନ ଆଦେଶ ରଦିଛି । ସେଥି ମଧ୍ୟରୁ ଗୋଟିଏ ଆଦେଶ ଏହିକି ଯେ ବିବାହ ପୂର୍ବରୁ ତାଙ୍କର ହକ୍ ମେହ୍‌ର ଧାର୍ଯ୍ୟ କରିବା ଏବଂତାହାର ପରିଷୋଧ କରିବା ରହିଛି । କିଛି ଲୋକ ମନେକରିଥାନ୍ତି କି କେବଳ ତଲାକ୍ (ବିଚ୍ଛେଦ) ହେଲେ ହିଁ ମେହ୍‌ର ଦେବାକୁ ହୁଏ କିନ୍ତୁ ସେମାନେ ଏହାର ପ୍ରକୃତ ଉଦ୍ଦେଶ୍ୟ ବୁଝିନଥାନ୍ତି । ମେହ୍‌ର ଧାର୍ଯ୍ୟ କରିବାରେ ଉଦ୍ଦେଶ୍ୟ ଏହି କି ଯେ,କେତେକ ସମୟରେ ମହିଳଙ୍କୁ କିଛି ଖର୍ଚ୍ଚର ଆବଶ୍ୟକତା ପଡିଥାଏ ଏବଂ ସେଥିପାଇଁ ସେ ନିଜ ସ୍ୱାମୀଙ୍କୁ ମାଗିବାକୁ ବାଧ୍ୟ ହୁଅନ୍ତି କିନ୍ତୁ ମାଗିବାକୁ ତାଙ୍କୁ ପ୍ରଥମତଃ ଲାଜ ଲାଗେ ଦ୍ୱିତୀୟରେ ଏହାକୁ ସେ ପସନ୍ଦ ମଧ୍ୟ କରିନଥାନ୍ତି । ପୁଣି କେତେକ ସ୍ଥଳେ ସ୍ୱାମୀ ମଧ୍ୟ ପତ୍ନୀର ଆବଶ୍ୟକତା ପୂରଣ କରିପାରିନଥାନ୍ତି । ତେବେ ଏପରି ଅବସ୍ଥାରେ ମେହ୍‌ର (ଅର୍ଥ) ତାଙ୍କ କାମରେ ଆସିଥାଏ । କିନ୍ତୁ ଯଦି ପୁରୁଷମାନେ ଏହାର ପରିଷୋଧ ହିଁ ନକରନ୍ତି ତେବେ ଉପରୁକ୍ତ ପରିସ୍ଥିତିରେ ମହିଳାମାନେ କିପରି ନିଜର ଆବଶ୍ୟକତା ପୂରଣ କରିବେ । ଉଦାହରଣ ସ୍ୱରୁପ ସ୍ତ୍ରୀମାନଙ୍କର ନିଜର ଆବଶ୍ୟକତା ରହିଛି (ଯେପରି) କୌଣସି ସମ୍ପର୍କୀୟ କିମ୍ୱା ଅନ୍ୟ କାହାକୁ ସାହାଯ୍ୟ କରିବା ପାଇଁ ଯାହା କି ସେ ସ୍ୱାମୀଙ୍କୁ ଜଣାଇବା ପାଇଁ ଚାହାନ୍ତି ନାହିଁ । ସେଥି ଯୋଗୁଁ ସେମାନଙ୍କ ନିକଟରେ କିଛି ଅର୍ଥ ରହିବା ଆବଶ୍ୟକ । ପୁଣି ହଠାତ୍ କୌଣସି ଆବଶ୍ୟକ ପଡିଲେ ବା ନିଜ ଇଛାରେ କିଛି ଖର୍ଚ୍ଚ କରିବା ପାଇଁ ହେଲେ ସେମାନଙ୍କ ନିକଟରେ ଅର୍ଥ ରହିବା ଉଚିତ୍ । କେତେକ ସ୍ଥଳେ ପୁରୁଷମାନେ ମେହ୍‌ର ପରିଷୋଧ କରିବା ତ ଦୂରର କଥା ଓଲଟା ସେମାନଙ୍କ ଆମଦାନି ଉପରେ କଟକଣା ଲଗାଇଥାନ୍ତି କି ତୁମେ ମୋତେ ନପଚାରି କୌଣସି ଖର୍ଚ୍ଚ କରିବ ନାହିଁ କିମ୍ୱା ତୁମ ଆମଦାନିର ଏତେ ଭାଗ ମୋତେ ଦିଅ ଅଥବା ମୋ ବ୍ୟାଙ୍କ ଖାତାକୁ ଆସିବା ଉଚିତ୍ । ଏପରି କରିବା ଅନୁଚିତ । ପୁଣି କେତେକ ଲୋକ ନିଜ ଝିଅମାନଙ୍କର ମେହ୍‌ର ଆଣି ଆତ୍ମସାତ କରିଥାନ୍ତି । ଏହା ମଧ୍ୟ ଅବୈଧ ଏବଂ ନିଜ କନ୍ୟାକୁ ବିକ୍ରି କରିବା ଅଟେ । ସେହିପରି କେତେକ ଗରିବ ଶ୍ରେଣି ବା ଗରିବ ଦେଶମାନଙ୍କରେ ଏପରି ପ୍ରଥା ପ୍ରଚଳିତ ଅଛି କି ବିବାହ ସମୟରେ କନ୍ୟାପିତା , ବର କିମ୍ୱା ବରପକ୍ଷଙ୍କ ଠାରୁ ମେହର ହାସଲ କରିନେଇଥାନ୍ତି ଏହା ଦ୍ୱାରା କନ୍ୟାକୁ କିଛି ମିଳି ନଥାଏ । ବାହା ହୋଇ ତା ହାତ ଖାଲି ରହିଯାଇଥାଏ, ଏହା ମଧ୍ୟ ଅନୁଚିତ୍ । ଏପରି କାର୍ଯ୍ୟ କନ୍ୟାକୁ ବିକ୍ରି କରିବା ସଦୃଶ ଯାହା ଇସ୍‌ଲାମ୍‌ରେ ସମ୍ପୁର୍ଣ୍ଣ ମନା ଅଛି । ସେହିପରି କେତେକ ମହିଳା ମେହ୍‌ର କ୍ଷମା ଦେବା କଥା ସ୍ୱାମୀମାନେ କହିଥାନ୍ତି କିନ୍ତୁ ଏଥିପାଇଁ ମଧ୍ୟ ସର୍ତ ରହିଛି । ତାହା ଏହିକି ଯେ, ପ୍ରଥମେ ତାଙ୍କ ହାତରେ ମେହ୍‌ର ରଖି (କ୍ଷମା କରିବା କଥା) ପଚାରିବା ଉଚିତ୍ । ପୁଣି ସେହି ଟଙ୍କା ତାଙ୍କ ନିକଟରେ ଅତି କମ୍‌ରେ ଏକ ବର୍ଷ ରହିବାର ଆଦେଶ ରହିଛି । ତାପରେ ଯଦି ସେ କ୍ଷମା କରନ୍ତି ଅର୍ଥାତ ଅର୍ଥ ଫେରସ୍ତ କରନ୍ତି ତେବେ ଠିକ୍ ଅଛି । ହଜରତ୍ ମୁସ୍‌ଲେହ ମଉଦ୍ ର:ଅ ଏପରି ଏକ ଘଟଣା ମେହର କ୍ଷମା କରିବା ଉପରେ ଚର୍ଚ୍ଚା କରି କହନ୍ତି କି ହଜରତ୍ ମସିହ୍ ମଉଦ୍ ଆ:ସ

ଙ୍କର ଜଣେ ସାହାବି ଥିଲେ ଶ୍ରୀମାନ ହକିମ୍ ଫଜଲେଉଦ୍ଦିନ୍ ସାହେବ ଯିଏ ପ୍ରଥମ ବୟତକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ତାଙ୍କର ଦୁଇଜଣ ସ୍ତ୍ରୀ ଥିଲେ । ଥରେ ହଜରତ୍ ମସିହ୍ ମଉଦ୍ ଆ:ସ କହିଲେ ଯେ ଶରିୟତ୍ ମେହର ପରିଶୋଧ କରିବା ପାଇଁ ଧାର୍ଯ୍ୟ କରିଛି । ତେଣୁ ସ୍ତ୍ରୀ ମାନଙ୍କୁ ଏହା ନିଶ୍ଚିତ ରୂପେ ପ୍ରଦାନ କରିବା ଉଚିତ୍ । ଏହା ଶୁଣି ହକିମ୍ ସାହେବ କହିଲେ, ମୋ ସ୍ତ୍ରୀ ମାନେ ମତେ ଏହା କ୍ଷମା କରିଦେଇଛନ୍ତି । ହଜୁର୍ ତାଙ୍କୁ ପଚାରିଲେ କଣ ତୁମେ ତାଙ୍କ ହାତରେ ଧାର୍ଯ୍ୟ ରାଶୀ କୁ ରଖି (ମେହର) କ୍ଷମା କରାଇଥିଲେ ? ସେ ଉତର ଦେଲେ ନା ହଜୁର ଏମିତି କହି ଦେଇଥିଲେ ଯେ ଆମେ ମେହର୍ କ୍ଷମା ଦେଲୁଁ ବୋଲି । ହଜୁର୍ ତାଙ୍କୁ ପରାମର୍ଶ ଦେଲେ କି ପ୍ରଥମେ ତାଙ୍କ ହାତରେ ଧାର୍ଯ୍ୟ ରାଶୀ ରଖ ତା ପରେ କ୍ଷମା କରାଅ । (ଏହା ସର୍ବ ନିମ୍ନ ସ୍ତର ଅଟେ । ପ୍ରକୃତରେ ଧାର୍ଯ୍ୟ ରାଶୀ ସେମାନଙ୍କ ନିକଟରେ ଅତି କମରେ ଏକ ବର୍ଷ ରହିବା ଉଚିତ୍ ଯଦି ତାପରେ ସେମାନେ ଫେରସ୍ତ କରିଦିଅନ୍ତି ତେବେ ଠିକ ଅଛି ) ତାଙ୍କ ଦୁଇ ସ୍ତ୍ରୀ ଙ୍କର ମେହେର ୫୦୦ଟଙ୍କା ଲେଖାଏଁ ଥିଲା । ହକିମ୍ ସାହେବ କେଉଁଠାରୁ ୫୦୦୦ ଟଙ୍କା କରଜ କରି ଉଭୟଙ୍କୁ ୫୦୦ ଟଙ୍କା ଲେଖାଏ ପ୍ରଦାନ କଲେ । ଏବଂ କହିଲେ ତୁମର ମନେ ଅଛିଯେ ତୁମେ ମେହର କ୍ଷମା କରିଥିଲ । ତେଣୁ ବର୍ତମାନ ତାହା ମୋତେ ଫେରସ୍ତ କରିଦିଅ । ସେମାନେ କହିଲେ, ସେତେବେଳେ ଆମକୁ କଣ ଜଣାଇଥିଲା କି ଆପଣ ଆମ ମେହର ଏପରି ଆମ ହାତରେ ଦେବେ ବୋଲି ତେଣୁ ଆମେ କହି ଦେଇଥିଲୁଁ କି ଆମେ ଆମ ମେହର ତୁମକୁ କ୍ଷମା କଲୁଁ । ( ବର୍ତମାନ ହାତରେ ମେହର) ପାଇ କଦାପି ଫେରସ୍ତ କରିବୁ ନାହିଁ । ହକିମ୍ ସାହେବ୍ ହଜରତ୍ ମସିହ ମଉଦ୍ ଆ:ସ ଙ୍କ ପାଖକୁ ଆସି ଉପରୋକ୍ତ ଘଟଣା ବର୍ଣ୍ଣନା କରି କହିଲେ କି ମୁଁ ଟଙ୍କା ଫେରସ୍ତ ପାଇବା ଆଶାରେ ଏହା କରଜ ନେଇ ସେମାନଙ୍କୁ ଦେଲି ହେଲେ ସେମାନେ ଆଉ ନ ଫେରାନ୍ତି । ହଜୁର୍ ଏହା ଶୁଣି ବହୁତ ଖୁସି ହେଲେ ଓ କହିଲେ ସେମାନଙ୍କର କୌଣସି ଭୂଲ ନାହିଁ ପ୍ରଥମେ ପତ୍ନୀଙ୍କୁ ସେମାନଙ୍କର ମେହର ପରିଶୋଧ କରିବା ଉଚିତ ଏବଂ କିଛି ଦିନ ପରେ ଯଦି (ସେମାନେ ଫେରସ୍ତ କରି) କ୍ଷମା ଦିଅନ୍ତି ତେବେ ଠିକ୍ ଅଛି । ନଚେତ ପରିଶ୍ରମ ଓ କଷ୍ଟନକରି ଦୟା କରିବାର ଭାବ ପ୍ରକାଶ କରିବା କଥା ହେବ । ସ୍ତ୍ରୀମାନେ ଭାବନ୍ତି ଯେ ନା ମୋ ସ୍ଵାମୀ ମେହର ହେଇଛନ୍ତି ନା ଭବିଷ୍ୟତରେ କେବେ ଦେବେ ତେଣୁ କ୍ଷମା କରିଦେବା ହିଁ ଭଲ ହେବ । ମାଗଣାରେ ଦୟା କରିବା ଅଟେ ନା ଆଉ କଣ । ଯଦି ସ୍ତ୍ରୀ ତାର ମେହର ପ୍ରାପ୍ତ ପରେ ସେ ନିଜ ଖୁସିରେ ଫେରସ୍ତ କରିଦିଏ ତେବେ ଠିକ୍ ନଚେତ୍ ଦଶଲକ୍ଷ ଟଙ୍କା ମେହର ରଖି ଯଦି ତାହା ଦିଆ ନଯାଏ ତାହାଲେ ସେ ଫେରସ୍ତ କରିଦେବ କାରଣ ସେ ଜାଣେ ଯେ ମୁଁ ହାତରୁ ତ ଦେଉନାହିଁ କେବଳ ମୁହଁରୁ କହିବା କଥା ଏଥିରେ ଅସୁବିଧା କଣ ? ତେଣୁ ମେହର କ୍ଷମା କରାଇବା ପୂର୍ବରୁ ଧାର୍ଯ୍ୟ ରାଶୀ ସେମାନଙ୍କ ହାତରେ ଦେବା ଉଚିତ୍ । ଯଦି ଉକ୍ତ ରାଶୀ ସେମାନଙ୍କୁ ଏପରି ପରିସ୍ଥିତିରେ ଦିଆଯାଏ, ଯେତେବେଳେ ସେମାନଙ୍କୁ କେଉଁ ବାଟରେ ଖର୍ଚ୍ଚ କରିବାର ଧାରଣା ନଥାଏ କିମ୍ବା ପିତାମାତା ସେମାନଙ୍କ ଠାରୁ ହାସଲ କରିନେବାର ସନ୍ଦେହ ଥାଏ (ଯେମିତି କି ଲୋକ ନିଜ କନ୍ୟାଙ୍କ ମେହେର ହାସଲ କରୁଥିବାର ଉପରେ ଚର୍ଚ୍ଚା ହେଲା ) ତାହେଲେ ଏପରି ଅବସ୍ଥାରେ ମେହର ଦେବା ଅନୁଚିତ୍ । ଏବଂ ଏହା ନିଜ କନ୍ୟାକୁ ବିକ୍ରି କରିବା ଅଟେ ଯାହାକି କୌଣସି ମତେ ସ୍ଵୀକାର ଯୋଗ୍ୟ ନୁହେଁ । (ଖୁତ୍‌ବାତେ ମହମୁଦ୍ ଭାଗ- ୯ ପୃ -୨୧୭ ) ସେହିପରି ଜକାତ ଦେବାର ଆଦେଶ ରହିଛି । ଯାହାକି ପ୍ରତ୍ୟେକ ମୁସଲମାନ ଯେ ଏହାର ସର୍ତ ପୂରଣ କରୁଥିବ,(ଜକାତ) ଦେବା ବାଧ୍ୟତାମୂଳକ ଅଟେ । କିନ୍ତୁ ଏପରି ମଧ ବୟଜେଷ୍ଠ ଲୋକ (ସିଦ୍ଧପୁରୁଷ) ଥାନ୍ତି ଯେ ନିଜର ସମ୍ପୂର୍ଣ ଆମଦାନି ଅଲ୍ଲାଃଙ୍କ ମାର୍ଗରେ ପ୍ରଦାନ କରିଦେଇଥାନ୍ତି । ଏହିପରି ଜଣେ ବ୍ୟକ୍ତିଙ୍କ ଚର୍ଚ୍ଚା କରି ହଜରତ ମୁସଲେହ ମଉଦ ର.ଆ କୁହନ୍ତି କି ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅଲ୍ଲାଃ ଏପରି ଲୋକଙ୍କୁ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିବା ନିମନ୍ତେ ଜନ୍ମ ଦେଇଥାନ୍ତି । ଆପଣ କୁହନ୍ତି ମୁଁ ହଜରତ ମସିହ ମଉଦ ଆ.ସ ଙ୍କ ଠାରୁ ଶୁଣିଛି କି ଜଣେ ଲୋକ ଏକ ସିଦ୍ଧପୁରୁଷଙ୍କୁ ପଚାରିଲେ କି କେତେ ଟଙ୍କାରେ ଜକାତ ଦେବାର ଆଦେଶ ରହିଛି । ସେ ଉତର ଦେଲେ ତୁମ ପାଇଁ ଚାଳିଷ ଟଙ୍କାରେ ଏକ ଟଙ୍କା ଜକାତ ଦେବା ଧାର୍ଯ୍ୟ କରାଯାଇଛି । ବ୍ୟକ୍ତି ଜଣକ ପୁଣି ପ୍ରଶ୍ନ କଲେ "ମୋ ପାଇଁ" କହିବାରେ ତାତ୍ପର୍ଯ୍ୟ କଣ । କଣ ଏହା ସମସ୍ତଙ୍କ ପାଇଁ ଭିନ୍ନ ଭିନ୍ନ ଅଟେ । ସେ କହିଲେ ହଁ ତୁମ ପାଇଁ ଏତିକି ଧାର୍ଯ୍ୟ କରାଯାଇଛି କିନ୍ତୁ ଯଦି ମୋ ନିକଟରେ ୪୦ ଟଙ୍କା ଥାଏ । ତେବେ ତାହାର ଜକାତ ମୋତେ ୪୧ଟଙ୍କା ଦେବାକୁ ହେବ । କାରଣ ତୁମ ପାଇଁ ଅଲ୍ଲାଃଙ୍କର ନିର୍ଦ୍ଦେଶ ରହିଛି କି ତୁମେ ଆମଦାନି କର ଓ ଖାଅପିଅ କିନ୍ତୁ ମୋ ଆବଶ୍ୟକତା ସେ ନିଜେ ପୂରଣ କରିଥାନ୍ତି । ତେଣୁ ଯଦି ମୂର୍ଖାମୀ ଯୋଗୁଁ ମୁଁ ୪୦ଟଙ୍କା ସଂଚୟ କରିନିଏ ତେବେ ମୋତେ ୪୦ଟଙ୍କା ଦେବା ସହ,ଏକ ଟଙ୍କା ଜୋରିମନା ଦେବାକୁ ପଡିବ । ତେବେ ଏହା ସାଧୁ ସନ୍ଥମାନଙ୍କ ସ୍ତର ଅଟେ କିନ୍ତୁ ଅନ୍ୟମାନେ ନିଜ ସାଂସାରିକ କାର୍ଯ୍ୟ,କାମନା ପୂରଣ କରିବାରେ ଅର୍ଥ ଓ ସମୟ ଖର୍ଚ୍ଚ କରିବା ସହ ଅଲ୍ଲାଃଙ୍କ ଉପାସନା କରିବା ଏବଂ ଅନ୍ୟମାନଙ୍କ ଆବଶ୍ୟକତା ପୂରଣ କରିବା ପ୍ରତି ମଧ ଧ୍ୟାନ ଦେବା ଉଚିତ୍ , ଯାହାକି ଅଲ୍ଲାଙ୍କ ପ୍ରଦତ (ଧନ,ସମ୍ପତି,ସମ୍ମାନ) ପାଇଁ କୃତଜ୍ଞ ସ୍ଵରୂପ ହେବ । କେତେକ ଲୋକଙ୍କ ଚିନ୍ତାଧାରା ବ୍ୟବସାୟ ମୂଳକ ହୋଇଥାଏ ତ କେତେକ ଅନ୍ୟର ନକଲ କରିବାରେ । ତେବେ କେତେକ ସମୟରେ ସେମାନେ ଏପରି କିଛି କାର୍ଯ୍ୟ କରିବସନ୍ତି ଯାହାକି ଜମାଅତର ରୀତି ବିପରିତ କିମ୍ବା ଇସଲାମୀୟ ଶିକ୍ଷା ବିରୁଦ୍ଧ ହୋଇଥାଏ । ଏପରି ଲୋକ ଜମାଅତର କର୍ମକର୍ତାମାନଙ୍କ ମଧ୍ୟରେ ମଧ ଦେଖିବାକୁ ମିଳିଥାନ୍ତି । ଥରେ କାଦିଆନର ଆଂଚଳିକ ସଙ୍ଗଠନ ଏକ ଫର୍ମ ପ୍ରକାଶିତ କଲା ଏବଂ ଲୋକଙ୍କୁ ଏକ ଅଣାରେ ଗୋଟିଏ ଫର୍ମ ବିକ୍ରି କଲା । ଚାରି ପଇସାରେ ଏକ ଅଣାରେ ଗୋଟିଏ ଫରମ ବିକ୍ରି କଲା । ଚାରି ପଇସାରେ ଏକ ଅଣା ହୋଇଥାଏ ଆଜି ମଧ କିଛି ଲୋକେ ଏପରି କରିବାକୁ ଚେଷ୍ଟା କରିଥାନ୍ତି ଏବଂ ନିଜ ରୀତି ନୀତି ଭୁଲି ଯାଆନ୍ତି । ସେ ଯାହାହେଉ ସେତେବେଳେ ହଜରତ୍ ମୁସ୍‌ଲେହ୍ ମଉଦ ର:ଆ ସେମାନଙ୍କୁ ଏପରି କାର୍ଯ୍ୟରୁ ନିବୃତ ରହିବା ନିମନ୍ତେ ଯମେିତି ବୁଝାଇଲେ ତାହା ଆପଣଙ୍କ ସମ୍ମୁଖରେ ଉପସ୍ଥାପନ କରୁଅଛି ।

ଆପଣ କୁହନ୍ତି ଜମାଅତ୍‌ର ସଦସ୍ୟମାନଙ୍କୁ ମୁଁ ଉପଦେଶ ମୂଳକ କହିବାକୁ ଚାହେଁ କି ନିଜ ଜୀବନର ସବୁ କାର୍ଯ୍ୟରେ ଧାର୍ମୀକ ନିୟମ ପାଳନ କର । ହଜରତ୍ ମହମ୍ମଦ ସ:ଅ ଓ ହଜରତ୍ ମସିହ୍ ମଉଦ ଆ:ସଙ୍କ ର ଅନୁଶରଣ କର । କିଛି ଦିନ ପୂର୍ବେ ମୋତେ ଏକ କାଗଜ ଦେଖାଗଲା ଯେଉଁ ଥିରେ କିଛି ନକ୍ସା, ଯେମିତି ଫର୍ମରେ ରହିଥାଏ । ପଚାରିବାରୁ ଜଣାଗଲା ତାର ମୂଲ୍ୟ ଏକ ଅଣା ଏବଂ ତାହାକୁ ଆମ ଆଂଚଳିକ ସଙ୍ଗଠନ ପ୍ରସ୍ତୁତ କରି କିଛି ଅର୍ଥ ଆମଦାନୀ କରିନେବ । କଥାରେ ଅଛି କୁଆ ହଂସର ଚାଲି ଚାଲି ବାକୁ ଯାଇ ନିଜର ଚାଲି ଭୁଲିଗଲା । ସେହିପରି ଆମକୁ ଦେଶୀୟ ସରକାରଙ୍କ ସହ ସମ୍ପର୍କ ବା କଣ ଏବଂ ତାଙ୍କର ନକଲ କରିବାର ଆବଶ୍ୟକତା କଣ । ହଜରତ୍ ମହମ୍ମଦ ସ:ଆ:ସ କିମ୍ବା ହଜରତ୍ ମସିହ୍ ମଉଦଆ:ସ ଏପରି ଫର୍ମ କଦାପି ପ୍ରକାଶିତ କରି ନାହାନ୍ତି । ଏପରି ବ୍ୟବହାର କରି ଶତ୍ରୁଙ୍କୁ ଅଯଥା ଆପତ୍ତି କରିବାର ଅବସର ପ୍ରଦାନ କରିବା ନୁହେଁ ତ ଆଉ କଣ । ଏବଂ ସେମାନଙ୍କୁ କହିବାର ସୁଯୋଗ ମିଳିଯାଇ ଥାଏ କି ଏମାନେ ଏପରି କଣ କରୁଛନ୍ତି, ଦେଖ ଏପରି ହରକତ୍‌କାରୀ କିଏ ଏବଂ ବଦନାମ ହେଉଛି କିଏ ଅର୍ଥାତ ଜମାତ ଆଂଚଳିକ କମିଟିର ଉଦାହରଣ ଏହିପରି ଅଟେ । ଆପଣ ଉଦାହରଣ ଦେଇ କୁହନ୍ତି, ଗୁରଦାସପୁରରେ ଜଣେ ବୃଦ୍ଧ ବ୍ୟକ୍ତି ଥିଲେ, ଉଚା ମଣିଷ ସେଥିରେ ଲମ୍ବା ଦାଢି କାମ କଣ ନା ଆବେଦନ କିମ୍ବା ନକଲ କରିବା (ପତ୍ର) ଇତ୍ୟାଦିର, ଦୁରରୁ କୌଣସି ବନ୍ଧୁଙ୍କୁ ଦେଖିଲେ ସଲାମ କରିବା ପରିବର୍ତେ ଅଲ୍ଲାହୁ ଅକବର୍ କରିବା ଆରମ୍ଭ କରିଦେଇଥାନ୍ତି । ପାଖରେ ପହଂଚିଲେ ଆଙ୍ଗୁଳି ଧରି ଅଲ୍ଲାଃହୁ ଅକ୍‌ବର୍ କହି ଡେଇଁବା ଆରମ୍ଭ କରିଦେଇଥାନ୍ତି । ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ସାକ୍ଷାତ କରିବା ପାଇଁ ମଧ ଅଧିକାଂଶ ସମୟ ଆସି ପହଂଚି ଯାଇଥାନ୍ତି । ତାଙ୍କୁ ମଧ ଆମ ଆଂଚଳିକ କମିଟିର ଅଧକ୍ଷଙ୍କ ପରି ନକଲ କରିବାର ଆଗ୍ରହ ଥିଲା । (ଏପରି ନକଲ କରି କେତେ ଲୋକ ଅନୁଚିତ୍ କାର୍ଯ୍ୟ ମଧ କରିଯାଇଥାନ୍ତି) ସର୍ବଦା ନ୍ୟାୟାଳୟରେ ସମସ୍ୟା ନେଇ ପହଂଚାନ୍ତି ସେ ଚିନ୍ତା କରନ୍ତି କି ମୁଁ କେବେ ନ୍ୟାୟାଧିଶ ହୋଇଯାନ୍ତି କି ଯଦ୍ଵାରା ସମସ୍ୟା ମୋ ନିକଟକୁ ଆଣିବାର ଆଦେଶ ଦିଅନ୍ତି । ଯେହେତୁ ଏହି ସ୍ଵପ୍ନ ସାକାର ହେବା ସମ୍ଭବ ନଥିଲା ତେଣୁ ସେ ନିଜ ଘରେ ଲୁଣ, ଲଙ୍କା, ଘିଅ ଆଦିର ନଥିପତ୍ର ତିଆରି କରିନେଲେ, ମହ କୁମାରୁ ଫେରିବା ପରେ ଘରେ ଏକ ମାଠିଆ ଓଲଟାଇ ତା ଉପରେ ବସିଯାନ୍ତି ଏବଂ ସ୍ତ୍ରୀଙ୍କୁ କୁହନ୍ତି କି ପାକ୍ ! ଅମକ ନଥିପତ୍ର ଅଣାଯାଉ ସ୍ତ୍ରୀ ଆଣିଦେଲେ ତାକୁ ପଢିବା ପରେ କିଛି ସମୟ ଚିନ୍ତା କରି କହନ୍ତି – ଆମ ଆଦେଶାନୁ କ୍ରମେ ଏଥିରେ ଏତିକି ଲୁଣ ଦେବା ଦରଜ କରାଯାଉ । ତାର ଦୁର୍ଭାଗ୍ୟ ଥରେ କଚେରୀରୁ କିଛି ନଥିପତ୍ର ଚୋରି ହୋଇଗଲା ତଦନ୍ତ ଆରମ୍ଭ ହେଲା ତାଙ୍କର ଜଣେ ପଡୋଶୀ ପୋଲିସ୍‌କୁ କହିଲେ ଯଦି ମୋତେ ପୁରସ୍କୃତ କରାଯାଏ ତେବେ ମୁଁ ଚୋରି ନଥିପତ୍ରର ସନ୍ଧାନ ଦେବି । ତାଙ୍କୁ କୁହାଗଲା ଠିକ୍ ଅଛି କୁହ । ଯେହେତୁ ସେ ପଡିଶା ଘରୁ ନଥିପତ୍ରର କଥା ଶୁଣନ୍ତି, ସେ ସଙ୍ଗେ ସଙ୍ଗେ ଉକ୍ତ ବୃଦ୍ଧଙ୍କ ନାମ କହିଦେଲେ ।ତା ପରେ ପୋଲିସ୍ ତାଙ୍କ ଘର ଘେରାଉ କରି ଖୋଜିବା ଆରମ୍ଭ କରିଦେଲା । କିନ୍ତୁ ଯେଉଁ ନଥିପତ୍ର ମିଳିଲା ତା ମଧ୍ୟରୁ କେଉଁଥିରେ ଲୁଣ ତ କେଉଁ ଥିରେ ଲଙ୍କା ବା ଘିଅର ହିସାବ ଦରଜ ଥିଲା । ହଜରତ୍ ମୁସଲେହ ମଉଦର:ଅ କୁହନ୍ତି ଏହି ଦୃଶ୍ୟ ଆଜିକାଲି ଏଠାରେ ଦେଖିବାକୁ ମିଳୁଅଛି । ଆମ ବନ୍ଧୁମାନେ ଭାବୁଛନ୍ତି କି ପାଶ୍ଚାତ୍ୟ ଦେଶର ଦ୍ରବ୍ୟ ଭଲ ତେଣୁ ତାହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । (ଖୁତ୍‌ବାତେ ମହମୁଦ୍ ଭାଗ – ୧୬ ପୃଷ୍ଠା = ୨୨୯-୨୩୦) କିନ୍ତୁ ସେମାନଙ୍କର ଏଥିପ୍ରତି ଧାନ ନଥାଏ କି ତାହାର ଆବଶ୍ୟକତା ଅଛି ବା ନାହିଁ । ତେଣୁ ଏଠାରେ କୌଣସି ଫର୍ମ ବା ତା ମୂଲ୍ୟର ପ୍ରଶ୍ନ ହିଁ ନାହିଁ । ତେଣୁ ଏପରି ବ୍ୟକ୍ତିମାନଙ୍କୁ ଏମିତି କୌଣସି ନିଷ୍ପତି ଦେବାରୁ ନିଜକୁ ନିବୃତ ରଖିବାକୁ ଚେଷ୍ଟାକରିବା ଉଚିତ୍ । ଯଦି ନକଲ କରିବାର ଅଛି ତେବେ ଅଲ୍ଲାଃଙ୍କ ନିର୍ଦ୍ଦେଶ ମୁତାବକ ଆମକୁ ହଜରତ ମହମ୍ମଦ ସ.ଆ ଙ୍କ ସୁନ୍ଦର ଚରିତ୍ରର ନକଲ କରିବା ଉଚିତ୍ ଏବଂ ଏହି ଯୁଗରେ ଅଲ୍ଲାଃ ଆମମାନଙ୍କ ସମ୍ମୁଖରେ ହଜରତ ମସିହ ମଉଦ ଆ.ସ ଙ୍କର ଯେଉଁ ଉଦାହରଣ ରଖିଛନ୍ତି । ତାହା ଆପଣ ନିଜ ଆକା (ମାଲିକ୍) ହଜରତ ମହମ୍ମଦ ସ.ଆ ଙ୍କଠାରୁ ଶିଖି ଆମକୁ ଶିଖାଇଲେ । ତେଣୁ ବର୍ତମାନ ଆମକୁ ତାହାର ହିଁ ଅନୁକରଣ କରିବା ଉଚିତ୍

ହଜରତ ମୁସଲେହ ମଉଦ ର.ଆ ନିଜର ଏକ ଘଟଣା ଚର୍ଚ୍ଚା କରି କୁହନ୍ତି ମୋର ମନେଅଛି ତାହା ହଜରତ ମସିହ ମଉଦ ଆ.ସ ଙ୍କ ଜୀବନର ଅନ୍ତିମ ବର୍ଷ କିମ୍ବା ପ୍ରଥମ ଖଲିଫାଙ୍କ ସମୟର ରମଜାନ ମାସ ଥିଲା । ପ୍ରଚଣ୍ଡ ଗ୍ରୀଷ୍ମ ତାପ ଯୋଗୁଁ କିମ୍ବା ସହରୀ(ପ୍ରାତଃ ଭୋଜନ)ରେ ପାଣି ନପିଇବା ଯୋଗୁଁ ମୋତେ ପ୍ରବଳ ତୃଷ୍ଣା ଅନୁଭବ ହେଲା ଏବଂ ଏପରି ମନେହେଲା ଯେମିତି ମୁଁ ଚେତା ହରାଇ ଦେବି । ରୋଜା ଖୋଲିବାକୁ ଆହୁରି ଘଣ୍ଟାଏ ସମୟ ଥାଏ । ମୁଁ ଶକ୍ତି ଶୂନ୍ୟ ହୋଇ ଏକ ଖଟରେ ପଡିଗଲି ଏବଂ ଦିବ୍ୟ ସ୍ଵପ୍ନରେ କଣ ଦେଖେ କି କେହିଜଣେ ମୋ ପାଟିରେ ଜଳ କିମ୍ବା ପାନ ଆଣି ରଖିଦେଲେ ଓ ମୁଁ ତାହାକୁ ଶୋଷିବାକୁ ଲାଗିଲି ଯଦ୍ଵାରା ମୋର ତୃଷ୍ଣା ମେଣିଗଲା । ଏପରି ଅଲ୍ଲାଃ ମୋର ତୃଷ୍ଣା ଦୂର କଲେ । ତେବେ ଆବଶ୍ୟକତା ପୂରଣ ନିମନ୍ତେ ଆମେ ଦରକାରୀ ଜିନିଷର କାମନା କରିଥାଉ କି ତାହା ଆମକୁ ମିଳିଯାଉ କିମ୍ବା ତାହାର କାମନା ହିଁ ହୃଦୟରୁ ଦୂରୀଭୂତ ହେଉ । ହଜରତ୍ ମସିହ୍ ମଉଦଆ:ସ ଙ୍କ ନିକଟକୁ ଜଣେ ବ୍ୟକ୍ତି ପତ୍ର ଲେଖିଲେ ଦୁଆ କରନ୍ତୁ କି ଅମୁକ ମହିଳା ସହ ମୋର ବିବାହ ହୋଇଯାଉ । ଆପଣ ଉତ୍ତରରେ ଲେଖିଲେ କି ମୁଁ ଦୁଆ କରିବି କିନ୍ତୁ ବିବାହ ହେବା ସର୍ତ ନୁହେଁ । ବିବାହ ହେଉ କିମ୍ବା ତାଙ୍କ ପ୍ରତି ଘୃଣା ଭାବନା ଜାତ ହେଉ । ଆପଣ ଦୁଆ କରିବାର କିଛି ଦିନ ପରେ ଉକ୍ତ ବ୍ୟକ୍ତି ଜଣଙ୍କ ପତ୍ର ଲେଖିଲେ ମୋ ମନରେ ଉକ୍ତ ମହିଳା ପ୍ରତି ଘୃଣା ଆସିଯାଇଛି । ହଜରତ ମୁସଲେହ ମଉଦ୍ ର:ଆ କୁହନ୍ତି ଏହିପରି ମତେ ଜଣେ ବ୍ୟକ୍ତି ଲେଖିଲେ ମୁଁ ମଧ୍ୟୟ ହଜୁରଙ୍କ କହିବା ମୁତାବକ ତାଙ୍କୁ ଉତର ଲେଖିଦେଲି । ପରବର୍ତୀ ସମୟରେ ସେ ମୋତେ କହିଲେ କି ମୋ ମନରୁ ତାଙ୍କୁ ପାଇବାର ଭାବନା ଉଭେଇଗଲା । ତେଣୁ ଅଲ୍ଲାଃ ଉଭୟ ଅବସ୍ଥାରେ ସାହାଯ୍ୟ କରିଥାନ୍ତି ।

(ଖୁତ୍‌ବାତେ ମହମୁଦ୍ ଭାଗ – ୧୭ ପୃଷ୍ଠା- ୩୪୨- ୩୪୩)

ପ୍ରକୃତ କଥା ଏହା ଅଟେ ଯେ ଯଦି କେଉଁ ଜିନିଷ ପ୍ରତି ଆସକ୍ତି ମନଭାବ ଉତ୍ପନ୍ନ ହୁଏ ତେବେ

ତା ପାଇଁ ଦୁଆ (ପ୍ରାର୍ଥନା) କରିବା କି ତାହା ହୋଇଯାଉ ବା ତାହାକୁ ପାଇବାର ଆଶା ହିଁ ହୃଦୟରୁ ମଳିନ ପଡିଯାଉ । ତେଣୁ ଅଲ୍ଲାଃଙ୍କ ନିକଟରେ ସର୍ବଦା ଏଭଳି ପ୍ରାର୍ଥନା କରିବା ଉଚିତ୍ ଏବଂ ଅଲ୍ଲାଃଙ୍କ ପ୍ରଶନ୍ନତା ଓ ନିଷ୍ପତିକୁ ଗୁରୁତ୍ୱ ଦେଇ ପ୍ରାର୍ଥନା କରିବା ଉଚିତ୍ । ମୋତେ ଅନେକ ଲୋକ ଚିଠି ଲେଖିଥାନ୍ତି କି ଅମକ ସ୍ଥାନରେ ଆମର ବିବାହ ହେବା ନିମନ୍ତେ ଦୁଆ କରିବେ ଏବଂ ତାଙ୍କ ପିତାମାତା ଓ ଜମାଅତର ଲୋକଙ୍କୁ ମଧ୍ୟ ଆମ ପାଇଁ ନିବେଦନ କରିବେ । ନଚେତ୍ ମୁଁ ବଂଚିବି ନାହିଁ ଓ ସେ ମଧ୍ୟ ଜୀବନ ହାରି ଦେବ । ଏସବୁ ଅଯୌକ୍ତିକ ଓ ନିରର୍ଥକ କଥା ଅଟେ । ଦେଖ ବିବାହ ବନ୍ଧନର ଉଦ୍ଦେଶ୍ୟ ଆତ୍ମ ସନ୍ତୋଷ ଏବଂ ସନ୍ତାନ ପ୍ରାପ୍ତି ଅଟେ । ତେଣୁ ଅଲ୍ଲାଃଙ୍କ ଠାରୁ କୃପା ଭିକ୍ଷା କରିବା ଉଚିତ୍ ଯେ ଯଦି ଅଲ୍ଲାଃଙ୍କ ଦୃଷ୍ଟିରେ ତାହା ଆମ ପାଇଁ ଫଳପ୍ରଦ ସାବ୍ୟସ୍ତ ହେବ ତେବେ ଉକ୍ତ ସମ୍ପର୍କ ଯୋଡିଜାଉ । ନଚେତ୍ ତାହାର ଭାବନା ହିଁ ହୃଦୟରୁ ଦୂରେଇ ଯାଉ । ଦେଖ ଏସବୁ ସାଂସାରିକ ପ୍ରେମ,ଭଲପାଇବା କ୍ଷଣସ୍ଥାଇ ଅଟେ । ସଂସାର ପ୍ରେମ ମଧ୍ୟ ଅଲ୍ଲାଃଙ୍କୁ ଭଲପାଇବା ନିମନ୍ତେ ଭିକ୍ଷା କରିବା ଉଚିତ୍ । ଏପରି ସ୍ଥଳେ ସଂସାର ପ୍ରେମ ପୂରଣ ହେବା ସହ ତାହା ମନୁଷ୍ୟକୁ ପ୍ରକୃତ ଆତ୍ମ ସନ୍ତୋଷ ଓ ଆତ୍ମ ତୃପ୍ତି ପ୍ରଦାନ କରିଥାଏ । ସଂସାରର କୌଣସି ଜିନିଷ ମନୁଷ୍ୟ ପାଇଁ କ୍ଷତିକାରକ ନୁହେଁ । ଏହାର ଯଥାର୍ଥ ବୁଝାଇ ହଜରତ ମୁସଲେହ ମଉଦ ର.ଆ କୁହନ୍ତି କଚଲା ଏକ ପ୍ରକାର ବିଷାକ୍ତ (ଫଳ) ଅଟେ । ଏହାର ସେବନ କରିବା ଫଳରେ ଅନେକ ଲୋକ ମୃତ୍ୟୁବରଣ କରିଥାନ୍ତି କିନ୍ତୁ ଏହାର ଉପଚାରରେ ଲକ୍ଷ ଲକ୍ଷ ଲୋକ ସୁସ୍ଥ ମଧ୍ୟ ହୋଇଥାନ୍ତି । ଏହିପରି ଏକ କ୍ଷତିକାରକ ଜିନିଷ ଅଫିମ ଅଟେ । କିନ୍ତୁ ଏହାର ଅପକାରିତା ଅପେକ୍ଷା ଉପକାରିତା ବେଶ ଅଧିକା । ହଜରତ ମସିହ ମଉଦ ଆ.ସ କୁହନ୍ତି ଡାକ୍ତରମାନଙ୍କ କହିବା ଅନୁସାରେ ଡାକ୍ତରୀ ଔଷଧର ଅଧାରୁ ଅଧିକ ପ୍ରସ୍ତୁତିରେ ଅଫିମ ବ୍ୟବହାର ହୋଇଥାଏ । ଏହାର ଉପକାରିତା ଏତେ ଅଧିକ ଯାହାର କଳନା କରିବା କଷ୍ଟକର । ସୁତରାଂ ସଂସାରରେ ଏପରି କୌଣସି ଜିନିଷ ନାହିଁ ଯାହାକି ମଣିଷ ପାଇଁ କ୍ଷତିକାରକ ଅଟେ । କେବଳ ସେଗୁଡିକର ଅପବ୍ୟବହାର ମଣିଷ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ଏଥିପାଇଁ ହଜରତ୍ ଇବ୍ରାହିମ୍[ଆ:ସ] ରୋଗ ବ୍ୟାଧିକୁ ନିଜ ନିମନ୍ତେ ଓ ସ୍ୱାସ୍ଥ୍ୟ ହାସଲ ହେବାକୁ ଅଲ୍ଲାଃ ପ୍ରଦତ୍ତବୋଲି କହିଛନ୍ତି । କିନ୍ତୁ ଆମ ଦେଶର ମୁସଲମାନ ମାନେ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ରଖିବା ସତ୍ୱେ ଯଦି କୌଣସି କାମରେ ଅକୃତ କାର୍ଯ୍ୟ ହୁଅନ୍ତି ତେବେ କହି ଦିଅନ୍ତି କି ମୁଁ ତ ପ୍ରାଣପଣେ ଚେଷ୍ଟା କରିଥିଲି କିନ୍ତୁ ଅଲ୍ଲାଃତାଲା ମତେ ଅକୃତ କାର୍ଯ୍ୟ କଲେ । ଅର୍ଥତ ନିଜର ପ୍ରଶଂସା କରି ଅଲ୍ଲାଃଙ୍କ ନିନ୍ଦା କରିଥାଏ ।(ତଫସିର୍ କବିର୍ ଭାଗ - ୭ ପୃଷ୍ଠା - ୧୬୯-୧୭୦)

ସୁତରାଂ ସର୍ବଦା ମନେରଖିବା ଉଚିତ୍ ଯେ,ଜଣେ ସଚୋଟ ମୋମିନ୍ ଯେତେବେଳେ କୌଣସି କାର୍ଯ୍ୟର ଉତମ ପରିଣାମ ଦେଖେ **ଅଲହମଦୋଲିଲ୍ଲାଃ** କହେ କି ଅଲ୍ଲାଃ ହିଁ ମୋତେ କୃତକାର୍ଯ୍ୟ କଲେ ଏବଂ ଯେତେବେଳେ ଖରାପ ପରିଣତି ଦେଖେ ସେତେବେଳେ **ଇନ୍ନାଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍** ପଢେ କି ମୋ ନିଜ ଦୋଷତ୍ରୁଟି ଯୋଗୁଁ ମୁଁ ଅସଫଳ ହେଲି । ତେବେ ଅଲ୍ଲାଃଙ୍କ ବିଭୂତି ସେହି ବ୍ୟକ୍ତି ପ୍ରାପ୍ତ କରିଥାଏ ଯେ ଦୋଷତ୍ରୁଟିକୁ ନିଜ ଆଡକୁ ଓ କୃତକାର୍ଯ୍ୟ ଅଲ୍ଲାଃଙ୍କ ପ୍ରଦତ ମନେକରି **ଅଲହମଦୋଲିଲ୍ଲାଃ** ପାଠ କରିଥାଏ । ଏତ୍ତ ଦ୍ୱାରା ସେ ଅଲ୍ଲାଃଙ୍କ ଦୟା ଓ ଆହୁରି ଅଧିକ ଉନ୍ନତି ପ୍ରାପ୍ତ କରିବାର ଅଧିକାରୀ ହୋଇଥାଏ । କେତେକ ସମୟରେ ଛୋଟଛୋଟ କଥା ବଡ ଧରଣର ସଫଳତା ଆଣିଦେଇଥାଏ । ଏଥିସମ୍ବନ୍ଧରେ ହଜରତ ମୁସଲେହ ମଉଦ ର.ଆ ନିଜର ଏକ ଖୁତବାରେ କୁହନ୍ତି ହଜରତ ମସିହ ମଉଦ ଆ.ସ ଙ୍କଠାରୁ ଏକ ମହିଳାଙ୍କ କଥା ଶୁଣିଛି । ତାଙ୍କର ଏକ ମାତ୍ର ପୁତ୍ର ଥିଲା । ଏକଦା ସେ ଯୁଦ୍ଧକ୍ଷେତ୍ରକୁ ବାହାରିଲା ଏବଂ ନିଜ ମାତାଙ୍କୁ କହିଲା ମୋତେ ଏପରି କିଛି ଜିନିଷ କୁହନ୍ତୁ ଯଦି ମୁଁ ଯୁଦ୍ଧରୁ ଫେରେ ଆପଣଙ୍କ ପାଇଁ ଉପହାର ସ୍ୱରୂପ ନେଇଆସିବି । ସେ କହିଲେ ଯଦି ତୁ କିଛି ଆଣିବାକୁ ଚାହୁଁଛୁ ତେବେ ମୋ ପାଇଁ ଜଳି ଯାଇଥିବା ରୋଟି ଟୁକୁଡା ଯେତେ ସମ୍ଭବ ନେଇଆସିବୁ । ସେଥିରେ ମୁଁ ଖୁସି ହେବ ସେ ତାହାକୁ ଏକ ସାଧାରଣ କଥା ମନେ କରିକହିଲେ ଆଉ କିଛି କହିବା ପାଇଁ କିନ୍ତୁ ମା କହିଲେ କି ବସ୍ ତାହା ହିଁ ମୋତେ ଖୁସି କରାଯଇପାରିବ ସେ ଯାହା ହେଉ ଏପରି ସେ ଯୁଦ୍ଧକୁ ଚାଲିଗଲା ଏବଂ ଯେଉଁଠାରେ ରୋଟି ତିଆରି ହୁଏ ରୋଟି ଜଳାଇ ଦିଏ ଯଦ୍ୱାରା ଅଧିକ ରୋଟି ଜମା କରିପାରିବ ଓ ରୋଟିର କିଛି ଅଂଶ ଖାଇ ଅବଶିଷ୍ଟକୁ ଏକାଠି କରି ରଖେ । କିଛି ଦିନ ପରେ ସେ ଘରକୁ ଫେରିଲା ଓ ସାଥିରେ ଜଳନ୍ତା ରୋଟି ଟୁକୁଡାର ଗୁଡାଏ ବସ୍ତା ଆଣି ମାଁ ସମ୍ମୁଖରେ ରଖିଦେଲା । ଏହା ଦେଖି ମାଁ ବହୁତ ଖୁସି ହୋଇ କହିଲେ ସେ କହିଲେ ମା' ଆପଣଙ୍କ କହିବା ମୁତାବକ ଅମଳ କଲି ହେଲେ ଆଜି ପର୍ଯ୍ୟନ୍ତ ଜଣିପାରିଲି ନାହିଁ କି ଏପରି ଆଦେଶ ଆପଣ ମତେ କାହିଁକି ଦେଲେ । ମା କହିଲେ ତୋ ଯିବା ସମୟରେ ମତେ ଏହା କହିବା ଉଚିତ ନଥିଲା କିନ୍ତୁ ବର୍ତମାନ ମୁଁ କହୁଛି ଯେ ଅନେକ ରୋଗ ମଣିଷକୁ ଦରଶିଝା ଖାଦ୍ୟ ଖାଇବା ଫଳରେ ହୋଇଥାଏ । ଏପରି କହିବାରେ ମୋର ଉଦ୍ଦେଶ୍ୟ ତୁମେ ଭଲକରି ରୋଟି ତିଆରି କରିବ ଏବଂ ଜଳି ଯାଇଥିବା ଅଂଶ ଅଲଗା କରି ବାକି ରୋଟି ଖାଇନେବ । ଏହା ଏକ ସାଧାରଣ କଥା କିନ୍ତୁ ଏପରି କରିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ଏବଂ ମହିଳା ଜଣକ ଏହାହିଁ ଚାହୁଁଥିଲେ । ଦୁଆ ସ୍ୱୀକୃତି ପ୍ରାପ୍ତ ନିମନ୍ତେ ହଜରତ ମୁସଲେହ ମଉଦ ର.ଆ କୁହନ୍ତି ଏଥିପାଇଁ ଦୁଇ ମୂଳ ସର୍ତ ମନେରଖିବା ଉଚିତ୍ । ଯେପରିକି ଅଲ୍ଲାଃ କୁହନ୍ତି-**ଫଲ୍ ୟସ୍ତଜିବୁଲି ଓଲ୍ୟୁମିନୁବି** ଅର୍ଥାତ୍ ମୋ ଆଦେଶ ପାଳନ କର ଏବଂ ମୋ ଉପରେ ଆସ୍ଥା ରଖ । ଏହା ବ୍ୟତୀତ ମଧ୍ୟ ଅନେକ କଥା ରହିଛି ଯେମିତିକି ଦରୁଦ ପାଠ କରିବା ଦାନଦକ୍ଷିଣା କରିବା । ହଜୁର ଅ.ବ କହିଲେ ମୋତେ ଅନେକ ଲୋକ ଚିଠି ଲେଖୁଛନ୍ତି କି ଆମେ ବହୁତ ଦୁଆ କଲୁ କିନ୍ତୁ ଅଲ୍ଲାଃ ଆମ ଦୁଆ ଶୁଣିଲେ ନାହିଁ । ଏହା ଅଲ୍ଲାଃଙ୍କ ଉପରେ ଅଭିଯୋଗ କରିବା ଅଟେ । ପ୍ରକୃତରେ ଏପରି ଲୋକ ଦୃବଳ ବିଶ୍ୱାସୀ ଅଟନ୍ତି । କିଛି ଦିନ ପୂର୍ବେ ଜଣେ ବ୍ୟକ୍ତି ମୋ ନିକଟକୁ ଆସି ଏହି କଥା କହିଲେ । ମୁଁ ତାଙ୍କୁ ପଚାରିଲି ଅଲ୍ଲାଃ କୁହଛନ୍ତି **ଫଲ୍ ୟସ୍ତଜିବୁଲି** ଅର୍ଥାତ ମୋ ଆଦେଶ ପାଳନ କର । କଣ ଅପଣ ଅଲ୍ଲାଃଙ୍କ ସମସ୍ତ ଆଦେଶ ପାଳନ କରୁଛନ୍ତି । ସେ କହିଲେ ନା । ତେବେ ପ୍ରଥମେ ନିଜ ଅବସ୍ଥା ନିରିକ୍ଷଣ କର ଯେ ଆମେ କିଭଳି ଅମଳ କରୁଛେ । ପୁନଃ "ୟୁମିନବି" ଉପରେ ମଧ୍ୟ ଅମଳ ନାହିଁ । ଯଦି ଦୁଆ କବୁଲ ନହୁଏ ତେବେ ଆମେ ଚିନ୍ତା କରିଥାଉଁ କି ଯେହେତୁ ଦୁଆ କବୁଲ ହେଉନାହିଁ ତେବେ ନିଶ୍ଚିତ ରୂପେ ବିଶ୍ୱାସରେ ଦୂର୍ବଳତା ରହିଛି । ହଜରତ୍ ଇବ୍ରାହିମ୍ [ଆ:ସ] ଙ୍କ ପରି ଦୃଢ ବିଶ୍ୱାସ ହେବା ଉଚିତ । ଯାହା ପୁର୍ବରେ ଚର୍ଚ୍ଚା ହୋଇସାରିଛି । ଦୋଷ ଦୁର୍ବଳତାକୁ ନିଜ ପାଇଁ ଏବଂ ସୁନାମ ତଥା କୃତିତ୍ୱକୁ ଅଲ୍ଲାଃଙ୍କ ନିମିତ୍ତ ହେବା ଏପରି ଅବସ୍ଥାରେ ଯେପରିକି ଅଲ୍ଲାଃ କହନ୍ତି କି ତେବେ ମୋର ଭକ୍ତ ମୋଠାରୁ ଆଶା କରିବା ଉଚିତ୍ ଯେ ଆମେ ତାଙ୍କ ଦୁଆକୁ କୁବୁଲ୍ କରିବୁ । ଅଲ୍ଲାଃ ଆମକୁ ନିଜ ଆଦେଶ ମୁତାବକ ଅମଳ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମ ବିଶ୍ୱାସକୁ ଦୃଢ଼ତା ପ୍ରଦାନ କରିବା ସହ ଆମ ପ୍ରାର୍ଥନାକୁ ସ୍ୱୀକୃତି ପ୍ରଦାନ କରନ୍ତୁ ।

ନମାଜ ପରେ ମୁଁ ଏକ ଜନାଜାଃ ଗାଏବ୍ ପଢାଇବି । ତାହା ସୟଦ୍ ଅସଦୁଲ୍ ଇସ୍‌ଲାମ୍ ଶାହା ସାହେବ୍ ଗ୍ଲାସ୍‌ଗୋ ଙ୍କର ଅଟେ । ସେ ସୟଦ୍ ନଇମ୍ ଶାହ ସାହେବ୍ ଙ୍କର ପୁତ୍ର ଅଟନ୍ତି । ସେମାନେ ପୁରୁଣା ଅହେମଦୀ ଏବଂ ତାଙ୍କ ବାପା, ଜେଜେବାପା ଓ କୁଟୁମ୍ବ ସମସ୍ତେ ସେବାକାରୀ ଅଟନ୍ତି ଚଳିତ ବର୍ଷ ମାର୍ଚ୍ଚ ୨୪ ତାରିଖ ଦିନ ତାଙ୍କୁ କିଛି ଦୁର୍ବୃତ ଆକ୍ରମଣ କରି ମାରିଦେଲେ ।"ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଯେଉନ" । ତାଙ୍କ ଦୋକାନ ସାମ୍‌ନାରେ କ୍ଷତ ବିକ୍ଷତ ଅବସ୍ଥା ରେ ପଡିଥିଲେ । ଅହେମଦି ହୋଇଥିବା ଯୋଗୁଁ ତାଙ୍କୁ ଶହୀଦ୍ କରି ଦିଆଗଲା । ଏପରି ଜୀବନ ଉତ୍ସର୍ଗ କରି ସେ ଶହିଦ୍ ମାନଙ୍କ ମଧ୍ୟରେ ସାମିଲ୍ ହୋଇଗଲେ । ପ୍ରେସ୍ ଓ ସରକାରୀ କାର୍ଯ୍ୟାଳୟରେ ତାଙ୍କ ପ୍ରତି ଘୋର ଦୁଃଖ ପ୍ରକାଶ କରାଗଲା । ଏଠି ପ୍ରଶାସନକୁ ମଧ୍ୟ ଏପରି ହତ୍ୟାକାରୀଙ୍କ ପାଇଁ କଠିନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ । ନଚେତ ଯଦି ମୌଲବୀ ମାନଙ୍କୁ ଖୋଲା ଛାଡି ଦିଆଯାଏ ତେବେ ସେମାନେ ଏ ଦେଶରେ ମଧ୍ୟ ବିଭ୍ରାଟ ସୃଷ୍ଟି କରିଦେବେ । ଯେପରି ଅନ୍ୟ ଦେଶମାନଙ୍କରେ କରିଚାଲିଛନ୍ତି । ଅସଦୁଲ୍ ଇସ୍‌ଲାମ୍ ସାହେବ ୧୯୭୪ ମସିହାରେ ରବଓ୍ୱା ରେ ଯନ୍ମ ଗ୍ରହଣ କରିଥିଲେ । ନୁସ୍‌ରତ୍ ଯାହାଁ ଏକା ଡେମୀରୁଏଫ୍ ଏସ୍ ସି ଶିକ୍ଷା ହାସଲ କରିବା ପରେ ୧୯୮୮ ମସିହାରେ ସେ ଗ୍ଲାସ୍‌ଗୋ ଆସି ନିଜ ବାପାଙ୍କ ସହିତ ମିଶି ବେପାର କଲେ । ସେ ଜଣେ ମୁସି ଥିଲେ ଏବଂ ନିଜ ଚାନ୍ଦାକୁ ନିୟମିତ ପ୍ରଦାନ କରନ୍ତି । ଖୋଦ୍ଦାମ କାର୍ଯ୍ୟରେ ଯୋଗ ଦିଅନ୍ତି, ଇଜତେମାରେ ଯୋଗ ଦିଅନ୍ତି ନମାଜ ଯୁମା ପାଇଁ ନିୟମିତ ଆସିଥାନ୍ତି । ସେ ଡାଃ ନସିରୁଦ୍ଦିନ୍ ସାହେବ କମର୍ କାଦିଆନିଙ୍କର ଜ୍ୱାଇଁ ଅଟନ୍ତି । କିଛିଦିନ ହେବ ସେ (ଭିନ୍ନ ଭିନ୍ନ ସମୟରେ) ଶାରୀରିକ ବ୍ୟାଧିରେ ଆକ୍ରାନ୍ତ ଥିଲେ । ଯଦ୍ୱାରା ସେ ମନେମନେ ଅଶାନ୍ତ ରହୁଥିଲେ । ଆଂଚଳିକ ଅମୀର ସାହେବ୍ କୁହନ୍ତି ଯେବେ ମୁଁ ତାଙ୍କ ସହିତ ସାକ୍ଷାତ କଲି ସେ ପରିଶେଷରେ ଖିଲାଫତ୍ ସହିତ ସମ୍ପର୍କର ସ୍ପଷ୍ଟିକରଣ କଲେ ।

କେତେଙ୍କ ଭୂଲ ଧାରଣା ଯେ ସେ ଯମାତକୁ ଛାଡି ଚାଲି ଜାଇଛନ୍ତି କିନ୍ତୁ ବାସ୍ତବରେ ଏହା ନୁହେଁ । ପ୍ରକୃତରେ ସେ ଜଣେ ଅହେମଦୀ ଥିଲେ ଏବଂ ସେଥିପାଇଁ ଶହିଦ୍ ମଧ୍ୟ ହେଲେ । ସେ ଅନ୍ତିମ ସମୟ ପର୍ଯ୍ୟନ୍ତ ନିୟମିତ ଖୁଦ୍ଧାମୁଲ ଅହେମଦୀୟା ଓ ଜମାତି କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ । ଶମ୍‌ସୁଦ୍ଦିନ୍ ସାହେବ୍ ଯେ କି କବାବିର୍‌ରେ ମୋବଲ୍ଲିଗ୍ ଅଛନ୍ତି । ସେ ଲେଖୁଛନ୍ତି, ଅସଦୁଲ୍ଲାଃ ସାହେବ୍‌ଙ୍କ ପତ୍ନୀ ଶ୍ରୀମତି ତୟବା ସାହେବା ମୋ ପତ୍ନୀଙ୍କର ଚଚା ଝିଅ ଭଉଣି ସେ କହନ୍ତି କିଛି ବର୍ଷ ପୂର୍ବେ ମତେ ଦୁଇଥର ତାଙ୍କ ଘରକୁ ଯିବାର ସୁଯୋଗ ମିଳିଲା ଓ ଗୋଟିଏ ରାତି ଘରେ କାଟିବବାର ଅବସର ମଧ୍ୟ ମିଳିଲା ।

ଉଭୟ ଥର ସେ ମୋ ସହିତ ଜମାତ୍ ଏବଂ ତବ୍‌ଲିଗ୍ ସମ୍ବନ୍ଧରେ ପଚାରନ୍ତି । ଏହାଛଡା ଅନ୍ୟ କୌଣସି ସାସଂାରିକ ବିଷୟରେ ବର୍ତାଳାପ ହୋଇନାହିଁ । ଦୁଇ ରାତି ମୁଁ ତାଙ୍କୁ ତହଜ୍ଜୁଦ୍ ନମାଜ ପାଠ କରିବାରେ ମଗ୍ନ ପାଇଲି । ଅଲ୍ଲାଃ ତାଙ୍କ ପ୍ରତି ଦୟା ଓ କ୍ଷମା ଆଚରଣ କରନ୍ତୁ ଓ ତାଙ୍କ ସ୍ତ୍ରୀ , ପିଲା ଓ ପିତାମାତାଙ୍କୁ ଧର୍ଯ୍ୟ ଓ ଶାନ୍ତି ପ୍ରଦାନ କରନ୍ତୁ । ଯେପରି ମୁଁ କହିଲି ନମାଜ ପାଠ ପରେ ମୁଁ ତାଙ୍କର ଜନାଜାଃ ଗାଏବ୍ ପଢାଇବି ।ଖୁତବାର ଶେଷରେ ହଜୁର ଶ୍ରୀମାନ ସୟଦ ଅସଦୁଲ ଇସଲାମ ଶାହ ସାହେବ ପିତା ସୟଦ ନୟିମ ଶାହ ସାହେବ ଯେ କି ଗ୍ଲାସଗୋ ର ନିବାସୀ ଥିଲେ । ତାଙ୍କ ପିତା ଓ ଦଦା ଉଭୟ ଧର୍ମ ସେବାରେ ବେଶ ଆଗରେ ଥିଲେ । ଚଳିତ ମାର୍ଚ୍ଚ ୨୪ ତାରିଖରେ ତାଙ୍କୁ ୪୦ ବର୍ଷ ବୟସରେ ଶହିଦ କରିଦିଆଗଲା (ଇନ୍ନା ଲିଲ୍ଲାଃ ଓ ଇନ୍ନାଇଲୈହ୍ ରାଜେଉନ) । ସେ ଡାଃ ନସିରୁଦ୍ଦିନ କମର ସାହେବ (ପନଶନର ସଦର ଅନଜୁମନ ଅହମଦିୟା କାଦିଆନ)ଙ୍କର ଜ୍ୱାଇଁ ଥିଲେ । ଆଥଳିକ ଅମିର ସାହେବ ଙ୍କର କହିବା ଅନୁସାରେ ଶେଷ ଦେଖାରେ ମଧ୍ୟ ତାଙ୍କ କଥାରେ ମୁଁ ଖଲିଫାଙ୍କ ସହ ପ୍ରେମ ଓ ନିବିଡତାର ଆଭାସ ସ୍ପଷ୍ଟ ବାରି ପାରୁଥିଲି । କେତେକ ଲୋକଙ୍କ ଏପରି ମନ୍ତବ୍ୟ ଠିକ୍ ନୁହେଁ କି ସେ ଜମାଅତ ଛାଡି ଜାଇଥିଲେ । ସେ ଅହମଦି ଥିଲେ ଏବଂ ଅହମଦି ଯୋଗୁଁ ତାଙ୍କୁ ଶହିଦ କରିଦିଆଗଲା । ଅଲ୍ଲାଃ ତାଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ ପିତାମାତା ଓ ପତ୍ନୀଙ୍କୁ ଧର୍ଯ୍ୟ,ଶାନ୍ତି ପ୍ରଦାନ କରନ୍ତୁ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତତ୍, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

**Title Code: PUNODI00001**

*The Weekly Qadian* **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

**Vol.1. Thursday 28 April / 5 May 2016 Issue No.8-9**

**MANAGER**
NAWAB AHMAD
Mobile. : (+91) 94170-20616
Tel : (+91)-1872-224757
e-mail :managerbadrqnd@gmail.com
ANNUAL SUBSCRIPTION:Rs.300/-

**ଆମକୁ ଆମର ବିରୋଧୀମାନେ ମୁସଲମାନ କୁହନ୍ତୁ ଅବା ଅଣମୁସଲମାନ କିନ୍ତୁ ଆମେ ଅଲ୍ଲାଃ ଓ ରସୁଲ ସ.ଆ.ସ ଙ୍କ ପ୍ରଦତ୍ତ ସଂଜ୍ଞା ଅନୁଯାୟୀ ମୁସଲମାନ ଅଟୁ ଏବଂ ଆମକୁ ଏଥିରୁ କେହି ବଂଚିତ କରିପାରିବେ ନାହିଁ ।**

# ୦୮ ଅପ୍ରେଲ ୨୦୧୬ ଖୁତ୍‌ବା ଜୁମାର ସାରାଂଶ, ସ୍ଥାନ : ମସଜିଦ ବୈତୁଲ୍ ଫୋତୁହ ଲଣ୍ଡନ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ -ଏକଦା ହଜରତ ମୁସଲେହ ମଉଦ ର.ଆ କହିଲେ ଆମ୍ଭମାନଙ୍କୁ (ସର୍ବଦା) ନିଜର ନିରୀକ୍ଷଣ କରିବା ଉଚିତ୍ ଯେ ଆମ୍ଭର କାର୍ଯ୍ୟକଳାପ ଏବଂ ନିଷ୍ପତିଗୁଡିକ କୋରାନ ଓ ହଦିସ ମୁତାବକ ଅଟେ କି ନାହିଁ । ଯଦି କୌଣସି ବିଷୟରେ କାହାରିକୁ କୋରାନ ଓ ହଦିସରୁ କିଛି (ଉପାୟ) ନମିଳେ ତେବେ ତାହାକୁ ପୂର୍ବ ଜ୍ଞାନି ଓ ସିଦ୍ଧପୁରୁଷମାନଙ୍କ ଶିକ୍ଷା ଓ ନିଷ୍ପତିର ଅନୁଶରଣ କରିବା ଉଚିତ୍ । ଏଥି ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ ଙ୍କୁ କେହି ଜଣେ ପ୍ରଶ୍ନ କଲେ, ଆମେ ସମସ୍ୟାର ସମାଧାନ କେଉଁଠାରୁ ହାସଲ କରିବୁ ? ଆପଣ କହିଲେ-ସର୍ବପ୍ରଥମେ କୋରାନରୁ ସମାଧାନ ଖୋଜିବା ଉଚିତ୍ ଯଦି ସେଥିରେ କୌଣସି ସମାଧାନ ନମିଳେ ତେବେ ହଦିସରୁ ଖୋଜିବାକୁ ହେବ । ଯଦି ସେଠାରୁ ମଧ୍ୟ କୌଣସି ସମାଧାନ ନମିଳେ ତେବେ ଧର୍ମଗୁରୁ ଓ ଜ୍ଞାନୀଗଣ ଏକ ମତ ହୋଇ ଯେଉଁ ନିଷ୍ପତି ଦେଇଛନ୍ତି ତାହାର ଅବଲମ୍ବନ କରିବା ଉଚିତ୍ । ଏଠାରେ ମନେରଖିବା ଉଚିତ୍ ଯେ ହଜୁର ଆ.ସ ହଦିସ ଅପେକ୍ଷା ସୁନ୍ନତକୁ ପ୍ରାଥମିକତା ଦେଇଛନ୍ତି । ତେଣୁ ଯାହା ସୁନ୍ନତରୁ ପ୍ରମାଣିତ ତାହାର ଅନୁକରଣ କରିବା ପରେ ହଦିସର ଶିକ୍ଷା ମୁତାବକ କାର୍ଯ୍ୟ କରିବା ଅନିର୍ବାର୍ଯ୍ୟ । ହଜରତ ମହମ୍ମଦ ସ.ଆ ଙ୍କ କାର୍ଯ୍ୟକଳାପ ହିଁ ସୁନ୍ନତ ଅଟେ,ଯାହା ସାହାବାମାନେ ଶିଖି ଅମଳ କଲେ । ପୁଣି ତାଙ୍କ ଅନ୍ତେ ତାଙ୍କ ପରବର୍ତୀ ସାହାବାଗଣ(ତବାତାବିୟିନ) ସେମାନଙ୍କ ଠାରୁ ଶିକ୍ଷା କରି ଅମଳ କଲେ । ଏଭଳି ଦେଖିଶିଖି ଅମଳ କରିବାର ପ୍ରକିୟା ଚାଲିଆସିଛି । ସେ ଯାହା ହେଉ ହଜରତ ମୁସଲେହ ମଉଦ ର.ଆ କୁହନ୍ତି-ଆମ୍ଭକୁ ଏସବୁ ଅନୁଧ୍ୟାନ କରି ଅମଳ କରିବା ଉଚିତ୍ । ଦେଖ କେତେକ ଲୋକ ପୁଣ୍ୟକର୍ମରେ ଏପରି ଆଗକୁ ବଢିଯାଇଥାନ୍ତି କି ନିଜ ଶରୀରର ଖାତିର୍ ନକରି ନିଜ ସାମର୍ଥ୍ୟ ଠାରୁ ବଳି କଷ୍ଟ ବରଦାସ୍ତ କରି, ନିଜ ଶରୀର ଉପରେ ଅତ୍ୟାଚାର କରିଥାନ୍ତି । ପୁଣି କେତେକ ଲୋକ ବରଂ ଏପରି କହିବା କଥା କି ଅଧିକାଂଶ ଲୋକ ଅଲ୍ଲାଃ ଓ ରସୁଲଙ୍କ ଆଦେଶକୁ ବେଖାତିର୍ କରି ତାହାର ଅମଳ ପ୍ରତି ଉଚିତ୍ ଧ୍ୟାନ ଦେଇନଥାନ୍ତି । ଉଭୟ ଶ୍ରେଣୀର ଲୋକେ ଏଭଳି ଆଚରଣ କରି ଅଲ୍ଲାଃ ଓ ରସୁଲଙ୍କ ଆଦେଶରୁ ବାହାରିଯାଇଥାନ୍ତି । ପୁଣ୍ୟକର୍ମରେ ଅଗ୍ରସର ଜଣେ ମହିଳାର ଉଦାହରଣ ଦେଇ ଆପଣ କୁହନ୍ତି ସେ ପୁଣ୍ୟକର୍ମ ନାମରେ ଅନୁଚିତ କାର୍ଯ୍ୟ କରିବାକୁ ଚାହୁଁଥିଲେ କିନ୍ତୁ ତାହା ପ୍ରକୃତରେ ପୁଣ୍ୟ ନୁହେଁ କାରଣ ଅଲ୍ଲାଃ ଓ ରସୁଲ ତାହାର ଅନୁମତି ପ୍ରଦାନ କରିନାହାନ୍ତି । ଏହି ଉଦାହରଣରୁ ସେମାନେ ମଧ୍ୟ ଶିକ୍ଷା ଲାଭ କରିବା ଉଚିତ୍ ଯେ ନିଜ ସ୍ୱପ୍ନକୁ ବେଶ ଗୁରୁତ୍ୱ ଦେଇଥାନ୍ତି । ଯେତେବେଳେ କି ସେମାନଙ୍କର ପ୍ରତ୍ୟେକ ସ୍ୱପ୍ନ ସତ୍ୟ ନୁହେଁ । ହଜରତ ମୁସଲେହ ମଉଦ ର.ଆ କୁହନ୍ତି ଆଜି ମୋ ନିକଟକୁ ଜଣେ ମହିଳା ଯେ କି ମାନସିକ ସ୍ତରରେ ଦୁର୍ବଳ ଥିଲେ, ଆସି କହିଲେ ମୁଁ ସ୍ୱପ୍ନ ଦେଖିଲି କି ହଜରତ ମସିହ ମଉଦ ଆ.ସ ଆସିଛନ୍ତି ଓ ମୋତେ କହିଲେ ଯଦି ତୁମେ କ୍ରମାଗତ ଭାବରେ ୬ ମାସ ରୋଜା ରଖ ତେବେ ଖଲିଫା ସୁସ୍ଥ ହୋଇଯିବେ(ସେତେବେଳେ ଆପଣ ଅସୁସ୍ଥ ଥିଲେ) । ହଜୁର ର.ଆ ତାଙ୍କୁ କହିଲେ-ତୁମ ସ୍ୱପ୍ନ ହଜରତ ମସିହ ମଉଦ ଆ.ସ ଙ୍କ ଭବିଷ୍ୟବାଣୀ ଠାରୁ ବଳି ନୁହେଁ । ଆପଣ ନିଜେ କହିଛନ୍ତି କି ଯଦି ମୋର କୌଣସି ଐଶ୍ୱରିକବାଣୀ କୋରାନ ଓ ସୁନ୍ନତ ବିପରୀତ ହୁଏ ତେବେ ମୁଁ ତାହାକୁ କଫ ପରି କାଢି ଫିଙ୍ଗିଦେଇ ଗଳା ସଫା କରିନେବି । ଯେତେବେଳେ ହଜୁର ଆ.ସ ନିଜ ଐଶ୍ୱରିକବାଣୀକୁ କୋରାନ ଓ ସୁନ୍ନତର ମୁତାବକ କହିଛନ୍ତି । ତେବେ ଆମକୁ ନିଜ ସ୍ୱପ୍ନ ଆପଣଙ୍କ ଆଦେଶ ଅନୁଯାୟୀ କରିବା କଥା । କିନ୍ତୁ ଯଦି (ଆମ) ସ୍ୱପ୍ନ କୋରାନ ଓ ରସୁଲଙ୍କ ସୁନ୍ନତ ବିପରୀତ ହୁଏ ତେବେ ତାହା ରଦ୍ଦ କରିବା ଉପଯୋଗ୍ୟ ଅଟେ । କାରଣ ଏପରି ସ୍ୱପ୍ନର କୌଣସି ସତ୍ୟାସତ୍ୟ ନଥାଏ । ତେଣୁ ଏପରି ସ୍ୱପ୍ନକୁ ଆଧାର କରି କୌଣସି କାର୍ଯ୍ୟ କରିବା ଯାହାର ସାମର୍ଥ୍ୟ ହିଁ ନଥିବ ଏମିତିକି ତାହା ପୁଣ୍ୟକର୍ମ ହେଉନା କାହିଁକି,ନିଜକୁ କଷ୍ଟ ଦେବା ଉଚିତ୍ ନୁହେଁ ବରଂ ପାପ ଅଟେ । ହିଁ ଯାହାଙ୍କୁ ଅଲ୍ଲାଃ ନିଜ କାର୍ଯ୍ୟ ନିମନ୍ତେ ଚୟନ କରିଥାନ୍ତି, ସେମାନଙ୍କ ସହ ତାଙ୍କର ଆଚରଣ ହିଁ ଭିନ୍ନ ହୋଇଥାଏ । କାରଣ ସେମାନେ ସାଧାରଣ ମଣିଷ ପରି ନୁହନ୍ତି ନା ସାଧାରଣ ମଣିଷଙ୍କ ତୁଳନା ସେମାନଙ୍କ ସହ କରାଯାଇପାରେ । ତେବେ ହଜରତ ମସିହ ମଉଦ ଆ.ସ କ୍ରମାଗତ ଭାବରେ ଯେଉଁ ୬ ମାସ ରୋଜା ରଖିଥିଲେ ଏଥିରେ ରହସ୍ୟ ଆପଣଙ୍କର ଭବିଷ୍ୟତରେ ଅବତାର ଉପାଧିରେ ମନୋନିତ ହେବାର ଥିଲା । ଦ୍ୱିତୀୟରେ ଆପଣ ଯାହା କୁହନ୍ତି ତାହା ଆମକୁ ମନେରଖିବା ଉଚିତ୍ ଅର୍ଥାତ ଆପଣ କହିଛନ୍ତି ମୁଁ ପ୍ରତ୍ୟେକଙ୍କୁ ଉପଦେଶ ଦେଉ ନାହିଁ କି ସେ ଏପରି ଦୀର୍ଘ ଦିନ ଧରି ରୋଜା ରଖୁ ନା ମୁଁ ନିଜ ଇଚ୍ଛାରେ ଏପରି କରିଥିଲି । ଅଲ୍ଲାଃ ମୋତେ ଏପରି କ୍ରମାଗତ ଭାବରେ ରୋଜା ରଖିବାର ନିର୍ଦ୍ଦେଶ ଦେଇଥିଲେ ଯଦ୍ୱାରା ମୁଁ କ୍ଷୁଧା ଓ ତୃଷ୍ଣାର ସ୍ୱାଦ ଚାଖିଥିଲି ଏବଂ ଏପରି ରୋଜା ରଖିବା ଭବିଷ୍ୟତରେ ତ୍ୟାଗ କରିଦେଲି । ତେବେ ସେ ଯାହା ହେଉ ଆପଣଙ୍କୁ ଅଲ୍ଲାଃ ଏପରି କରିବାର ଶକ୍ତି ପ୍ରଦାନ କରିଥିଲେ କିନ୍ତୁ ନିଜ ମାନ୍ୟକାରୀମାନଙ୍କୁ ଏପରି କ୍ରମାଗତ ଭବରେ ରୋଜା ରଖିବାକୁ ଆପଣ ବାରଣ କରିଛନ୍ତି ।

ପୁଣି ହଜରତ ମସିହ ମଉଦ ଆ.ସ ଙ୍କ ଉପରେ ଏକ ଆପତ୍ତି ଏହା ହୋଇଥାଏ କି ଆପଣ ଏକ ନୂତନ ଜମାଅତ ଗଠନ କରି ଝଗଡାର ମଞ୍ଜି ବୁଣି ଦେଲେ ଏବଂ ଆପଣଙ୍କ ନିଜ କହିବା ଅନୁଯାୟୀ ମୁସଲମାନମାନଙ୍କ ମଧ୍ୟରେ ଆଉ ଏକ ଗୋଷ୍ଠୀ (୭୩ତମ) ଗଠନ କରିଦେଲେ । ଯେତେବେଳେ କି ଆପଣଙ୍କୁ ଏହି ବିଭାଜନ ଯଥା ସମ୍ଭବ କମ୍ କରିବାର ପ୍ରୟାସ କରିବା ଉଚିତ୍ ଥିଲା । ତେବେ ଏପରି ଆପତି ମକ୍କାବାସୀମାନେ ହଜରତ ମୁହମ୍ମଦ ସ.ଆ.ସ ଙ୍କ ଉପରେ ମଧ୍ୟ କରିଥିଲେ କି ହଜୁର ସ.ଆ ଭାଇ ଠାରୁ ଭାଇକୁ ଅଲଗା କରିଦେଲେ ଏବଂ ପରସ୍ପର ମଧ୍ୟରେ ମତଭେଦ ଓ ଶତ୍ରୁତା ସୃଷ୍ଟି କରିଦେଲେ । ଯେତେବେଳେ କି ଏହି ମତାନ୍ତର ଓ ଶତ୍ରୁତା ସେମାନଙ୍କ ମଧ୍ୟରେ ଆଗରୁ ଥିଲା । ଏହି ଅବସ୍ଥା ଆଜିକାଲି ମୁସଲମାନମାନଙ୍କର ମଧ୍ୟ ଅଟେ । ରସୁଲଙ୍କୁ ପ୍ରେରଣ କରିବାରେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟ ଏହି ବିଚ୍ଛିନ୍ନତା ଓ ମତଭେଦ,ଝଗଡା ଆଦିକୁ ଦୂର କରି ସମସ୍ତଙ୍କୁ ଗୋଟିଏ ହାତରେ ଜମା କରିବା ସହ ଏକତାକୁ ସୁଦୃଢ କରିବା ଅଟେ । ସୁତରାଂ ଯେଉଁମାନେ ତାଙ୍କୁ ସ୍ୱୀକାର କରିଥାନ୍ତି ସେମାନେ ଶାନ୍ତିର ଭାଗୀଦାର ହେବା ସହ ଝଗଡାରୁ ନିବୃତ ରହିଥାନ୍ତି । କିନ୍ତୁ ଅନ୍ୟମାନେ ଝଗଡା ଓ ଦଙ୍ଗାରୁ ଭାଗ ନେଇଥାନ୍ତି । ବର୍ତମାନ ଆମ ବିରୁଦ୍ଧରେ ସେମାନେ ଯେଭଳି ଏକତ୍ରିତ ହୁଅନ୍ତୁ ନା କାହିଁକି ସେମାନେ ପରସ୍ପର ମଧ୍ୟରେ କେହି କାହାର ନୁହଁନ୍ତି । ସେମାନଙ୍କ ହୃଦୟରେ ପରସ୍ପର ପ୍ରତି ଘୃଣା ବିତୃଷ୍ଣା ମନୋଭାବ ଭରି ରହିଛି ଏବଂ ପରସ୍ପର ସହ (ସେମାନେ) ସର୍ବଦା କଳହରତ । ମନେରଖ ଯେପର୍ଯ୍ୟନ୍ତ ସେମାନେ ଯୁଗର ସୁଧାରକଙ୍କ ଆନୁଗତ୍ୟ ସ୍ୱୀକାର କରି ନାହାନ୍ତି ସେପର୍ଯ୍ୟନ୍ତ ପରସ୍ପର ସହ ଏହିପରି ଆଚରଣ କରୁଥିବେ । ଆମକୁ ଆମର ବିରୋଧୀମାନେ ମୁସଲମାନ କୁହନ୍ତୁ ଅବା ଅଣମୁସଲମାନ କିନ୍ତୁ ଆମେ ଅଲ୍ଲାଃ ଓ ରସୁଲ ସ.ଆ ଙ୍କ ପ୍ରଦତ୍ତ ସଂଜ୍ଞା ଅନୁଯାୟୀ ମୁସଲମାନ ଅଟୁ ଏବଂ ଆମ୍ଭକୁ ଏଥିରୁ କେହି ବଂଚିତ କରିପାରିବେ ନାହିଁ । ହଜରତ ମୁସଲେହ ମଉଦ ର.ଆ ଏହାର ନକ୍ସା ଟାଣି କୁହନ୍ତି ଜଣେ ବନ୍ଧୁ କହିଲେ ଏକଦା ଜଣେ ଅହଲେ ହଦିସ୍ (ଗୋଷ୍ଠୀର ଲୋକ) ହନଫିମାନଙ୍କ ମସଜିଦରେ ବାଜମାଅତ ନମାଜ ପାଠ କରୁଥିଲେ । ଅତୈଃୟାତୋ ପାଠକରି ତାଙ୍କର ଶାହାଦତ୍‌ର ଆଙ୍ଗୁଠି ଉଠାଇବାର ଥିଲା କି ସମସ୍ତେ ନମାଜ ଛାଡି ଏକସ୍ୱରରେ ତାଙ୍କୁ ହରାମୀ କହିବାକୁ ଲାଗିଲେ । କାରଣ ସେମାନେ ତଶହୁଦରେ ଆଙ୍ଗୁଳି ଉଠାନ୍ତି ନାହିଁ । ତେବେ ସେମାନଙ୍କ ନିକଟରେ ନମାଜ ପାଠ ସମୟରେ ଅନ୍ୟର ହରକତ ପ୍ରତି ନଜର ରଖିବା ଓ ନମାଜ ଭଙ୍ଗ କରି ଉକ୍ତ ବ୍ୟକ୍ତିକୁ ଗାଳିଗୁଲଜ କରିବା ତଥା ମାଡ ମାରିବା ଅପରାଧ ନୁହେଁ କିନ୍ତୁ ଆଙ୍ଗୁଳି ଉଠାଇଦେବା ଏକ ବଡ ଅପରାଧ ଅଟେ । ହଜରତ ମୁସଲେହ ମଉଦ ର.ଆ କୁହନ୍ତି ଏସବୁ କୁପ୍ରଥା ହଜରତ ମସିହ ମଉଦ ଆ.ସ ଙ୍କ ଆଗମନ ପୂର୍ବରୁ ପ୍ରଚଳିତ ଥିଲା । ଆପଣ ଆସି ଏସବୁର ଖଣ୍ଡନ କଲେ । ଜଣେ ହଜରତ ମସିହ ମଉଦ ଆ.ସ ଙ୍କୁ ଏହି ପ୍ରଶ୍ନ କଲେ କି ଆପଣ ଆସି ଆମ ମଧ୍ୟରେ ଝଗଡା ବଢାଇଦେଲେ । ଆପଣ ତାଙ୍କୁ ଉତର ଦେଲେ, ଠିକ୍ ଅଛି ମୋତେ ଗୋଟିଏ କଥା କୁହ ଶୁଦ୍ଧ କ୍ଷୀର ଭଲ ରଖିବା ପାଇଁ ତୁମେ ତାହାକୁ ଦହି ସହ ମିସାଇ ଦିଅ ନା ଅଲଗା ରଖ । ସମସ୍ତେ ଜାଣନ୍ତି କ୍ଷୀର ଭଲ ରଖିବା ନିମନ୍ତେ ଦହିର ଗୋଟିଏ ବୁନ୍ଦା ନପଡିବା ପରି କ୍ଷୀରକୁ ଅଲଗା ରଖାଯାଇଥାଏ । ସେହିପରି ଅଲ୍ଲାଃଙ୍କ ପ୍ରିୟ ଗୋଷ୍ଠୀ ମଧ୍ୟ ଅନ୍ୟ ଗୋଷ୍ଠୀ ସମୁହ ଠାରୁ ଭିନ୍ନ ଅଟେ । ଯଦ୍ୱାରା ସାଧାରଣ ଲୋକ ଓ ଅବତାରଙ୍କ ଗୋଷ୍ଠୀ ମଧ୍ୟରେ ଥିବା ପାର୍ଥକ୍ୟ ସ୍ପଷ୍ଟ ହୋଇଯିବ । ଯେପରି ଜଣେ ରୋଗୀଠାରୁ ଯଦି ସୁସ୍ଥ ଲୋକ ଅଲଗା ନରୁହେ ତେବେ ସେ ମଧ୍ୟ ରୋଗରେ ଆକ୍ରାନ୍ତ ହୋଇଯାଏ । ସେହିପରି ଅଲ୍ଲାଃତାଲା ନିଜ ପ୍ରିୟଜନଙ୍କ ଜମାଅତକୁ ଆଧ୍ୟାତ୍ମିକ ରୋଗରୁ ଦୂରେଇ ରଖିଥାନ୍ତି । ଯେମିତିକି ଅଲ୍ଲାଃ କୁହନ୍ତି **ୟା ଆୟୁହଲ୍ ଲଜିନା ଆମନୁ କୁ ଅନ୍ ଫୁସକୁମ୍ ଓ ଅହଲିକୁମ୍ ନାରା** ଅର୍ଥାତ ନିଜକୁ ଓ ନିଜ ଆତ୍ମୀୟମାନଙ୍କୁ ଅଗ୍ନିର ପ୍ରଭାବରୁ ରକ୍ଷା କର । ବର୍ତମାନ ଯଦି ଆପଣଙ୍କ ମାନ୍ୟକାରୀ ମହିଳାମାନେ ଅଣଅହମଦିମାନଙ୍କୁ ବିବାହ କରନ୍ତି ତେବେ ସ୍ୱାମୀଙ୍କ ଯୋଗୁଁ ସେମାନେ ଅହମଦିୟତରୁ ଦୂରେଇ ଯିବେ ନଚେତ୍ କଷ୍ଟ ପାଇ ମୃତ୍ୟୁ ବରଣ କରିବେ । କାରଣ ଘରର ବନ୍ଧନ ଏବଂ କଠୋର ଆଚରଣ ଫଳରେ ସେମାନଙ୍କର ଏପରି ପରିଣତି ହୋଇଥାଏ ।

ଅତଏବ ଯଦି ଆମେ ଅଣଅହମଦି ଘରେ ବନ୍ଧୁ ବାନ୍ଧୁଛେ ତେବେ ଏହା ମାତ୍ର ଧର୍ମକୁ ପ୍ରାଥମିକତା ଦେବା ଉଦ୍ଦେଶ୍ୟରେ ହେବା ଉଚିତ୍ ଏବଂ ଏହି ଚିନ୍ତାଧାରା କେବଳ ସେହି ବ୍ୟକ୍ତିଙ୍କ ମନକୁ ଆସିଥାଏ ଯେ ସଂସାର ଅପେକ୍ଷା ଧର୍ମକୁ ପ୍ରାଧାନ୍ୟ ଦେଇଥାନ୍ତି । ତେଣୁ ଏହା ଆମ ଯୁବ ପିଢୀମାନଙ୍କୁ ବୁଝିବା ଉଚିତ୍ ଯେ କି ଅହମଦି କନ୍ୟାମାନଙ୍କୁ ଛାଡି ଅଣଅହମଦି କନ୍ୟାମାନଙ୍କ ସହ ବିବାହ କରୁଛନ୍ତି । ଅତଏବ ନିଜକୁ ଅହମଦି କହୁଥିବା ଯୁବକମାନଙ୍କୁ ବୁଝିବା ଉଚିତ୍ ଯେ ନିଜ କାମନାର ବଶବର୍ତୀ ହୋଇ ଏପରି କରିବା ଉଚିତ୍ ନୁହେଁ । ନିଜ

*ଅବଶିଷ୍ଟାଂଶ ପୃଷ୍ଠା ନଂ. ୦୭ରେ ଦେଖନ୍ତୁ ......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar at Fazle-Umar Printing Press, Harchowal Road, Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, P.O:Qadian Distt:Gsp-143516, Punjab.India.Editor: Qamarul Haque Khan